# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-108 ◆TUESDAY ◆14 OCTOBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୦୮ ◆ମଙ୍ଗଳବାର ◆୧୪ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**‘କାନ୍ତାରା ଚାପ୍ଟର ୧’ ସଫଳତାର ରାଜ୍ ଖୋଲିଲେ ରିଷବ**

▶ପୃଷ୍ଠା ୧୧ ଦେଖନ୍ତୁ...




# ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ; କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ

**■ ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶନାମାକୁ ଅବମାନନା କରୁଛନ୍ତି ଗାଦିମଡ଼ା**
**■ ରାଜନୈତିକ ଚାପ ଆଗରେ ଅଧିକାରୀ ନାଚାର**

ଭୁବନେଶ୍ୱର,୧୩।୧୦ (ସମିସ): ପାଠ ପଢ଼ାଇବାକୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ଅଧ୍ୟାପକ ନାହାନ୍ତି। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨%ରୁ ଅଧିକ ଏବଂ ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦%ରୁ ଅଧିକ ପଦ ଖାଲି ପଡ଼ିଛି। ଅପରପକ୍ଷେ, ଅନେକ ଅଧ୍ୟାପକ ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ ନିୟୋଜିତ ହୋଇଛନ୍ତି। ଥରେ ବିଭାଗକୁ ବଦଳି ହୋଇଗଲେ ଫେରିବାକୁ କୁଣ୍ଠାବୋଧ କରୁଛନ୍ତି। ଯେନତେନ ପ୍ରକାରେ ଗାଦି ମାଡ଼ି ବସିବାକୁ ରାଜନୈତିକ ଚାପ ପ୍ରୟୋଗ କରୁଛନ୍ତି। ଫଳରେ ଶିକ୍ଷାନୁଷ୍ଠାନକୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦେଶନାମାକୁ ମଧ୍ୟ ଖାତିର୍ କରୁନାହାନ୍ତି। ନିର୍ଦ୍ଦେଶନାମାକୁ ମାସାଧିକ କାଳ ବିତିଥିଲେ ମଧ୍ୟ ଶିକ୍ଷାନୁଷ୍ଠାନରେ ଯୋଗ ଦେଉନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

ରାଜଧାନୀର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଶୁଭ୍ରାଂଶୁ କୁମାର ବେହେରା ଦୀର୍ଘ ଦିନରୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ଯାଇଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ ତାଙ୍କୁ ବିଜେବି କଲେଜକୁ ପ୍ରତ୍ୟାବର୍ତ୍ତନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ମାସାଧିକ କାଳ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଅନୁରୂପ ଭାବେ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦେବା ଅଭିଯୋଗ ହେବା ପରେ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ଡ. ପାଣ୍ଡବ ପ୍ରଧାନଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ପଠାଯାଇଥିଲା। ଗତ ସେପ୍ଟେମ୍ବର ୨୩ ତାରିଖରେ ତାଙ୍କୁ ନୂଆପଡ଼ାସ୍ଥିତ ମଡେଲ୍ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ମଧ୍ୟ ପ୍ରାୟ ୨୦ଦିନ ବିତିଥିଲେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଏପରିକି, ଉଭୟଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରିଲିଭ୍ ମଧ୍ୟ କରାଯାଉନାହିଁ। ରାଜନୈତିକ ଚାପ ପ୍ରୟୋଗ କରି ଯେନତେନ ଉପାୟରେ ବିଭାଗରେ ହିଁ ରହିବାକୁ ଉଭୟେ କସରତ କରୁଥିବା ଅଭିଯୋଗ ହୋଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମାକୁ ମଧ୍ୟ ଏମାନେ ଖାତିର୍ କରୁନାହାନ୍ତି।

ସେହିପରି ବିଜେବି କଲେଜରେ ମାନବଶାସ୍ତ୍ର (ଆନ୍ଥ୍ରୋପୋଲୋଜି) ବିଭାଗର ସହକାରୀ ପ୍ରାଧ୍ୟାପିକା ସମ୍ପ୍ରୀତି ପଣ୍ଡା ଉଚ୍ଚଶିକ୍ଷା ବିଭାଗରେ ଓ ଅର୍ଥନୀତି ବିଭାଗର ସହକାରୀ ପ୍ରାଧ୍ୟାପିକା ଲିପ୍‌ସା ମିଶ୍ର ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ମଧ୍ୟ ଡେପୁଟେସନ୍‌ରେ ଅଛନ୍ତି। ଅନୁରୂପ ଭାବେ ରାଜଧାନୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ହୃଷୀକେଶ ନାୟକ, କଟକ ଶୈଳବାଳା ମହିଳା ମହାବିଦ୍ୟାଳୟର ଗଣିତ ବିଭାଗର ସହକାରୀ ଅଧ୍ୟାପିକା ପ୍ରଭାତୀ ମଞ୍ଜରୀ ମହାନ୍ତି, ପୁରୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସହକାରୀ ପ୍ରଧ୍ୟାପକ ଶରତ ମାଝୀ, ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପିକା ରୂପଶ୍ରୀ ମହାପାତ୍ର ପ୍ରମୁଖ ଡେପୁଟେସନ୍‌ରେ ଯାଇ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସହ ବିଭିନ୍ନ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଅଧ୍ୟାପକ ଅଭାବରୁ ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଛି। ଅପରପକ୍ଷେ, ୟୁଜିସି ସ୍କେଲ୍‌ରେ ଦରମା ପାଉଥିବା ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକାମାନେ ବିଭାଗକୁ ଯାଇ କିରାଣି କାମ କରୁଛନ୍ତି। ଅନେକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବାରୁ କେବଳ ହାଜିରା ଦେଇ ଫେରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ସରକାରଙ୍କ ଦାୟିତ୍ୱହୀନ ଓ ଦୂରଦୃଷ୍ଟିବିହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଡେପୁଟେସନ୍‌ରେ ନେବା ବା ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତି ଚାପ ପକାଉଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକପ୍ରକାର ପ୍ରତିଯୋଗିତା ଲାଗି ରହିଛି। ଫଳରେ ବିଭାଗରେ ମଧ୍ୟ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ସେ କହିଛନ୍ତି।

**■ ମାଓବାଦୀ ସହିଦ ସପ୍ତାହ ପାଳନ ଅନ୍ତିମ ଦିନରେ ମାଓ ହିଂସା**

# ରେଳଧାରଣା ଉଡ଼ାଇବା ଘଟଣାର ଏନ୍‌ଆଇଏ ତଦନ୍ତ

ରାଉରକେଲା,୧୩।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ କେ.ବଲାଙ୍ଗ ଥାନା ଅଧୀନ କରମପଦା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇଦେବା ଘଟଣାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)କୁ ଦିଆଯାଇଛି। ମାଓବାଦୀ ସଂଗଠନ ପକ୍ଷରୁ ପାଳନ ହେଉଥିବା ସହିଦ ସପ୍ତାହର ଅନ୍ତିମ ଦିନରେ ଏହି ବିସ୍ଫୋରଣ କରାଯାଇଥିଲା। ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତକୁ ରିମାଣ୍ଡରେ ନେଇ ଭୁବନେଶ୍ୱରରେ ପଚରାଉଚରା କରୁଥିବା ସୂଚନା ମିଳିଛି।



ଗତ ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜିଓନାଲ ବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା। ଏନେଇ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଦେଖିବାକୁ ମିଳିଥିଲା। କିନ୍ତୁ, ଅଗଷ୍ଟ ୨ରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରି ଏକ ବଡ଼ଧରଣର ମାଓହିଂସା ଘଟାଇଥିଲେ। ମାଓବାଦୀମାନେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଙ୍ଗଡ଼ା ରେଳଷ୍ଟେସନ୍‌ରୁ ୩କିମି ଦୂରରେ ରେଳଧାରଣାର ଏକ ଖୁଣ୍ଟ ନିକଟରେ ଶକ୍ତିଶାଳୀ ପ୍ରେସର ଆଇଇଡି ଖଞ୍ଜିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଲ୍ୟାଣ୍ଡମାଇନ୍ ଉପରେ ବୁଦ୍ଧୁରାମ ମୁଣ୍ଡା ନାମକ ଜଣେ ଯୁବକଙ୍କ ଗୋଡ଼ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ଗୁରୁତର ଆହତ ବୁଦ୍ଧୁରାମଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୁନର୍ବାର ଅଗଷ୍ଟ ୩ତାରିଖ ସକାଳ ପ୍ରାୟ ୯ଟାରେ ସେହି ଟ୍ରାକ୍‌ର ଅନ୍ୟ ଏକ ଖୁଣ୍ଟ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା। ଆଜି ଉକ୍ତ ବିସ୍ଫୋରଣ ଘଟଣାଗୁଡ଼ିକର ତଦନ୍ତ ଭାର ଏନଆଇଏ ନିଜ ହାତକୁ ନେଇଥିବା ଜଣାଯାଇଛି।

# ରତ୍ନଭଣ୍ଡାରକୁ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ମନ୍ଦ: ବିଜେଡି

ଭୁବନେଶ୍ୱର, ୧୩।୧୦ (ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲି ଯାଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ରାଜ୍ୟ ବିଜେପି ସରକାରର ଉଦ୍ଦେଶ୍ୟ ମନ୍ଦ। ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଆଜି ଏହା କହିଛନ୍ତି।

**■ ରତ୍ନଭଣ୍ଡାରକୁ ନେଇ ନିର୍ବାଚନୀ ପ୍ରତିଶ୍ରୁତି କୁଆଡ଼େ ଗଲା?**
**■ ଗଣତି ମଣତିକୁ ନେଇ ସରକାର ଭୁଆଁ ବୁଲାଉଛନ୍ତି**
**■ ରତ୍ନଭଣ୍ଡାର ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରଶ୍ନଘେରରେ**

ଶ୍ରୀ ଖୁଣ୍ଟିଆ କହିଥିଲେ ଯେ ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତିମଣତି ନେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ବିଭିନ୍ନ ଅପପ୍ରଚାର କରିଥିଲା ରାଜ୍ୟ ବିଜେପି, କିନ୍ତୁ ବିଭିନ୍ନ ଆଳ ଦେଖାଇ ଆଜି ଯାଏଁ ସରକାର ଗଣତିମଣତି କରିପାରିନାହାନ୍ତି।

ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର ଏଏସ୍‌ଆଇକୁ ମରାମତି ପାଇଁ ଅନୁମତି ପ୍ରଦାନ କରିଥିଲେ। ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତି ମଣତି ପାଇଁ ପଦକ୍ଷେପ ନେଇଥିଲେ।



ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ। କିନ୍ତୁ ଏଯାଏ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତିମଣତି ପାଇଁ କୌଣସି କାର୍ଯ୍ୟ କରିନାହାନ୍ତି। ଯେହେତୁ ସ୍ୱଚ୍ଛତାର ସହ ଏହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ ଏବଂ ଏନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି, ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ଶ୍ରୀଜିଉଙ୍କ ବହୁମୂଲ୍ୟ ରତ୍ନ ଲୁଟ୍ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅବିଳମ୍ବେ ସରକାର ରତ୍ନଭଣ୍ଡାରର ଗଣତି ମଣତି ସ୍ୱଚ୍ଛତାର ସହ ସମ୍ପାଦନ କରି ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଭୁଜାଲିରେ ହାଣିଲେ, ବନ୍ଧୁକ ଦେଖାଇ ଲୁଟିଲେ

କପ୍ତିପଦା,୧୩।୧୦(ସମିସ): ଘରେ ପଶି ଭୁଜାଲିରେ ହାଣିଲେ ଏବଂ ବେକରେ ବନ୍ଧୁକ ଲଗାଇ ଘରୁ ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ। ଗଲା ବେଳେ ବାହାରୁ ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇଦେଲେ। କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ଗତକାଲି ସଂଧ୍ୟାରେ ଏଭଳି ଏକ ବଡ଼ ଧରଣର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଗ୍ରାମର କାର୍ତ୍ତିକେଶ୍ୱର ସାହୁ। ଶ୍ରୀ ସାହୁ ଏ ସଂପର୍କରେ ଆଜି କପ୍ତିପଦା ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ ଆରମ୍ଭ କରିଛି।

ଗତକାଲି ସଂଧ୍ୟାରେ କାର୍ତ୍ତିକେଶ୍ୱର ଓ ତାଙ୍କ ସ୍ତ୍ରୀ ଘରେ ଥିବା ବେଳେ ହଠାତ୍ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଭୁଜାଲି ଏବଂ ବନ୍ଧୁକ ଧରି ଘର ଭିତରକୁ ପଶି ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ଟିଭି ଦେଖୁଥିବା କାର୍ତ୍ତିକେଶ୍ୱରଙ୍କ ହାତକୁ ଭୁଜାଲିରେ ହାଣିବା ସହ ବେକରେ ବନ୍ଧୁକ ଲଗାଇ ଦେଇଥିଲେ। ଆଉ ଦୁଇଜଣ ଦୁର୍ବୃତ୍ତ ରୋଷେଇ କରୁଥିବା କାର୍ତ୍ତିକେଶ୍ୱରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ପରେ ସେମାନେ ଆଲମିରା, ଖଟ ଆଦି ଭାଙ୍ଗିବା ସହିତ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫ହଜାର ଟଙ୍କା ଓ ଅନ୍ନପୂର୍ଣ୍ଣା ପିନ୍ଧିଥିବା ସୁନାଚେନ୍ ମଧ୍ୟ ଲୁଟିନେଇ ପଳାଇଥିଲେ। ଲୁଟିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଦୁର୍ବୃତ୍ତମାନେ ଏକ ଘର ଭିତରେ ସେମାନଙ୍କୁ ବନ୍ଦ କରିଦେଇ ଫେରାର୍ ହୋଇଯାଇଥିଲେ।

# ଜମିବାଡ଼ି ବିବାଦରୁ ଭାଇକୁ ଗୁଳି କରି ହତ୍ୟା

ଭୁବନେଶ୍ୱର,୧୩।୧୦(ସମିସ): ପୁଣି ଅଶାନ୍ତ ହୋଇଛି ରାଜଧାନୀ ଉପକଣ୍ଠ। ଜମିବାଡ଼ି ବିବାଦରୁ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଆଉ କେହି ନୁହେଁ, ଖୋଦ୍ ଦାଦା ପୁଅ ଭାଇ ହିଁ ଏହି ନାରକୀୟ କାଣ୍ଡ ଘଟାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାରେ ଏଭଳି ଘଟଣା ଘଟିଛି। ମୃତକ ହେଲେ, ସରକନ୍ତରା ଗାଁର ପଠାଣି ଖୁଣ୍ଟିଆଙ୍କ ବଡ଼ପୁଅ ସୁଧାଂଶୁ ଖୁଣ୍ଟିଆ ଓରଫ୍ ରବି (୨୫)। ସେ ଠିକା ସଂସ୍ଥା ଅଧୀନରେ ଭୁବନେଶ୍ୱର ଏମ୍ସରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ରବିଙ୍କ ଦାଦା ପୁଅ ଭାଇ ଶିବାକୁ ଏଯାଏ ଧରି ପାରିନାହିଁ। ପୁଲିସ ଶିବାର ବାପା ସୁକାନ୍ତ, ମାଆ ଦ୍ରୌପଦୀ ଓ ସାନ ଭାଇ ଛବିକୁ ଅଟକ ରଖିଛି।

**■ ଏମ୍ସ ଲ୍ୟାବ ଆସିଷ୍ଟାଣ୍ଟ ମୃତ**
**■ ହତ୍ୟାକାଣ୍ଡ ପରେ ହଣାକଟା**
**■ ଗୋଟିଏ ପରିବାରର ୩ ଅଟକ**
**■ ସରକନ୍ତରାରେ ଉତ୍ତେଜନା**



ସୂଚନା ଅନୁସାରେ, ପଠାଣିଙ୍କ ସାନଭାଇ ସୁକାନ୍ତ ଗାଁରେ ବିବାହ କରିଥିବା ବେଳେ ଶଶୁର ଘରେ ରୁହନ୍ତି। ଡିହ ଜମିକୁ ପଠାଣିଙ୍କ ମାଆ ରବି ନାମରେ ପଞ୍ଜୀକରଣ କରିଦେଇଥିବାରୁ ତାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସୁକାନ୍ତ ଉକ୍ତ ଜମିରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲା ଏବେ ବି ବିଚାରାଧୀନ ରହିଛି। ହେଲେ ଡିହି ଜମି ମାଲିକାନାକୁ ନେଇ ପଠାଣି ଓ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଅନେକ ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଉଥିଲା। ଗାଁ ଲୋକଙ୍କ ହସ୍ତକ୍ଷେପ ସତ୍ତ୍ୱେ ଏହି ବିବାଦ ଥମି ନଥିଲା।

ସବୁଦିନ ଭଳି ସୋମବାର ସକାଳୁ ରବି ବାଇକ୍ ଯୋଗେ ଘରୁ କାର୍ଯ୍ୟସ୍ଥଳ ଏମ୍ସକୁ ବାହାରି ଯାଇଥିଲେ। ସକାଳ ପ୍ରାୟ ୯ଟାରେ ସେ ସରକନ୍ତରା ମଙ୍ଗଳା ମନ୍ଦିର ଅତିକ୍ରମ କରୁଥିବା ବେଳେ ଶିବା ତାକୁ ରାସ୍ତାରେ ଅଟକାଇଥିଲା। ରବି କିଛି ବୁଝିବା ଆଗରୁ ଶିବା ତା' ଉପରକୁ ଗୁଳି ଚଳାଇଥିଲା। ପ୍ରଥମ ଦୁଇଟି ଗୁଳି ରବିଙ୍କ ହାତରେ ବାଜିଥିଲା। ସେ ଭୟରେ ଗାଡ଼ି ଫୋପାଡ଼ି ଦେଇ ନିକଟସ୍ଥ ଏକ ବାଡ଼ି ଭିତରକୁ ପଶିଯାଇଥିବା ବେଳେ ଶିବା ମଧ୍ୟ ତାଙ୍କୁ ପିଛା କରିଥିଲା। ଶରୀରରେ ଗୁଳି ବାଜିଥିବାରୁ ବେଶୀ ଭିତରକୁ ଯାଇ ନପାରି ପଡ଼ି ଯାଇଥିଲେ। ଶିବା ତାଙ୍କ ପାଖକୁ ଯାଇ ପଏଣ୍ଟ ବ୍ଲାଙ୍କରୁ ଛାତିକୁ ଗୁଳି କରିଥିଲା। ଛାତିରେ ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ରବି। ସ୍ଥାନୀୟ ଲୋକେ ତାଙ୍କୁ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ହତ୍ୟାକାଣ୍ଡ ପରେ ରବିଙ୍କ ସମ୍ପର୍କୀୟ ଦାଦା ଜ୍ଞାନରଞ୍ଜନ ଖୁଣ୍ଟିଆଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସୁକାନ୍ତ, ଦ୍ରୌପଦୀ ଓ ଛବି ମିଶି ଏହି କାଣ୍ଡ ଭିଆଇଛନ୍ତି। ଶିବା ହିଁ ଗୁଳିକରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ପୁଲିସ ତାକୁ ଧରିବାରେ ସଫଳ ହୋଇ ପାରିନାହିଁ। ଘଟଣାସ୍ଥଳରେ ସିସିଟିଭି ନଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି।

**■ ଜେଲ୍ ପାଚେରି ଡେଇଁ ୨ କଏଦୀ ଫେରାର୍ ଘଟଣା**

# ବଦଳିଲେ ଚୌଦ୍ୱାର ସର୍କଲ ଜେଲ୍ ଜେଲର୍

କଟକ, ୧୩।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ଜେଲର୍ ସନ୍ତୋଷିନୀ ଦାଶଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କଣ୍ଟାବାଞ୍ଜି ଜେଲର୍ ତଥା ଅଧୀକ୍ଷକ ଥିବା ରଘୁରାଜ ମାଝୀଙ୍କୁ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ଜେଲ୍ ଡିଜିଙ୍କ ପକ୍ଷରୁ ଆଜି ଏକ ବଦଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ଅକ୍ଟୋବର୍ ୨ ତାରିଖ ବିଳମ୍ବିତ ରାତିରେ କଡ଼ା ପହରା ସତ୍ତ୍ୱେ ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ଫେରାର୍ ହୋଇଯାଇଥିଲେ। ରାଜ୍ୟର ସର୍ବ ବୃହତ୍ ଜେଲ ଭାବେ ପରିଗଣିତ ଏହି ଜେଲର ସୁଉଚ୍ଚ ପାଚେରୀ ଡେଇଁ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିହାରର ରାଜା ସାହାଣୀ ଓ ମଧୁକାନ୍ତ କୁମାର ନାମକ ୨ଜଣ କଏଦୀ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗତ ୮ ମାସ ହେବ ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ଭାବେ ସଜା କାଟୁଥିଲେ। ଏହି ଘଟଣାରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ସୁଦ୍ଧା ଆଉ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହି ଘଟଣାର ଦୀର୍ଘ ୧୧ ଦିନ ପରେ ଜେଲରଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।

# ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବାଧକ ହେବନି ଜଙ୍ଗଲ ଜମି

**ତ୍ୱରିତ କିସମ ପରିବର୍ତ୍ତନ ପାଇଁ ବିଭାଗର ନିର୍ଦ୍ଦେଶ**

ଭୁବନେଶ୍ୱର, ୧୩।୧୦ (ସମିସ): ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ସରିବା ଦରକାର। ଏଥିପାଇଁ ଏ ସମ୍ପର୍କିତ ସମସ୍ତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟ ରହିବା ଆବଶ୍ୟକ। ବିଭାଗଗୁଡ଼ିକ ନିଜନିଜ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଯେପରି ଜଙ୍ଗଲ ଜମି କିସମ ପରିବର୍ତ୍ତନ ବାଧକ ସାଜିବନି, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ରାଜ୍ୟ ସରକାର ସ୍ଥିତି ସମୀକ୍ଷା କରିଛନ୍ତି। ଏହି କ୍ରମରେ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗଡ଼ିକ ପାଇଁ ଜଙ୍ଗଲ ଜମି କିସମ ପରିବର୍ତ୍ତନର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ବିଭାଗଗୁଡ଼ିକର କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ-ପୂର୍ବ ରେଳବାଇର ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪-ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ ରହିଛି।

ଅତିରିକ୍ତ ମୁଖ୍ୟ ସଚିବ ବୈଠକରେ ଅବଗତ କରାଇଛନ୍ତି ଯେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଅନୁମୋଦନ ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଏହି ପ୍ରକଳ୍ପଗୁଡ଼ିକ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସମସ୍ତ କାର୍ଯ୍ୟ ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ପର୍ଯ୍ୟାୟରେ ନିୟମିତ ନିରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ୟୁଜର୍ ଏଜେନ୍ସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କ ନିକଟରେ ତ୍ୱରିତ ଭାବେ ଦାଖଲ କରିବେ, ଯାହାଦ୍ୱାରା ପ୍ରକ୍ରିୟା ସମୟ କମିବ ବୋଲି ବିଭାଗ ଆଶା ପ୍ରକଟ କରିଛି।

# ନିଶାସକ୍ତ ପୁଅର ଛୁରାମାଡ଼ରେ ମା' ଗୁରୁତର

ବେତନଟୀ, ୧୩।୧୦(ସମିସ): ନିଶାସକ୍ତ ପୁଅର ଛୁରାମାଡ଼ରେ ମା' ଗୁରୁତର। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ଆହତ ମହିଳାଜଣଙ୍କ ହେଲେ, ଆଶାକର୍ମୀ ସୁଶୀଳା ବାରିକ। ସେ ବେତନଟୀ ଡାକ୍ତରଖାନାରେ କାର୍ଯ୍ୟରତ। ରବିବାର ପୋଲିଓ ଦିବସ ଥିବାରୁ ସୁଶୀଳା ଦିନତମାମ ବେତନଟୀ ଡାକ୍ତରଖାନାରେ ରହି ଅପରାହ୍ଣରେ ଘରକୁ ଫେରିଥିଲେ। ଘରେ ସ୍କୁଟି ରଖି ଗାଡ଼ିରୁ ବ୍ୟାଗ୍ ନେଉଥିବା ସମୟରେ ହଠାତ୍ ତାଙ୍କ ସାନପୁଅ ମୁନା ବାରିକ ଦୌଡ଼ି ଆସି ଏକ ଧାରୁଆ ଛୁରିରେ ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ପେଟରେ ଛୁରି ଭୁସିଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରିବାରଲୋକ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପୁଲିସ ସୁଶୀଳାଙ୍କ ଘର ଏବଂ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛି। ସୁଶୀଳାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି।

**କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ନିଷ୍ପତ୍ତି**

# ଭବିଷ୍ୟନିଧି ପାଣ୍ଠିରୁ ସବୁ ଅର୍ଥ ଉଠାଇପାରିବେ ସଦସ୍ୟ

**■ ୧୦୦% ପିଏଫ୍ ଉଠାଣକୁ ମଞ୍ଜୁରୀ**
**■ ଶିକ୍ଷା ପାଇଁ ୧୦ ଥର, ବିବାହ ପାଇଁ ୫ ଥର ଟଙ୍କା ଅନୁମତି**

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ଏଣିକି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ସମ୍ପୂର୍ଣ୍ଣ ଅର୍ଥ ରାଶି ଉଠାଇପାରିବେ ସଦସ୍ୟ। ସୋମବାର କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କର୍ମଚାରୀଙ୍କୁ ସେମାନଙ୍କ ଆବଶ୍ୟକତା ପାଇଁ ସହଜରେ ପିଏଫ୍ ଉଠାଣ କରିବା ଏବଂ ସେମାନଙ୍କର ଅବସରକାଳୀନ ସଞ୍ଚୟକୁ ସୁଦୃଢ଼ କରିବା ପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବର୍ତ୍ତମାନ କେବଳ ତିନୋଟି ବର୍ଗରେ ଅତ୍ୟାବଶ୍ୟକ ଆବଶ୍ୟକତା (ରୋଗ, ଶିକ୍ଷା, ବିବାହ), ଗୃହ ଆବଶ୍ୟକତା (ଘର ସମ୍ବନ୍ଧୀୟ ଖର୍ଚ୍ଚ) ଏବଂ ବିଶେଷ ପରିସ୍ଥିତିରେ ସଦସ୍ୟମାନେ ଏବେ ସେମାନଙ୍କର ପିଏଫ୍ ଆକାଉଣ୍ଟରୁ ସମ୍ପୂର୍ଣ୍ଣ ବାଲାନ୍ସ (କର୍ମଚାରୀ ଏବଂ ନିଯୁକ୍ତିଦାତା ଉଭୟ ଅଂଶ ସମେତ) ଉଠାଣ କରିପାରିବେ। ପୂର୍ବରୁ, ଶିକ୍ଷା ଏବଂ ବିବାହ ପାଇଁ କେବଳ ୩ଥର ଉଠାଣ ଅନୁମତି ଥିଲା, କିନ୍ତୁ ବର୍ତ୍ତମାନ ଶିକ୍ଷା ପାଇଁ ୧୦ ଥର ଏବଂ ବିବାହ ପାଇଁ ୫ ଥର ଅର୍ଥ ଉଠାଣ କରାଯାଇପାରିବ। ଏହାସହିତ ସର୍ବନିମ୍ନ ସେବା ଅବଧିକୁ ୧୨ ମାସକୁ ହ୍ରାସ କରାଯାଇଛି, ଯାହା ପୂର୍ବରୁ ବିଭିନ୍ନ ଆବଶ୍ୟକତା ପାଇଁ ଭିନ୍ନ ରହିଥିଲା। ପୂର୍ବରୁ, ବିଶେଷ ପରିସ୍ଥିତିରେ (ଯେପରିକି ପ୍ରାକୃତିକ ବିପର୍ଯ୍ୟୟ, ବେକାରୀ କିମ୍ବା ମହାମାରୀ) ସଦସ୍ୟଙ୍କୁ ଟଙ୍କା ଉଠାଣ ପାଇଁ ଏକ କାରଣ ଦର୍ଶାଇବାକୁ ପଡୁଥିଲା, ଯାହା ପ୍ରାୟତଃ କ୍ଲେମ୍ ବା ଦାବିକୁ ପ୍ରତ୍ୟାଖ୍ୟାନ କରୁଥିଲା। ବର୍ତ୍ତମାନ ଏହି ଅସୁବିଧା ଦୂର ହୋଇଛି। ସଦସ୍ୟମାନେ ବିଶେଷ ପରିସ୍ଥିତିରେ ବିନା କୌଣସି କାରଣ ଦର୍ଶାଇ ଆକାଉଣ୍ଟରୁ ଟଙ୍କା ଉଠାଣ କରିପାରିବେ। ଇପିଏଫ୍‌ଓ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ସଦସ୍ୟମାନେ ସର୍ବଦା ସେମାନଙ୍କ ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବେ। ଏହା ସଦସ୍ୟମାନଙ୍କୁ ୮.୨୫% ସୁଧ ହାର ଏବଂ ଚକ୍ରବୃଦ୍ଧି ସୁଧ ପାଇବା ସୁନିଶ୍ଚିତ କରିବ, ଯାହା ସେମାନଙ୍କୁ ଏକ ଯଥେଷ୍ଟ ଅବସର କର୍ପସ ପାଣ୍ଠି ଗଠନ କରିବାକୁ ସକ୍ଷମ କରିବ। ନୂତନ ନିୟମ ଅନୁଯାୟୀ, କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାର ଆବଶ୍ୟକତା ରହିବ ନାହିଁ। ଟଙ୍କା ଉଠାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ, ଯାହା ଦାବି ସମାଧାନକୁ ତ୍ୱରାନ୍ୱିତ କରିବ। ଏହା ସହିତ, ଅପରିପକ୍ୱ ଚୂଡ଼ାନ୍ତ ସମାଧାନ ପାଇଁ ଅବଧି ୨ ମାସରୁ ୧୨ ମାସକୁ ବୃଦ୍ଧି କରାଯାଇଛି ଏବଂ ଚୂଡ଼ାନ୍ତ ପେନସନ ଉଠାଣ ଅବଧି ୨ମାସରୁ ୩୬ ମାସକୁ ବୃଦ୍ଧି କରାଯାଇଛି।

# ରାଜ୍ୟରେ ନିର୍ଯାତିତା ଓଡ଼ିଆ ଝିଅଙ୍କୁ ନ୍ୟାୟ ଦେବାରେ ସରକାର ଉଦାସୀନ କାହିଁକି: ବିଜେଡି

**■ ପଶ୍ଚିମବଙ୍ଗ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ନିନ୍ଦନୀୟ**
**■ ରାଜ୍ୟର ଚର୍ଚ୍ଚିତ ମହିଳା ନିର୍ଯାତନା ଘଟଣାରେ ମଧ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ**
**■ ଓଡ଼ିଶାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ନାହିଁ**

ଭୁବନେଶ୍ୱର,୧୩।୧୦(ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶା ସରକାର ତତ୍ପରତା ଦେଖାଉଛନ୍ତି। ଏହା ସ୍ୱାଗତଯୋଗ୍ୟ। ମାତ୍ର, ଓଡ଼ିଶାରେ ଘଟୁଥିବା ଅନେକ ମହିଳା ନିର୍ଯାତନା ମାମଲାରେ ରାଜ୍ୟ ବିଜେପି ସରକାରଙ୍କ କାହିଁକି ସେଭଳି ତତ୍ପରତା ଦେଖିବାକୁ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି।


ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳା ନିର୍ଯାତନା ଘଟଣା ଅହେତୁକ ବୃଦ୍ଧି ପାଇଛି। କିନ୍ତୁ ଏହି ସବୁ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ରହୁଥିବା ଦେଖିବାକୁ ମିଳୁଛି। ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାଗୁଡ଼ିକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି। ପଶ୍ଚିମବଙ୍ଗ ଘଟଣାରେ ଓଡ଼ିଶା ସରକାର ଯେପରି ତତ୍ପରତା ଦେଖାଇଛନ୍ତି, ସେପରି ତତ୍ପରତା ଓଡ଼ିଶାରେ ଘଟୁଥିବା ମହିଳା ନିର୍ଯାତନା ଘଟଣାରେ ଦେଖିବାକୁ ମିଳୁନାହିଁ।

ପଶ୍ଚିମବଙ୍ଗ ଘଟଣାରେ ଜାତୀୟ ମହିଳା କମିସନ ଆସିଥିବା ବେଳେ ଓଡ଼ିଶାର ମହିଳା କମିସନ୍ ମଧ୍ୟ ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଘଟିଥିବା ସମ୍ବେଦନଶୀଳ ମହିଳା ନିର୍ଯାତନା ଘଟଣାରେ ଜାତୀୟ ମହିଳା କମିସନ ଆସିବା ତ ଦୂରେ ଥାଉ, ରାଜ୍ୟ ମହିଳା କମିସନ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟରେ ଗତ ୧୪ମାସ ଭିତରେ ୩୭,୬୧୧ ମହିଳା ନିର୍ଯାତନା ଘଟଣା ଘଟିଥିଲା ବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣା, ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା, ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଥିଲେ ମଧ୍ୟ ଜାତୀୟ ମହିଳା କମିସନଙ୍କ ଦେଖା ମିଳିନଥିଲା। ସେହିପରି ରାଜ୍ୟ ମହିଳା କମିସନଙ୍କର ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନଜରକୁ ଆସିନଥିଲା।

ଏହାବ୍ୟତୀତ, ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପରେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ଉପରେ ସେ ଉଭୟ ଜାତୀୟ ଓ ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଉଭୟଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଓଡ଼ିଶାରେ ବାସ କରୁଥିବା ମହିଳାଙ୍କ ସହ ରାଜ୍ୟ ବିଜେପି ସରକାର କାହିଁକି ପାତରଅନ୍ତର କରୁଛନ୍ତି? ଗୋପାଳପୁର ଗଣଦୁଷ୍କର୍ମ ଘଟଣା ହେଉ କି ସୌମ୍ୟାଶ୍ରୀ ଘଟଣା, ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା ହେଉ କି ବାଲି ହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା; ରାଜ୍ୟ ସରକାର ପୀଡ଼ିତା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 43 ♦ISSUE-108 ♦TUESDAY ♦14 OCTOBER 2025 ♦PAGE-12 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୦୮ ♦ମଙ୍ଗଳବାର ♦୧୪ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ



**ଷ୍ଟକ୍‌ହାମ, ୧୩।୧୦ (ଏଜେନ୍ସି):** ଚଳିତ ବର୍ଷ ପାଇଁ ଅର୍ଥନୀତିରେ ତିନି ଜଣ ଅର୍ଥଶାସ୍ତ୍ରୀଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆମେରିକାର ଜୋଏଲ ମୋକିର , ପିଟର ହାଭିଟ ଏବଂ ବ୍ରିଟେନର ଫିଲିପ ଏଘିୟାନଙ୍କୁ ଡିସେମ୍ବର ୧୦ରେ ଏହି ବଡ଼ ସମ୍ମାନ ଦିଆଯିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ନବୋନ୍ମେଷ ଦ୍ୱାରା କେମିତି ଆର୍ଥିକ ବିକାଶର ଦ୍ୱାର ଖୋଲିଥାଏ ତାହା ଏହି ଅର୍ଥଶାସ୍ତ୍ରୀମାନେ ଦର୍ଶାଇ ଥିଲେ। ପ୍ରଯୁକ୍ତିବିଦ୍ୟା ଦ୍ରୁତଗତିରେ ବଦଳି ଥାଏ। ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ଥାଏ। ଉତ୍ପାଦ ଏବଂ ଉତ୍ପାଦନର ନୂଆ ଉଦ୍ଭାବନା ପୁରୁଣାକୁ ବଦଳାଇ ଦେଇଥାଏ। ଏହି ପ୍ରକ୍ରିୟା ଅନବରତ ଭାବେ ଜାରି ରହିଥାଏ। ଏହି ଧାରା କେବେ ବନ୍ଦ ନ ହୋଇ ଆର୍ଥିକ ବିକାଶର ଆଧାର ହୋଇ ରହିଛି। ଏହା ଦ୍ୱାରା ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ସ୍ତର ବଦଳି ଥାଏ। ଏହି ନୋବେଲ ▶ପୃଷ୍ଠା-୭

# ପାକିସ୍ତାନରେ 'ଗାଜା ଶାନ୍ତି ଚୁକ୍ତି' ନିଆଁ

## ପୁଲିସ ଗୁଳିରେ ୨୦୦ ମୃତ, ୧୫୦୦ ଆହତ



■ **ଇସଲାମାବାଦ୍, ୧୩।୧୦ (ଏଜେନ୍ସି):** ପାକିସ୍ତାନରେ ଗାଜା ଶାନ୍ତି ଚୁକ୍ତି ଯୋଜନାକୁ ବିରୋଧ କରି ଗତ ୫ ଦିନ ହେବ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ବିକ୍ଷୋଭ ଏବେ ହିଂସାର ଉଗ୍ର ରୂପ ନେଇଛି। ବିକ୍ଷୋଭକାରୀଙ୍କ ଉପରକୁ ପୁଲିସ ଗୁଳି ଚଲାଇଛି। ଏଥିରେ ୨୦୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦୦ ଲୋକ ଆହତ ହୋଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନାକୁ ପାକିସ୍ତାନ ପ୍ରଥମେ ସମର୍ଥନ କରିଥିଲା। ଏହାକୁ ନେଇ ପାକିସ୍ତାନରେ ବିଭିନ୍ନ ରାଜନୈତିକ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଜଣାଇ ତେହେରିକ-ଇ- ଲାବେକ ପାର୍ଟି (ଟିଏଲ୍‌ପି) ରାଜଧାନୀ ଇସଲାମାବାଦ ଘେରାଉ କରିଛି। ଏହାର ଲକ୍ଷାଧିକ ସମର୍ଥକ ଇସଲାମାବାଦରେ ଆମେରିକାର ଦୂତାବାସ ସମ୍ମୁଖରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। କିନ୍ତୁ ପ୍ରଶାସନ ଏଥିପାଇଁ ଅନୁମତି ନଦେବାରୁ ସେମାନେ ଇସଲାମାବାଦ ବାହାରେ ଅଟକି ରହିଛନ୍ତି। ବିକ୍ଷୋଭକାରୀ ହିଂସାରେ ମାତିଥିବାରୁ ସେମାନଙ୍କୁ ଅଟକାଇବାକୁ ଯାଇ ପୁଲିସ ପକ୍ଷରୁ ଗୁଳିମାଡ଼ କରାଯାଇଛି। ଏଥିରେ ୨୦୦ ଲୋକ ନିହତ ହୋଇଥିବା (ଟିଏଲ୍‌ପି) ଦାବି କରିଛି। ଏଥିରେ ସଂଗଠନର ମୁଖ୍ୟ ସାଦ ହୁସେନ ରିଜ୍‌ଭି ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେ ଲାହୋରରୁ ଇସ୍‌ଲାମାବାଦ୍ ପର୍ଯ୍ୟନ୍ତ ଇସ୍ରାଏଲ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ମେଡିକାଲ ସେଣ୍ଟରକୁ ନିଆଯାଇଛି ଓ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା କେଉଁଠି ହୋଇଛି, କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସଂଘର୍ଷ ।।ରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି।

## ଗାଜାରେ ହମାସ୍-ଆଦିବାସୀ ସଂଘର୍ଷ

### ୬୪ ମୃତ, ପାଲେଷ୍ଟାଇନ୍ ସାମ୍ବାଦିକ ନିହତ

■ **ଗାଜା ସିଟି, ୧୩।୧୦(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରେ ଶାନ୍ତି ପ୍ରତିଷ୍ଠାର ବାଟ ଫିଟିଛି। କିନ୍ତୁ ଏତିକିବେଳେ ଆଉ ଏକ ସଂଘର୍ଷର ସୂତ୍ରପାତ ହୋଇଛି। ଗାଜା ସିଟିରେ ରବିବାର ହମାସ ଓ ଦୋଘମୁଶ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ୬୪ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୫୨ ଦୋଘମୁଶ ଓ ୧୨ ଜଣ ହମାସ ଯୋଦ୍ଧା ସାମିଲ ରହିଛନ୍ତି। ହମାସର ବରିଷ୍ଠ ଅଧିକାରୀ ବାସେମ ନାଇମ୍ ଏହି ସଂଘର୍ଷ ମୃତ୍ୟୁବରଣ କରିଛନ୍ତି ବୋଲି ହମାସ ଟେଲିଭିଜନ ତରଫରୁ କୁହାଯାଇଛି। ଏଥିରେ ପାଲେଷ୍ଟାଇନ୍ ସମ୍ବାଦିକ ସାଲେହ ଅଲଜାଫ୍ରାଇ ମଧ୍ୟ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏଥିସହ ଗାଜା ଯୁଦ୍ଧରେ ଏପର୍ଯ୍ୟନ୍ତ ୨୭୦ ସାମ୍ବାଦିକ ପ୍ରାଣ ହରାଇଛନ୍ତି। ସବ୍ରା ଅଞ୍ଚଳରେ ଥିବା ଦୋଘମୁଶ ଆଦିବାସୀଙ୍କ ଠିକଣା ଉପରେ ହମାସ ଆକ୍ରମଣ କରିବାର ଏହି ସଂଘର୍ଷର ସୂତ୍ରପାତ ହୋଇଥିଲା। ଅସ୍ତ୍ରବିରତି ଲାଗୁ ହେବାର ଫାଇଦା ଉଠାଇ ହାମାସ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ କରିଥିଲା ବୋଲି ଦୋଘମୁଶ୍ ଆଦିବାସୀ ସମ୍ପ୍ରଦାୟ ତରଫରୁ ଅଭିଯୋଗ କରାଯାଇଛି। ଯେଉଁ ମିଲିସିଆ ସଦସ୍ୟ ଓ ଅପରାଧୀ ଏହି ରକ୍ତପାତରେ ସାମିଲ ନାହାନ୍ତି ସେମାନେ ରବିବାର ସୁଦ୍ଧା ଆତ୍ମସମର୍ପଣ କରିବାକୁ ହମାସ ନିର୍ଦ୍ଦେଶ ଦେଇଛି। ନହେଲେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି କୁହାଯାଇଛି। ଏହାପୂର୍ବରୁ ୨୦୨୪ରେ ହମାସ ଦୋଘମୁଶ ନେତାଙ୍କୁ ହତ୍ୟା କରିଥିଲା। ଦୋଘମୁଶ ହେଉଛି ଏକ ତୁର୍କୀ ଶବ୍ଦ। ଏହାର ଅର୍ଥ ହେଉଛି ଯେଉଁମାନେ ତୁର୍କୀରେ ଜନ୍ମଗ୍ରହଣ କରିଛନ୍ତି। ବିଂଶ ଶତାବ୍ଦୀରେ ଏହି ଆଦିବାସୀ ତୁର୍କୀରୁ ଆସ ଗାଜାରେ ସ୍ଥାୟୀ ଭାବେ ବସତି ସ୍ଥାପନ କରିଥିଲେ। ଆଲକାଏଦା ସହ ଦୋଘମୁଶ ମିଲିସିଆଙ୍କ ଘନିଷ୍ଠତା ରହିଥିବା ଅଭିଯୋଗ ହୋଇଆସୁଛି।

## ରାଜଧାନୀ ଅଶାନ୍ତ; ନବୀନଙ୍କ କ୍ଷୋଭ

### ରାଜ୍ୟରେ ଖୋଲାଖୋଲି ଆତଙ୍କରାଜ; ଲୋକଙ୍କୁ ସୁରକ୍ଷା ଯୋଗାଇବ କିଏ ?



**ଗୋଟିଏ ଦିନରେ ଭୁବନେଶ୍ୱରରେ ଘଟିଛି ଏକାଧିକ ଅପରାଧିକ ଘଟଣା**

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସଜାଗ ନ ହେବା ଆଶ୍ଚର୍ଯ୍ୟର ବିଷୟ**

■ **ଭୁବନେଶ୍ୱର,୧୩।୧୦(ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଣି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ରାଜଧାନୀ ଅଶାନ୍ତ ଥିବାବେଳେ ଆତଙ୍କରାଜ ଖୋଲାଖୋଲି ବୃଦ୍ଧି ପାଇଛି।ଏପରିସ୍ଥଳେ ସାଧାରଣ ଲୋକଙ୍କୁ କିଏ ସୁରକ୍ଷା ଦେବ ବୋଲି ନବୀନ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି।

ନବୀନ କହିଛନ୍ତି ଯେ ଗୋଟିଏ ଦିନରେ ଭୁବନେଶ୍ୱରରେ ଜଣେ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ନିର୍ମମ ହତ୍ୟା, ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଚନ୍ଦ୍ରଶେଖରପୁରରେ ବିଭତ୍ସ ହତ୍ୟାକାଣ୍ଡ ସହ ରେଳ ଷ୍ଟେସନରେ ଜନୈକ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ ଘଟଣା ସାଧାରଣ ଲୋକଙ୍କୁ ଆତଙ୍କିତ କରିଛି। କେବଳ ଘଟଣା ଘଟିବା ପରେ ବିଜେପି ସରକାରରେ ପୁଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧୀଙ୍କୁ ଭୟଶୂନ୍ୟ କରିଦେଉଛି। କଥା କଥାକେ ଦିବାଲୋକରେ ଗୁଳି ଫୁଟୁଛି, ଅପରାଧୀ ଅବାଧ ଭାବେ ବୁଲୁଛନ୍ତି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଥିବାବେଳେ ବିଜେପି ସରକାର ସଜାଗ ନ ହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ଆଇଆରସିଟିସି ଦୁର୍ନୀତି ମାମଲା

### ଲାଲୁ, ରାବ୍ଡ଼ି, ତେଜସ୍ୱୀଙ୍କୁ ଝଟ୍‌କା

■ **ପାଟନା, ୧୩।୧୦ (ଏଜେନ୍ସି):** ଆସନ୍ତା ମାସ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କର ପୁତ୍ର




ତେଜସ୍ୱୀ ଯାଦବଙ୍କୁ ଲାଗିଛି କୋର୍ଟ ଝଟକା। ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ଲାଲୁ, ତାଙ୍କର ପତ୍ନୀ ରାବଡ଼ି ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଦିଲ୍ଲୀର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ରାଉଜ ଆଭେନ୍ୟୁକୋର୍ଟ ଆଜି ଏହି ୩ ଜଣଙ୍କୁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (ଆଇଆରସିଟିସି) ଦୁର୍ନୀତି ମାମଲାରେ ଅଭିଯୁକ୍ତ ବୋଲି ବିଚାର କରିଛି। ଏହି ମାମଲାରେ ଲାଲୁ ବଡ଼ ଧରଣର ଷଡ଼ଯନ୍ତ୍ର କରିବା ସହିତ ନିଜ ପଦବୀରୁ ଦୁରୁପଯୋଗ କରିଥିବା କୋର୍ଟ କହିଛନ୍ତି। ଲାଲୁଙ୍କ ଜାଣତରେ ଏହି ଟେଣ୍ଡର ଦୁର୍ନୀତିର ପୂରା ଷଡ଼ଯନ୍ତ୍ର ରଚାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଲାଲୁ ହସ୍ତକ୍ଷେପ କରିଥିଲେ। ଏହାଦ୍ୱାରା ଲାଲୁଙ୍କ ପରିବାର ପ୍ରତ୍ୟକ୍ଷ ଭାବେ ଯଥେଷ୍ଟ ଲାଭବାନ ହୋଇଥିଲା ବୋଲି କୋର୍ଟ କହିଛନ୍ତି।

ଅପରପକ୍ଷରେ ଲାଲୁ ଏହି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଛନ୍ତି। ଏହି ମାମଲା ରାଞ୍ଚି ଓ ପୁରୀସ୍ଥିତ ଆଇଆର୍‌ସିଟିସିର ଦୁଇଟି ହୋଟେଲର ଟେଣ୍ଡର ସହିତ ଦୁର୍ନୀତି ସହିତ ଜଡିତ ରହିଛି।

୨୦୦୪ରୁ ୨୦୦୯ ମଧ୍ୟ ଲାଲୁ କେନ୍ଦ୍ରରେ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିବା ବେଳେ ଏହି ଦୁର୍ନୀତି ହୋଇଥିଲା ବୋଲି କୁହାଯାଇଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ମାମଲା ଲାଲୁ ପରିବାର ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି। ଯଦି ଆଇଆରସିଟିସି ମାମଲାରେ ୩ ଜଣଙ୍କ ବିରୋଧରେ ସବୁ ଅଭିଯୋଗ ପ୍ରମାଣିତ ହେଲା, ତେବେ ୩ ଜଣଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ। ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ


### ଗେଜେଟ୍ ବିଜ୍ଞପ୍ତି ପ୍ରକାଶିତ

■ **ଭୁବନେଶ୍ୱର, ୧୩।୧୦ (ସମିସ):** ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଆଜିଠାରୁ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ ତାରିଖ ଧାର୍ଯ୍ୟ ହୋଇଥବା ବେଳେ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ।



ସେହିପରି ୨୪ ତାରିଖ(ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ନାମାଙ୍କନର ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ କରିନଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥିରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।




## ଜାତୀୟ ରାଜଧାନୀରେ ଜଳ ସଙ୍କଟ

**ବନ୍ଦ ହେବ ଦିଲ୍ଲୀର ୩ ବଡ଼ ମଲ୍**

**ରେସ୍ତୋରାଁ, ଶୌଚାଳୟରେ ପାଣି ନାହିଁ**



■ **ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି):** ଦକ୍ଷିଣ ଦିଲ୍ଲୀର ୩ଟି ପ୍ରମୁଖ ମଲକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଡିଏଲ୍‌ଏଫ୍ ପ୍ରୋମେନାଡ଼, ଡିଏଲ୍‌ଏଫ୍ ଏମ୍ପୋରିଓ, ଆମ୍ବିଏନ୍ସ ମଲ୍ ଉକ୍ତ ଜଳାଭାବ କାରଣରୁ ବନ୍ଦ ହେବାକୁ ଯାଉଛି। ପ୍ରଥମଥର ପାଇଁ ରାଜଧାନୀ ଦିଲ୍ଲୀରେ ଏଭଳି ଜଳାଭାବ ସୃଷ୍ଟି ହୋଇଛି। ଏହି ମଲ୍‌ଗୁଡିକୁ ବିଦେଶୀ ପର୍ଯ୍ୟଟକ, ସେଲିବ୍ରିଟି ଓ ନାମୀଦାମୀ ଲୋକମାନେ ବିଶ୍ୱସ୍ତରୀୟ ବ୍ରାଣ୍ଡର ଜିନିଷ ସପିଂ କରିବାକୁ କରିବାକୁ ଆସିଥାନ୍ତି। ପାଣିର ଅଭାବ କାରଣରୁ ଏବେ ମଲ୍‌କୁ ଚଳାଇବା କଷ୍ଟକର ହୋଇପଡ଼ିଛି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍ ମାଲିକମାନେ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ବିଚାର କରୁଛନ୍ତି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍‌ର ଟାଙ୍କିଗୁଡିକ ଖାଲି ରହିଛି। ୭୦ ପ୍ରତିଶତ ଟଏଲେଟ ବନ୍ଦ ହୋଇଛି। ରେସ୍ତୁରାଁରେ ବାସନ ମାଜିବା ଓ ସଫା କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଛି। ଗ୍ରାହକଙ୍କୁ ପାଣି ପିଇବା ପାଇଁ ଦେବାରେ ମଧ୍ୟ ରେସ୍ତୁରାଁଗୁଡିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଗ୍ରାହକଙ୍କୁ ଠିକ୍‌ରେ ସେବା ଦିଆଯାଇ ପାରୁନାହିଁ। ଯଦି ଆଗାମୀ ଦୁଇ, ତିନ ଦିନ ମଧ୍ୟରେ ଜଳ ଯୋଗାଣ ଠିକ୍ ଭାବେ ନ ହୁଏ, ତେବେ ମଲଗୁଡିକୁ ବନ୍ଦ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ହେଲେ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହେବ। ତେବେ କେବେ ଜଳ ଯୋଗାଣ ସମସ୍ୟା ଦୂର ହେବ ସେ ନେଇ ଦିଲ୍ଲୀ ଜଳ ବୋର୍ଡ ତରଫରୁ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ। ଆଗକୁ ଦିପାବଳୀ ଆସୁଛି। ତେଣୁ ପାର୍ବଣ ଋତୁ ପୂର୍ବରୁ ଏହି ସମସ୍ୟାର ସମାଧାନ ହେବା ନିହାତି ଜରୁରୀ ହୋଇପଡ଼ିଛି।

## ରାଜୁ ଜାତିକୁ ପଛୁଆବର୍ଗ ତାଲିକାରେ ଅନ୍ତର୍ଭୁକ୍ତ ଦାବି



**ଜଳେଶ୍ୱର, ୧୩।୧୦(ସମିସ):** ଉତ୍ତର ଓଡିଶାରେ ସଂଖ୍ୟାବହୁଳ ଭାବେ ପରିଚିତ ରାଜୁ ଜାତିକୁ ଜାତୀୟ ପଛୁଆବର୍ଗ ତାଲିକାରେ ଅନ୍ତର୍ଭୁକ୍ତ କରିବା ଲାଗି ଦାବି କରାଯାଇଛି। ଭଂଜଶ୍ରୀ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଓ ଶିକ୍ଷାବିତ୍ ଡ. ରମାକାନ୍ତ ଭଞ୍ଜ ଯୋଗଦେଇ ବାଲେଶ୍ୱର ଜିଲାର ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତା ସହିତ ମୟୂରଭଂଜ ଜିଲାର ରାସଗୋବିନ୍ଦପୁର ବ୍ଲକ ଓ ପଶ୍ଚିମବଂଗର ମେଦିନୀପୁର ଜିଲାରେ ରାଜୁ ଜାତିର ଲୋକମାନେ ସଂଖ୍ୟା ବହୁଳଭାବେ ବସବାସ କରି ଆସୁଛନ୍ତି। ରାଜ୍ୟ ସରକାର ରାଜୁ ଜାତିକୁ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗଭାବେ ଅନ୍ତର୍ଭୁକ୍ତ କରିଛନ୍ତି। ପଶ୍ଚିମବଂଗ ସରକାର ରାଜୁ ଜାତିକୁ ଜାତୀୟ ପଛୁଆବର୍ଗ ତାଲିକାରେ ସଂଯୁକ୍ତ କରିଥିବା ବେଳେ ଓଡିଶାର ଲୋକମାନେ ଏଥିରୁ ବଂଚିତ ହେଉଛନ୍ତି। ଏପରିକି ଛାତ୍ରଛାତ୍ରୀ କେନ୍ଦ୍ରୀୟ ସ୍ତରରେ ଉଚ୍ଚ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସୁବିଧା ସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଇ ରାଜୁ ଜାତିକୁ ଜାତୀୟ ପଛୁଆବର୍ଗ ତାଲିକାରେ ଅନ୍ତର୍ଭୁକ୍ତ କରିବାଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ଗ୍ରାମାଞ୍ଚଳରୁ ମଦଦୋକାନ ଉଚ୍ଛେଦ ଦାବି

**ଭୋଗରାଇ, ୧୩।୧୦(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇର ଶ୍ରଦ୍ଧାପୁର ଓ କାନ୍ଥଭଉଁରୀ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ବେଆଇନ ବ୍ୟାପକ ଭାବେ ଦେଶୀ ବିଦେଶୀ ମଦବିକ୍ରିକୁ ବିରୋଧ କରି ତାହାକୁ ଉଚ୍ଛେଦ କରିବାକୁ ସ୍ଥାନୀୟ ଲୋକମାନେ ସୋମବାର ଭୋଗରାଇ ବ୍ଲକର ମିଳିତ ଜନଶୁଣାଣିରେ ଅଭିଯୋଗ ଆଣିଛନ୍ତି। ଗାଁ ଗହଳିରେ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ହେଉଥିବା ବେଳେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକଙ୍କ ଅଫିସ ନିକଟ ରବିନ୍ଦ୍ର ଦେହୁରୀ, ଶ୍ରଦ୍ଧାପୁର ହାଇସ୍କୁଲ ପାଖରେ ମାଳତୀ, ବିଚିତ୍ରପୁର ପ୍ରକୃତି ନିବାସ ପାଖରେ ବାପି ଦାସ, ଯଦୁ ଦଳାଇ, ଭରତ ଜେନା, ଶ୍ରଦ୍ଧାପୁର ଜଗଧାତ୍ରୀ ପଡ଼ିଆରେ ଗୋବରା ପାତ୍ର, ହାମୁରିଆରେ ଶଶି ଗିରି ପ୍ରମୁଖ ଦୀର୍ଘ ବର୍ଷ ହେବ ଖୁଲମଖୁଲା ବେଆଇନ ମଦ ବିକ୍ରି କରୁଥିବାବେଳେ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଯୁବସମାଜକୁ ପଥଭ୍ରଷ୍ଟ ହେବାରୁ ନିବୃତ କରାଇବା ପାଇଁ ତୁରନ୍ତ ଗ୍ରାମାଞ୍ଚଳରୁ ମଦଦୋକାନକୁ ଉଚ୍ଛେଦ କରାଇବା ପାଇଁ ଜ୍ୟୋତି ପ୍ରକାଶ ପଣ୍ଡା, ଗୋପାଳ ସାଁ, ରାଜକୁମାର ପାତ୍ର, ବଳରାମ ଦାସ, ଯୁଧିଷ୍ଠିର ସାଁ, ରବୀନ୍ଦ୍ର ପାତ୍ର, ରଶ୍ମିତା ଜେନା, ସୁଲୋଚନା ଦାସ, ରାମଶଙ୍କର ଜେନା ପ୍ରମୁଖ ଦାବି କରିଛନ୍ତି।



## କଫ୍ ସିରପ୍‌ର ମାନ ଯାଞ୍ଚ କଲେ ଡ୍ରଗ୍ସ ସ୍କ୍ୱାଡ୍



**ଖଇରା,୧୩।୧୦ (ସମିସ):** ବାଲେଶ୍ୱର ଡ୍ରଗ୍ସ ସ୍କ୍ୱାର୍ଡ ପକ୍ଷରୁ ଖଇରା ବଜାରର ବିଭିନ୍ନ ଔଷଧ ରିଟେଲ ଓ ହୋଲସେଲ ଦୋକାନ ଉପରେ ଚଢଉ କରାଯାଇ କପସିରପ ଯାଞ୍ଚ କରାଯାଇଥିବା ବେଳେ ଏଥିମଧ୍ୟରୁ କିଛି ନମୁନା ପରୀକ୍ଷା ପାଇଁ ପରୀକ୍ଷାଗାର ନିଆଯାଇଛି। ଅଫିସ ସହକାରୀ ବିନୟ କୁମାର ସେନାପତି ଓ ଇନ୍ସପେକ୍ଟର ମୋନାଲିସା ମଲ୍ଲିକଙ୍କ ନେତୃତ୍ୱରେ ଏହି ଟିମ୍ ୪ଟି ଔଷଧ ଦୋକାନ ଓ ୨ଟି ହୋଲସେଲ ଗୋଦାମ ରେ ରଖାଯାଇଥିବା ମେଡିସିନ ବିଶେଷ କରି କପ ସିରପ ଯାଞ୍ଚ କରିଥିଲେ। ଏ ସମ୍ପର୍କରେ ଏହି ଟିମକୁ ଯୋଗାଯୋଗ କରିବାରେ ମଧ୍ୟପ୍ରଦେଶରୁ ଆସୁଥିବା କପସିରପ ମହଜୁଦକୁ ନେଇ ଏହି ଚଢଉ କରାଯାଇଥିବା କହିଛନ୍ତି । ଖଇରାର ତଥାକଥିତ ଔଷଧ ଦୋକାନୀ ବ୍ୟାପକ ପରିମାଣର ନକଲି ମେଡିସିନ ରଖିବା ଏବଂ ରୋଗୀଙ୍କୁ ଆକର୍ଷିତ କରିବାକୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେଉଥିବା ଘଟଣାକୁ ନେଇ ବାରମ୍ବାର ଅଭିଯୋଗ କରାଯାଉଥିବା ବେଳେ ଡ୍ରଗ୍ସ ଟିମ୍ ଏହାକୁ ଅଣଦେଖା କରିବାକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଖଇରା ବିକାଶ ପରିଷଦ ପକ୍ଷରୁ ଫଳ ବଣ୍ଟନ

**ଖଇରା,୧୩।୧୦ (ସମିସ):** ବାଲେଶ୍ୱର ଜିଲାର ଅନ୍ୟତମ ଅଗ୍ରଣୀ ସଙ୍ଗଠନ ଖଇରା ବିକାଶ ପରିଷଦ ପକ୍ଷରୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ କରାଯାଇଛି। ସୋମବାର ସଭାପତି ସୁରେନ୍ଦ୍ର ପ୍ରସାଦ ଦାସ ଓ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ରୋଗୀଙ୍କୁ ଫଳ ବାଣ୍ଟିଥିବା ବେଳେ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଏଥିସହ ସଭ୍ୟ ମାନେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭୀନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ।

### ଭୋଗରାଇ ବ୍ଲକରେ ଜନଶୁଣାଣି ଶିବିର

# ୧୭୦ ଅଭିଯୋଗରୁ ଗୋଟିଏ ବି ସମାଧାନ ନୋହିଲା

ଭୋଗରାଇ, ୧୩।୧୦(ସମିସ)



ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଭୋଗରାଇ ବ୍ଲକ ପରିସରରେ ଥିବା ସଭାଗୃହରେ ଆୟୋଜିତ ହୋଇଥିଲା। ଉକ୍ତ ଶିବିରକୁ ଜିଲ୍ଲାପାଳ ଆସିନଥିବା ବେଳେ ଏସ୍‌ପି ବହୁ ବିଳମ୍ବରେ ଶିବିରରେ ଯୋଗଦେଇ ଥିଲେ। ମାତ୍ର ତହିଁ ପୂର୍ବରୁ ଉପଜିଲ୍ଲାପାଳ ଓ ଜଳେଶ୍ୱର ଏସଡିପିଓଙ୍କ ଉପସ୍ଥିତିରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଶେଷ ବେଳକୁ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣୁଥିଲେ। ମାତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତ ଯୋଗୁଁ ଶତାଧିକ ଲୋକ ଅଭିଯୋଗ ନ କରି ନିରାଶ ହୋଇ ଫେରିଥିଲେ। ତେବେ ଏଥିରେ ସମୁଦାୟ ୧୭୦ ଟି ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ କୌଣସି ବି ଗୋଟିଏ ଅଭିଯୋଗର ଶୁଣାଣି ନ କରି ପୃଥକ ଭାବେ କାର୍ଯ୍ୟକାରୀ ରିପୋର୍ଟ ଦାଖଲ କରିବାକୁ ଉପଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଥିବା ପ୍ରତ୍ୟେକ ଜନଶୁଣାଣି ଶିବିରରେ ଅଭିଯୋଗ ଗ୍ରହଣ ହେଉଥିଲେ ମଧ ଦୀର୍ଘ ଦିନ ପର୍ଯ୍ୟନ୍ତ ଏଗୁଡ଼ିକର କୌଣସି ସମାଧାନ ହେଉ ନ ଥିବାରୁ ଏହା କେବଳ ଲୋକଦେଖାଣିଆ ପ୍ରହସନ ବୋଲି ଅଭିଯୋଗ ହୋଇଛି। ଉପଜିଲ୍ଲାପାଳ ଶିବ ମାଲ୍ୟାରିଆ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା, ପିଡି ସୁଧାକର ନାୟକ ଅତିରିକ୍ତ ପିଡି ମଧୁସ୍ମିତା ସାମନ୍ତରାୟ, ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ମଞ୍ଚାସୀନ ହୋଇଥିଲାବେଳେ ବିଭିନ୍ନ ବିଭାଗର ଜିଲ୍ଲା, ଉପଖଣ୍ଡ ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ମାତ୍ର ବନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ବିଭିନ୍ନ ପଞ୍ଚାୟତମାନଙ୍କରେ ନିମ୍ନ ମାନର ରାସ୍ତା ନିର୍ମାଣ କାର୍ଯ୍ୟ, ଭୋଗରାଇ ହାଟ-ଥାନାଛକ ନିର୍ମାଣାଧୀନ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ରସିଦପୁର ଜଗନ୍ନାଥ ମନ୍ଦିରଠାରୁ ଜଳେଶ୍ୱରପୁର ଚଟାଣ ଛକ ପର୍ଯ୍ୟନ୍ତ ଅବରୋଧ ଜନୀତ ସମସ୍ୟା, ବିଭିନ୍ନ ସରକାରୀ ଜମିରୁ ବ୍ୟାପକ ବାଲି ମାଟି ଚୋରା ଚାଲାଣ ଓ ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବାଲି ମାଫିଆମାନେ ବ୍ୟାପକ ଭାବେ ବାଲି ଖୋଳି ବୋହି ନେଉଥିବାରୁ ନଦୀ କୂଳିଆ ସଂପୃକ୍ତ ଗାଁ ପ୍ରତି ବିପଦ ସୃଷ୍ଟି ହୋଇଥିବା, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଭାବେ ଉନ୍ନୀତ କରିବା ସହିତ ଭୋଗରାଇ ବ୍ଲକର ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୯ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରିବା, ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଯୋଗ୍ୟଙ୍କୁ ତାଲିକାଭୁକ୍ତ କରିବା, ରେସନ କାଡର୍ ଓ ରେସନ ସାମଗ୍ରୀର ବ୍ୟାପକ ଦୁର୍ନୀତି ଆଦି ବହୁ ସଂଖ୍ୟକ ସାମୁହିକ ସ୍ୱାର୍ଥ ସମ୍ବଳିତ ଅଭିଯୋଗ ହୋଇଥିଲା ବେଳେ ଉପଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏଗୁଡ଼ିକର ଶୁଣାଣି ନକରି ପୃଥକ ଭାବେ ତଦନ୍ତ ଓ ସମାଧାନ କରି ରିପୋର୍ଟ ଦାଖଲ କରିବା ପାଇଁ ବିଡିଓ, ତହସିଲଦାର ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜଙ୍ଗଲ ଜନିତ ସମସ୍ୟା ନେଇ ଅଭିଯୋଗ ପତ୍ର ଗ୍ରହଣର ତଦନ୍ତ ନିର୍ଦ୍ଦେଶ ବେଳେ ବନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ହେବା ଫଳରେ ସେଠାରେ ଜନ ଅସନ୍ତୋଷ ଦେଖା ଦେବା ସହିତ ବହୁ ଲୋକ ନିରାଶ ହୋଇ ଫେରି ଯାଇଥିଲେ।

**ଶତାଧିକ ଲୋକ ନିରାଶ ହୋଇ ଫେରିଲେ**

## ଅସହାୟ ମହିଳାଙ୍କ ୪ ବଖରା ଜଳିଗଲା



**ଜଳେଶ୍ୱର ବ୍ଲକ, ୧୩।୧୦ (ସମିସ):** ସର୍ଟ ସର୍କିଟ ଯୋଗୁ ଜଣେ ଅସହାୟ ବିଧବା ମହିଳାଙ୍କ ୪ ବଖରା ଘର ଜଳିଗଲା। ଏପରି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୁଠା ଗ୍ରାମରେ। ଗ୍ରାମର ସ୍ୱର୍ଗତ ଜୟଚନ୍ଦ୍ର ଜେନାଙ୍କ ପତ୍ନୀ ପଦ୍ମାବତୀ ପଡିଶା ଘରକୁ ଯାଇଥିବା ବେଳେ ଦିନ ୧୧ ଟାରେ ହଠାତ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ତଥା ପଡ଼ୋଶୀମାନେ ବହୁ ଚେଷ୍ଟା କରିଥିଲେ ବି ନିଆକୁ ଆୟତ କରି ପାରିନଥିଲେ। ପରେ ଦମକଳ ପହଞ୍ଚିଲା ବେଳକୁ ୪ ବଖରା ଘର ନିଆଁରେ ପାଉଁଶ ହୋଇ ଯାଇଥିଲା। ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ନଗଦ ୧୮ ହଜାର ଟଙ୍କା, ସୁନା ଗହଣା ପୋଡି ଯିବା ସହିତ ଧାନ ଚାଉଳ ଲୁଗା ପଟା ଜଳି ଯାଇଛି। ତାଙ୍କର ଜମିବାଡ଼ି କିଛି ନଥିବାରୁ ପିଲା ଦୁଇ ଜଣ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି। ଘଟଣାର ଖବର ପାଇ ବହୁ ଲୋକ ପହଞ୍ଚି ଥିବା ବେଳେ ଆରୁହା ସରପଞ୍ଚଙ୍କ ପ୍ରତିନିଧି ତଥା ସାମ୍ବାଦିକ ମନୋଜ କୁମାର ଭୂୟାଁ, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର,ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି,ଗ୍ରାମ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡା ପହଞ୍ଚି ଥିଲେ। ଅସହାୟ ପଦ୍ମାବତୀଙ୍କୁ ସରକାର ଅନ୍ତୋଦୟ ଯୋଜନାରେ ଏକ ଆବାସ ଗୃହ ଦେବା ସହିତ କ୍ଷତି ପୂରଣ ବାବଦକୁ ଆର୍ଥିକ ସାହାଯ୍ୟ ପୀଡ଼ିତାଙ୍କ ପରିବାରକୁ ଯୋଗାଇ ଦେବାକୁ ଦାବି କରିଛନ୍ତି। ଖବର ପାଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶରେ ଜଳେଶ୍ୱର ସଦର ଆର ଆଇ ସରୋଜ ଭଞ୍ଜ ପହଞ୍ଚି ତଦନ୍ତ କରି ପୀଡ଼ିତାଙ୍କ ପରିବାରକୁ ଦୁଇଟି ପଲଥିନ ଯୋଗାଇ ଦେଇଛନ୍ତି। ତତ୍ ସହିତ ଖୁବ ଶୀଘ୍ର ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ତହସିଲଦାର ସତ୍ୟଜିତ ମହାନ୍ତି କହିଛନ୍ତି। ଘଟଣା ପରେ ପରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ତଥା ନେତୃ ମଣ୍ଡଳୀ ପହଞ୍ଚି ଏବେ ଅସ୍ଥାୟୀ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସମସ୍ତ ରେସନ ସାମଗ୍ରୀ, ଶୁଖିଲା ଖାଦ୍ୟ,ଲୋଗାପଟା ପ୍ରଦାନ କରିଥିଲେ। ସେହିପରି ସେଲ୍ଫିଂହେଲ୍ପ ସଂଗଠନର ସଭାପତି ମହାପ୍ରସାଦ ପାତ୍ର, ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି, କୋଷାଧ୍ୟକ୍ଷ ହିମାଂଶୁ ଶେଖର ଜେନା, ସଦସ୍ୟା ରମିତା ବିଶ୍ୱାଳ, ପୂର୍ଣ୍ଣିମା ଦେ, ରାଜେନ୍ଦ୍ର ଗିରି, ଦିଲୀପ ଜେନା, ଦେବ ଶଙ୍କର ସାହୁ, ଗୋପାଳ ଭୂୟାଁ ପହଞ୍ଚି ରେସନ ସାମଗ୍ରୀ ପ୍ରଦାନ କରିଛନ୍ତି।

## ଆଞ୍ଚଳିକ କୃଷକ ମଞ୍ଚର ସଚେତନତା ସଭା




**ନୀଳଗିରି, ୧୩।୧୦ (ସମିସ):** ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତରେ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ମଞ୍ଚର ଉପ ସଭାପତି ଉମାକାନ୍ତ ମଲିକଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସଭାରେ ଈଶ୍ୱରପୁର ପଞ୍ଚାୟତରୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ, କାଣ୍ଡ ଗରଡ଼ି ପଞ୍ଚାୟତ ରୁ ଶରତ ଚନ୍ଦ୍ର ଦାସ, ଔପଦାରୁ ବରିଷ୍ଠ ଆଇନଜୀବୀ ଅଜୟ ପଟ୍ଟନାୟକ, ବିଜୟ କୁମାର ସ, ସମ୍ପାଦକ ନିହାର ରଞ୍ଜନ ଜେନା ମଞ୍ଚାସିନ ରହି ଆଲୋଚନା କରିଥିବା ବେଳେ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ କୁଲଡିହା ସୀମା ନିର୍ଧାରଣ ନେଇ ନୀଳଗିରି ତହସିଲରେ ଆଗାମୀ ୧୮ ତାରିଖ ହେବାକୁ ଥିବା ଅଭିଯୋଗ ଜନଶୁଣାଣି ସମ୍ପର୍କୀୟ ଆଲୋଚନା ହୋଇଥିଲା। ଏହି ଜନ ଶୁଣାଣି ଶିବିରରେ ଔପଦାର ଦେବଗିରି ପାହାଡ଼ର ପାଦଦେଶରେ ଅବସ୍ଥିତ ସମସ୍ତ ଗ୍ରାମକୁ ସଚେତନତା କରେଇ ଗ୍ରାମବାସୀଙ୍କୁ ଏହି ଶିବିରରେ ଅଂଶ ଗ୍ରହଣ କରିବାରେ ସହାୟକ ହେବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ଜେନା, ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗେଶ୍ୱର ବେହେରା, ଅନିରୁଦ୍ଧ ବେହେରା, ଗୋଲକ ଚନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ଚୌଧୁରୀ, ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଅନିରୁଦ୍ଧ ନାୟକ, ଗାୟତ୍ରୀ ପଣ୍ଡା, ରାଧାଶ୍ୟାମ ଦାସ, ବିକ୍ରମ ମିଶ୍ର, ରବୀନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ଦାଦା ମୃତ୍ୟୁ ଘଟଣାରେ ପୁତୁରା ଗିରଫ

**ନୀଳଗିରି, ୧୩।୧୦ (ସମିସ):** ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମର ସମ୍ପର୍କୀୟ ପୁତୁରା ସୁରେଶ ଦାସ ଗତ ୨ ତାରିଖରେ ଗ୍ରାମର କଂକ୍ରିଟ ରାସ୍ତାରେ ପାଣିନାଳ ଖୋଳିବାକୁ କେନ୍ଦ୍ର କରି ସମ୍ପର୍କୀୟ ଦାଦା ବାବାଜୀ ଦାସ (୭୨)ଙ୍କୁ କୋଦାଳରେ ଚୋଟ ପକାଇବାରୁ ମୁଣ୍ଡରେ ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇ ପଡିଥିଲେ। ଚିକିତ୍ସା ପାଇଁ ପ୍ରଥମେ ଖଇରା, ଭଦ୍ରକ ଓ ପରେ କଟକର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ଗତ ୩ତାରିଖରେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟିବାର ୧୦ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବାବାଜୀ ରବିବାର ସକାଳେ ଆଖି ବୁଜିଥିଲେ। ଖଇରା ଥାନା ପକ୍ଷରୁ ମାମଲା ରଜୁ କରି ତଦନ୍ତ କରୁଥିଲା। ନୀଳଗିରି ଥାନା ଆଇ.ଆଇ.ସି ଗୋର୍ବଦ୍ଧନ ନାୟକ କୌଣସି ସୂତ୍ରରୁ ଖବର ପାଇବା ପରେ ସୋମବାର ସକାଳେ ସଦଳବଳେ ନୀଳଗିରି ଏନ୍.ଏ.ସି. ଅଧିନ ବାୟପାସ ଛକଠାରେ ଥିବା ଏକ ହୋଟେଲରୁ ଅଭିଯୁକ୍ତ ପୁତୁରା ସୁରେଶ ଦାସଙ୍କୁ ନୀଳଗିରି ପୋଲିସ ଗିରଫ କରିବାରେ ସମର୍ଥ ହୋଇଛି।

## ଯୁବକର ମୁଣ୍ଡ ଖପୁରୀ ତାଡିଦେଲା ଭାଲୁ

**ନୀଳଗିରି, ୧୩।୧୦ (ସମିସ):** ଖନ୍ତାପଡା ଥାନା ବଗଲପୁର ଗ୍ରାମର ରାଜେଶ ବେଶ୍ରା (୩୦) ନୀଳଗିରି ଗୁଡ଼ିଶୁଳକୁ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଗୁଡ଼ିଶୁଳ ଜଙ୍ଗଲ ରାସ୍ତାରେ ହଠାତ୍ ଏକ ଭାଲୁ ସାଇକେଲ ଆଗକୁ ଆସି ରାଜେଶକୁ ଆକ୍ରମଣ କରି ମୁଣ୍ଡର ଖପୁରୀକୁ ଉଠାଇ ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ନିଆ ଯାଇଛି।

## ୧୯୮୧ ବ୍ୟାଚ୍ ପୁରାତନ ବନ୍ଧୁ ସମାବେଶ



**ଜଳେଶ୍ୱର, ୧୩।୧୦(ସମିସ):** ପଶ୍ଚିମବଙ୍ଗ ସୀମାନ୍ତ ଓଲମରା ଉଚ୍ଚ ବିଦ୍ୟାଳୟର ୧୯୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟକୁ ମନେ ପକାଇବା ଓ ଭଲପାଇବା ସହିତ ପୂଜ୍ୟପୂଜାକୁ ସମ୍ମାନ ଜଣାଇ ସମସ୍ତ ଛାତ୍ରଛାତ୍ରୀ ଏକତ୍ରୀତ ହୋଇ ସ୍ମୃତି ଓ ଅନୁଭୂତି ବଖାଣିଥିଲେ। ଅବସର ଗ୍ରହଣ କରିଥିବା ସେ ସମୟର ଶିକ୍ଷକ ଗୋପବନ୍ଧୁ ମହାପାତ୍ର, ହେମନ୍ତ ଘୋଷ, ଚଣ୍ଡି ଦାସ ପ୍ରମୁଖଙ୍କୁ ଗୁରୁପୂଜା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଗୁରୁପୂଜା ଓ ବନ୍ଧୁମିଳନ ଦ୍ୱାରା ଆମ ସଂସ୍କୃତି ଦୃଢ ହେବା ସହିତ ଭାଇଚାରା ବୃଦ୍ଧି ହୋଇଥାଏ ବୋଲି କହିଥିଲେ। ଗୋପାଳ ସେନାପତି ଓ ମୁରଲୀ ଅଧିକାରୀ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ସୁଶାନ୍ତ ଘଡେଇ, ପର୍ଶୁନାଥ ସାମନ୍ତ, ସୁଧାଂଶୁ ଦାସ, ମନ୍ମଥ ପାଲ, ସେଫାଳି ତାଲଦି, ଲତା ଘଡେଇ, ସୁଷମା ସାହୁ, କଳ୍ପନା ପାତ୍ର, ଚୈତନ୍ୟ ସାହୁ, ସୁବାସ ଘୋଷ, ସରୋଜ ଦାସ, ବିଦ୍ୟୁତ୍ ଜେନା, ଭାଗବତ କିସ୍କୁ, ଭୀମ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ନେତା

ଭୋଗରାଇ, ୧୩।୧୦ (ସମିସ)



**ପୁରୁଷୋତ୍ତମପୁର ଗ୍ରାମବାସୀଙ୍କ ଅଭିଯୋଗ**

ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି ବିଜେପି ନେତା। ଶାସକ ଦଳ ନେତା ବୋଲାଇ ନିରୀହ ଜନସାଧାରଣଙ୍କୁ ସରକାରୀ ସୁବିଧାରୁ ବଂଚିତ କରିବା ଏବଂ ସରକାରୀ କାର୍ଯ୍ୟରେ ବାଧା ଦେବା ଭଳି କୁତ୍ସିତ କାର୍ଯ୍ୟ କରୁଛନ୍ତି। ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଜଣେ ରେସନ ରିଟେଲର ସହିତ ବିଜେପିର ନେତା ବୋଲାଇ ଲୋକଙ୍କୁ ଧମକ ଦେଉଛନ୍ତି ବୋଲି ଆଜି ପୁରୁଷୋତ୍ତମପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଉକ୍ତ ଗାଁ ଶିବ ମନ୍ଦିର ସାମ୍ନାରେ ଏକ ନଳକୂପ ଖନନ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆ ଯାଇଥିଲା ହେଲେ ମନ୍ଦିର ସ୍ଥାନରେ ନ ବସାଇ ଜଣେ ସେଇ ଗାଁ ବ୍ୟକ୍ତିଙ୍କ ଘର ସାମ୍ନାରେ ବସାଇବାରୁ ଗ୍ରାମବାସୀ ବିରୋଧ କରିଥିଲେ। ଏ ନେଇ ବିଜେପିର ନେତା ବୋଲାଉ ଥିବା ବ୍ୟକ୍ତି ଗ୍ରାମବାସୀଙ୍କୁ ଧମକ ଚମକ ଦେଇ ସେହି ସ୍ଥାନରେ ନଳକୂପ ବସିବ ବୋଲି ଜିଦ ଧରିଥିଲେ। ଏ ନେଇ କମର୍ଦ୍ଦା ଥାନା ପୁଲିସ ଦୁଇ ଜଣ ଗ୍ରାମବାସୀଙ୍କୁ ୨୪ ଘଣ୍ଟା ଅଟକ ରଖିଥିଲା। ଏହାକୁ ବିରୋଧ କରି କଂଗ୍ରେସ ନେତା ସତ୍ୟଶିବ ଦାସ ଥାନା ସମ୍ମୁଖରେ ଧାରଣା ଦେବା ପରେ ପୁଲିସ ଦୁଇ ଜଣଙ୍କୁ ଛାଡି ଥିଲା ଏବଂ ସେଇ କାର୍ଯ୍ୟ ସମାଧାନ ନହେବା ପର୍ଯ୍ୟନ୍ତ କୌଣସି ନଳକୂପ କାର୍ଯ୍ୟ ହେବ ନାହିଁ ବୋଲି କହିଥିଲେ। ହେଲେ ଏହି ବିଜେପି ବୋଲାଉଥିବା ନେତା ପୁଣି କାହାରି କଥାକୁ ଖାତିର ନକରି କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ଦେଖି ଗ୍ରାମବାସୀ କମର୍ଦ୍ଦା ଥାନାକୁ ଖବର ଦେବା ପରେ କମର୍ଦ୍ଦା ପୁଲିସ ଘଟଣା ସ୍ଥଳେ ପହଂଚି କାର୍ଯ୍ୟକୁ ବନ୍ଦ କରିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାଇ ବିଜେପି ବୋଲାଉଥିବା ... ନେତା।ଙ୍କ ... ବିରୋଧ ରେ ଯିଏ ପ୍ରଶ୍ନ କରିବ ତାଙ୍କୁ ରେସନ କାର୍ଡ କାଟିଦେବା ଭତ୍ତା କାଟିଦେବା ଭଳି ବିଭିନ୍ନ ପ୍ରକାର ଧମକ ଦେଉଛନ୍ତି। ଏ ନେଇ ଗ୍ରାମବାସୀ ପିତାମ୍ବର ସାହୁ, ରାଜକିଶୋର ପାତ୍ର ରବୀନ୍ଦ୍ର ମହାନ୍ତି ରଂଜିତ ଦାସ ମହାପାତ୍ର, ରଂଜିତ ପାତ୍ର, ମିହିର ଦାସ ମହାପାତ୍ର, ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଅଭିଯୋଗ କରି କହିଛନ୍ତି ଯେ ଯଥାଶୀଘ୍ର ପ୍ରଶାସନର ଉପସ୍ଥିତିରେ ଏହାର ସମାଧାନ କରିବାକୁ ନିବେଦନ କରିଛନ୍ତି।

## ସରକାରୀ କାଗଜପତ୍ର ଧରି ବୁଲୁଛନ୍ତି ଅଣ କର୍ମଚାରୀ

**ବାଲିଆପାଳ, ୧୩।୧୦ (ସମିସ):** ବ୍ଲକରେ ଦିନକୁ ଦିନ ଅଣ କର୍ମଚାରୀ ଓ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ବାଲିଆପାଳ ବ୍ଲକରେ ଦୁଇ ଜଣ ବ୍ୟକ୍ତି ସରକାରୀ କର୍ମଚାରୀ ନ ହୋଇ କାର୍ଯ୍ୟାଳୟର ବହୁ ମୂଲ୍ୟବାନ ସରକାରୀ କାଗଜପତ୍ର ହାତରେ ଧରି ବୁଲୁଥିବାର ଦେଖିବାକୁ ମିଳିଥିଲା। ସର୍ବୋପରି କାର୍ଯ୍ୟ ଫାଇଲ ସହ ମେଜରମେଣ୍ଟ ବହିକୁ ହାତରେ ଧରି ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭିତରେ ବୁଲୁଥିବାର ଦେଖିବାକୁ ମିଳିଛି। ଏଠି ପ୍ରଶ୍ନ ଉଠେ ଫାଇଲ ଏବଂ ଏମବି ବୁକ୍ ସରକାରୀ ଯନ୍ତ୍ରୀ କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ନ ରହି କିପରି ସରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଦଲାଲକ ହାତକୁ ଟେକି ଦିଆଯାଉଛି। ସତେ ଯେପରି ବାଲିଆପାଳ ବ୍ଲକ ଧୀରେ ଧୀରେ ମୁରବିଶୂନ୍ୟ ହେବାକୁ ଯାଉଛି। କାରଣ ସରକାରୀ କର୍ମଚାରୀଙ୍କ ଉପରେ ଅଧିକାରୀ ଛାଟ ବସୁନଥିବାରୁ କର୍ମଚାରୀ ମାନେ ଅଣଗୁରିଆମୀ ହେବାକୁ ବସିଲେଣି। ଆଉ କେତେକ କ୍ଷେତ୍ରରେ ଯଦି ମହିଳା ସରକାରୀ କାର୍ଯ୍ୟରେ ଯୋଗ ଦେଉଛନ୍ତି। ତାଙ୍କ ପ୍ରତି ବଦଳରେ, ତାଙ୍କ ସ୍ୱାମୀ ଓ ସମ୍ପର୍କୀୟ ମାନେ ପ୍ରତିନିଧି ହୋଇ ଗାଦିରେ ବସି କାର୍ଯ୍ୟକରୁଛନ୍ତି। ନାଁ ଏଥି ପ୍ରତି ରହିଛି ପ୍ରଶାସନର ନିଘା, ନାଁ ହେଉଛି ଯାଞ୍ଚ। ଯଦି ବିଗତ ୧ ବର୍ଷ ଭିତରେ ବ୍ଲକ ପରିସରରେ ଯାଞ୍ଚ କଲେ ମାଳମାଳ ବିଭିନ୍ନ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱାମୀ ମାନେ ବା ଦଲାଲ, ବା କୁଜିନେତା ନାର୍ଯ୍ୟକରୁଥିବାର ଅନେକ ନଜିର ରହିଛି। ଏ ବାବଦରେ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରି ରାଧାରଞ୍ଜନ ଦାସଙ୍କ ମତାମତ ନିଆଯିବାକୁ ଚେଷ୍ଟା କରି ଥିଲେ ହେଁ, ତାହା ସମ୍ଭବ ହୋଇ ପାରିନି।

**ଏକତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ପୁଣ୍ୟଶ୍ଳୋକ ଡାକ୍ତର ହରେକୃଷ୍ଣ ପରିଡ଼ା**
ବଡ଼ସଲାରୋ,ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆସିଥିଲେ : ୨୧.୦୫.୧୯୨୩(ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ)
ବାହୁଡ଼ିଲେ : ୨୯.୧୦.୧୯୯୪ (କାର୍ତ୍ତିକ କୃଷ୍ଣ ନବମୀ)
ଶ୍ରାଦ୍ଧୋତ୍ସବ- ତା ୧୪.୧୦.୨୦୨୫ (ମଙ୍ଗଳବାର)
ଆପଣଙ୍କ ବିଦ୍ୱତ୍ତା, ଶିକ୍ଷାଦାନ ଦକ୍ଷତା, ବହୁଭାଷା ଅଧ୍ୟୟନ ଯୋଗ୍ୟତା, ହୋମିଓପାଥି ଚିକିତ୍ସା ପ୍ରବଣତା, ଗାନ୍ଧୀବାଦୀ ଚିନ୍ତାଧାରା, ସମବାୟ ମନସ୍କତା ଆପଣଙ୍କୁ ଜଣେ ଆଦର୍ଶ ମଣିଷ ମାନ୍ୟତା ଦିଆଇଥିଲା। ଆପଣଙ୍କ ପଟାନ୍ତରହୀନ ସ୍ନେହ-ଶ୍ରଦ୍ଧା- ଭଲ ପାଇବାକୁ ସ୍ମରଣପୂର୍ବକ ମଥାନତ ନମନ ଜ୍ଞାପନ କରୁଅଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ : ବଡ଼ସଲାରୋ 'ପରିଡ଼ା', ଚାନ୍ଦୋଳ 'ନାୟକ', ନୂଆପଡ଼ା 'ରାଉତ' ବଂଶ ଓ ପୁନର୍ନବା ସାହିତ୍ୟ ସଂସଦର ସଦସ୍ୟଗଣ

## ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଟାଟା ଉତ୍ତରାଞ୍ଚଳ ଶାଖାର କାର୍ଯ୍ୟକାରିଣୀ ବୈଠକ



**ବାଲେଶ୍ୱର,୧୩।୧୦(ସମିସ):** ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଟାଟା ପାୱାର ଉତ୍ତରାଞ୍ଚଳ ଶାଖାର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ଆଜି ବାଲେଶ୍ୱର ସଙ୍ଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଙ୍ଗଠନ ସମ୍ପାଦକ ବଟକୃଷ୍ଣ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ଟିପିଏନଓଡିଏଲ ଅଧିନ ପାଞ୍ଚଟି ଜିଲ୍ଲାରୁ ସଂଘର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ଅମର କୁମାର ପ୍ରତାପ ସିଂ ଏବଂ ସହ ସମ୍ପାଦକ ପ୍ରୀୟବ୍ରତ ନାୟକ ଯୋଗଦେଇ ଟାଟା କର୍ତ୍ତୃପକ୍ଷ ୨୦୨୧ମସିହା ଏପ୍ରିଲ ମାସରୁ ଏହି ଦାୟିତ୍ୱ ନେବା ଠାରୁ ଆଜି ପର୍ଯ୍ୟନ୍ତ ଦେଇଥିବା ନୂତନ ନିଯୁକ୍ତି ମଧ୍ୟରୁ ଅଫିସର ପଦବୀରେ ୯୦ପ୍ରତିଶତ ନିଯୁକ୍ତି ଦେଇଥିବା ବେଳେ ମାତ୍ର୧୦ପ୍ରତିଶତ ତଳ ସ୍ତରର କର୍ମଚାରୀ ନିଯୁକ୍ତି ଦେଇ ଉପଭୋକ୍ତା ତୁଳନାରେ କର୍ମଚାରୀ ଅଧିକ ଅଛନ୍ତି ବୋଲି କହୁଛନ୍ତି। ସେଥିପାଇଁ ଆଉ ନୂତନ କର୍ମଚାରୀ ନିଯୁକ୍ତି କରୁନାହାନ୍ତି କିମ୍ବା ଉପଭୋକ୍ତା ତୁଳନାରେ ଅଧିକାରୀଙ୍କ ଅନୁପାତ କେତେ ଓ କର୍ମଚାରୀଙ୍କର ଅନୁପାତ କେତେ ହେବା ଉଚିତ ଟାଟା କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରି ନ ଥିବାରୁ ଉକ୍ତ ବୈଠକରେ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ସଂଘର ଜୋନାଲ ସମ୍ପାଦକ ହରିଶଚନ୍ଦ୍ର ଦାସ ଏହି ବୈଠକରେ ଯୋଗ ଦେଇ ସଂଘର ବିଭିନ୍ନ ସମସ୍ୟା ଆଲୋଚନା କରିବା ସହିତ ଆବଶ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁଁ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମଚାରୀ ଆଠ ଘଣ୍ଟା ପରିବର୍ତ୍ତେ ବାର ଘଣ୍ଟାରୁ ଷୋହଳ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି ତେଣୁ ଅଧିକ ସଂଖ୍ୟକ କର୍ମଚାରୀ ନିଯୁକ୍ତ କରାଯାଉ ବୋଲି ଶ୍ରୀ ଦାସ ଦାବି କରିଥିଲେ। ଏହାଛଡା ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ସ୍ନାତକୋତ୍ତର ଆଉଟସୋର୍ସ କର୍ମଚାରୀଙ୍କୁ ସ୍ଥାୟୀ ଅଫିସ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ଚିଠି ଅନୁଯାୟୀ ସେମାନେ ଏକ ବର୍ଷ ପୂର୍ବରୁ ଆବେଦନ କରିଥିଲେ ମଧ୍ୟ ଟାଟା ପାୱାର କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଶ୍ରୀ ଦାସ ଏହି ବୈଠକରେ ଉଦବେଗ ପ୍ରକାଶ କରିଥିଲେ। ସେହିପରି ଟିପିଏନଓଡିଏଲ ଅଧୀନରେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା କମର୍ସ ଆସିଷ୍ଟାଣ୍ଟମାନଙ୍କୁ କନିଷ୍ଠ ହିସାବ ରକ୍ଷକ ପଦରେ ନିଯୁକ୍ତି ଦେବା ସହିତ ଇଞ୍ଜିନିୟରିଂରେ ଡିଗ୍ରୀ ଡିପ୍ଲୋମା ତଥା ସୁପରଭାଇଜର ଧାରୀମାନଙ୍କୁ ଯୋଗ୍ୟ ପଦବୀରେ ନିଯୁକ୍ତି ଦେବା ଲାଗି ଉକ୍ତ ବୈଠକରେ କର୍ମ କର୍ତ୍ତାମାନେ ଦାବି କରିଥିଲେ। ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ଏବଂ ସହସମ୍ପାଦକମାନେ ଉପସ୍ଥିତ ସଦସ୍ୟମାନଙ୍କୁ ଉଦବୋଧନ ଦେବା ସହିତ ଉପୋରକ୍ତ ସମସ୍ୟା ଓ ଦାବି ବିଷୟରେ ଟାଟା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଏହାର ସମାଧାନର ରାସ୍ତା ବାହାର କରିବେ ବୋଲି କହିଥିଲେ। ଏହି ବୈଠକରେ ସଂଘର ଆଇନ ପରାମର୍ଶଦାତା ରଘୁନାଥ ଲେଙ୍କାଙ୍କ ସମେତ ଜୋନାଲ ସହ ସମ୍ପାଦକ ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତ, ମିଡିଆ ସଂଯୋଜକ ମନରଞ୍ଜନ ସାହୁ, ସଞ୍ଜୟ ପ୍ରଧାନ, ଗୋପକ ଚନ୍ଦ୍ର ମାଲାବୀର, ସୋମଜିତ ମହାନ୍ତି, ପ୍ରଦୀପ ଦାସ, ରାଜୀବ ଲୋଚନ ରାଉତ, ରତି ରଞ୍ଜନ ରାଉତ, ଦେବେନ୍ଦ୍ର ମିସ୍ତ୍ରି, ମାନସ ନାୟକ, ବ୍ରଜ ବିହାରୀ ବାଗ, ବିଭୁତି ଭୂଷଣ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ପଖୱାଡା ଅଭିଯାନ



**ବାଲେଶ୍ୱର,୧୩।୧୦(ସମିସ):** ସ୍ୱଚ୍ଛତା ପଖୱାଡା ଅଭିଯାନର ଅଂଶ ଭାବରେ ଖଡ଼ଗପୁର ଡିଭିଜନରେ ସଚେତନତା ବୃଦ୍ଧି କରିବା ଏବଂ ରେଳ ଷ୍ଟେସନ ପରିସରର ପରିଷ୍କାର ରଖିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା। ବିଭିନ୍ନ ୟୁନିଟ୍ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଭାବନା ବୃଦ୍ଧି କରିବା ପାଇଁ ସ୍ୱଚ୍ଛ ପ୍ରତିଯୋଗିତା କରାଯାଇଥିଲା। ସ୍ୱଚ୍ଛତାର ଉଚ୍ଚ ମାନଦଣ୍ଡ ବଜାୟ ରଖିଥିବା ୟୁନିଟ ଗୁଡ଼ିକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସଫେଇ କାର୍ଯ୍ୟରେ ନିୟୋଜିତ ପର୍ଯ୍ୟବେକ୍ଷକ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରମୁଖ ଷ୍ଟେସନଗୁଡ଼ିକରେ ସଫେଇ ଅଭିଯାନ କରାଯାଇଥିଲା। ଯେଉଁଥିରେ ରେଳ ଟ୍ରାକ୍, ପ୍ଲାଟଫର୍ମ, ଫୁଟ ଓଭର ବ୍ରିଜ୍, ସର୍କୁଲେଟିଂ ଅଞ୍ଚଳ ଏବଂ ଅନ୍ୟାନ୍ୟ ଷ୍ଟେସନ ପରିସର ଅନ୍ତର୍ଭୁକ୍ତ ଥିଲା। ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରି ପ୍ଲାଟଫର୍ମ ପୃଷ୍ଠ ଏବଂ ସଂଲଗ୍ନ ଅଞ୍ଚଳଗୁଡ଼ିକୁ ସମ୍ପୂର୍ଣ୍ଣ ସଫା କରିବା କରାଯାଇଥିଲା। ରେଳ ବ୍ୟବହାରକାରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସୁଖଦ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବାରେ ନିରନ୍ତର ପ୍ରୟାସ ପାଇଁ ଖଡ଼ଗପୁର, ଶାଲିମାର, ସାନ୍ତରାଗାଛି ସମେତ ବାଲେଶ୍ୱର ଷ୍ଟେସନରେ ଠିକାଦାରଙ୍କ ସଫେଇ କର୍ମଚାରୀମାନଙ୍କୁ ସେମାନଙ୍କ ଅନୁକରଣୀୟ କାର୍ଯ୍ୟ ଏବଂ ସମର୍ପଣର ସ୍ୱୀକୃତି ସ୍ୱରୂପ ସମ୍ମାନିତ କରାଯାଇଥିଲା।

### ୨୦୨୫-୨୬ ଖରିଫ ଫସଲ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ସରିଲା

# ଚଳିତବର୍ଷ ଅଧିକ ୨୩ ହଜାର ଚାଷୀ ପଞ୍ଜୀକୃତ

ବାଲେଶ୍ୱର, ୧୩।୧୦(ସମିସ)




- ଧାନ ବିକିବେ ୧ ଲକ୍ଷ ୨୫ ହଜାର ୫୭୬ ଚାଷୀ
- ଜିଲ୍ଲାରେ ଲଗାଣବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ଧାନଫସଲ ଯୋଗୁ ଚାଷୀ ଚିନ୍ତାରେ

ଚଳିତବର୍ଷ ଖରିଫ ଚାଷ ପାଇଁ ବାଲେଶ୍ୱରରେ ଚାଷୀ ପଞ୍ଜୀକରଣ ଶେଷ ହୋଇଛି। ଆସନ୍ତା ମାସ ଜିଲ୍ଲାକୁ ଟାର୍ଗେଟ ଆସିଲେ ଚାଷୀମାନେ ସେମାନଙ୍କ ଧାନ ସରକାରଙ୍କୁ ବିକ୍ରି କରିପାରିବେ। ଗତବର୍ଷ ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିଥିବାବେଳେ ଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଛନ୍ତି। ଚାଷୀମାନେ ସିନା ପଞ୍ଜୀକରଣ କରିଦେଲେ ହେଲେ ପ୍ରକୃତି କିନ୍ତୁ ଚାଷୀଙ୍କ ପ୍ରତି ଦାଉ ସାଧିଲା। ଜିଲ୍ଲାରେ ଗତ ଦୁଇମାସ ଧରି ଲଗାଣ ବର୍ଷା ଓ ବନ୍ୟା ଫଳରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବେଳେ ଚାଷୀମାନେ ସେମାନଙ୍କ ଧାନ ସଠିକ ଭାବେ ଅମଳ କରିପାରିବେ କି ନାହିଁ ତାହାକୁ ନେଇ ଏବେ ଆଶା ଆଶଙ୍କାରେ ରହିଛନ୍ତି। ଗତବର୍ଷ ଜିଲ୍ଲାରେ ମୋଟ ୧ଲକ୍ଷ ୨ହଜାର ୪୭୧ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ପାଖାପାଖି ୨୩ହଜାରରୁ ଅଧିକ ଚାଷୀ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ନେଇ ସମବାୟ ସମିତି କାର୍ଯ୍ୟାଳୟରୁ ଜଣାଯାଇଛି।

୨୦୨୪-୨୫ ବର୍ଷ ପାଇଁ ଜିଲ୍ଲାରେ ୧୪୯ଟି ପ୍ରାଥମିକ ସେବା ସମବାୟ ସମିତି,୨ଟି ଏଲଏଏମପିସିଏସ ଏବଂ ୮ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଅଧୀନରେ ମୋଟ ୧୮୦ଟି ଧାନକ୍ରୟ କେନ୍ଦ୍ରରେ ଧାନ କିଣା ହେବା ପାଇଁ ମୋଟ ୧ଲକ୍ଷ୨ହଜାର୪୭୧ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଅର୍ଥାତ ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲାର ୧୨ଟି ବ୍ଲକର ୧୪୯ଟି ସୋସାଇଟିରେ ୧ ଲକ୍ଷ ୨୫ ହଜାର ୫୭୬ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଛନ୍ତି। ବାହାନଗା ବ୍ଲକରେ ୧୦ଟି ସୋସାଇଟିରେ ୧୦ହଜାର ୬୭୫ ଜଣ ଚାଷୀ ଆବେଦନ କରିଥିବା ବେଳେ ବାଲିଆପାଳ ବ୍ଲକରେ ୧୭ଟି ସୋସାଇଟିରେ ୧୦୨୬୫ଚାଷୀ ଅନଲାଇନରେ ପଞ୍ଜୀକରଣ କରିଛନ୍ତି। ସେହିପରି ବସ୍ତା ବ୍ଲକର ୧୩ଟି ସୋସାଇଟିରେ ୧୦୯୯୦ଜଣ ଚାଷୀ ରହିଥିବାବେଳେ ଭୋଗରାଇ ବ୍ଲକରେ ୨୦ଟି ସୋସାଇଟିରେ ୧୨୪୯୭ଜଣ ଚାଷୀ ଅନଲାଇନରେ ପଞ୍ଜୀକରଣ କରିଛନ୍ତି। ସେହିପରି ଜଳେଶ୍ୱର ବ୍ଲକର ୨୦ଟି ସୋସାଇଟିରେ ୧୧୨୨୭ଜଣ ଚାଷୀ ଆବେଦନ କରିଥିବା ବେଳେ ଖଇରା ବ୍ଲକର ୧୫ଟି ସୋସାଇଟିରେ୧୫୩୭୨ଜଣ ଚାଷୀ ଆବେଦନ କରିଛନ୍ତି। ସେହିପରି ରେମୁଣା ବ୍ଲକର ୧୨ଟି ସୋସାଇଟିରେ ୯୫୬୧ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ବାଲେଶ୍ୱର ସଦର ବ୍ଲକର ୧୯ଟି ସୋସାଇଟିରେ ୧୩ହଜାର ୫୧ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେହିପରି ସିମୁଳିଆ ବ୍ଲକର ୬ଟି ସୋସାଇଟିରେ ୧୦୯୯୪ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସୋର ବ୍ଲକର ୭ଟି ସୋସାଇଟିରେ ୮୨୬୦ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେହିପରି ନୀଳଗିରି ବ୍ଲକର ୨ଟି ସୋସାଇଟିରେ ୫୮୮୨ଜଣ ପଞ୍ଜୀକରଣ କରିଥିବା ବେଳେ ଔପଦା ବ୍ଲକର ୮ଟି ସୋସାଇଟିରେ ୬୮୨୨ଜଣ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ଅନଲାଇନରେ ପଞ୍ଜୀକରଣ କରିଛନ୍ତି। ତେବେ ପଞ୍ଜୀକରଣ ହୋଇଥିବା ଏହି ସମସ୍ତ ମଣ୍ଡି ପାଇଁ ଧାନର ଟାର୍ଗେଟ ଆସିନଥିବା ବେଳେ ତାହା ଆସନ୍ତା ମାସରେ ଆସିବ ବୋଲି ଜଣାଯାଇଛି। ଅନ୍ୟପଟେ ଦେଖିବାକୁ ଗଲେ ଜିଲ୍ଲାରେ ଜଳକା ଓ ସୁବର୍ଣ୍ଣରେଖା ନଦୀରେ କ୍ରମାଗତ ଭାବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚାଷୀମାନଙ୍କ ଧାନ ପ୍ରାୟତଃ ନଷ୍ଟ ହୋଇଛି। ଏହାଛଡା ଲଗାଣ ବର୍ଷାରେ ମଧ୍ୟ ଚାଷୀମାନଙ୍କ ଧାନ ନଷ୍ଟ ହୋଇଛି। ଏପରି ସ୍ଥଳେ ଚାଷୀମାନେ କିପରି ଭାବେ ସେମାନଙ୍କ ଧାନ ବିକ୍ରି କରିବେ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ଗୋଟିଏ ପଟେ ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇବା ପରେ ଚାଷୀମାନେ ଅଧିକ ପଞ୍ଜୀକରଣ କରିଛନ୍ତି ହେଲେ ଦଇବ ସେମାନଙ୍କ ଉପରେ ଦାଉ ସାଜିଛି। ଯାହା ଫଳରେ ଧାନ ଚଳିତ ବର୍ଷ ଆଶା ଅନୁପାତରେ କିପରି ଭାବେ ପାଇପାରିବେ ସେ ନେଇ ଚିନ୍ତାରେ ରହିଛନ୍ତି। ଏନେଇ ସମବାୟସମିତି ସମୂହର ଉପନିବନ୍ଧକ ସରୋଜିନୀ ନାଏକ କହିଛନ୍ତି ଜିଲ୍ଲାରେ ଏବେ ଚାଷୀମାନଙ୍କର ପଞ୍ଜୀକରଣ ଶେଷ ହୋଇଛି। ଆସନ୍ତା ମାସରେ ଧାନର ଟାର୍ଗେଟ ଆସିବ।

## ୧୫ରେ ବାଲେଶ୍ୱରରେ ରାଜ୍ୟସ୍ତରୀୟ କଲାମ ଉତ୍ସବ

### କଲାମ ଆଇକନ ସମ୍ମାନ ପାଇବେ ଅୟସକାନ୍ତ, ନେତ୍ରାନନ୍ଦ ଓ ସୌରଭ



**ବାଲେଶ୍ୱର,୧୩।୧୦(ସମିସ):** କଲାମ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୧୫ ତାରିଖରେ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଉତ୍ସବ ପାଳନ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସହରର ପୁଲିସ ଲାଇନ ଛକରେ ରୋମି ( ଦେଫେନ୍ସ ଅଫିସ୍‌ର୍ ଇନଷ୍ଟିଚ୍ୟୁଟ) ଠାରେ ହେବାକୁ ଥିବା ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି ବୋଲି ଟ୍ରଷ୍ଟର ଫାଉଣ୍ଡର ଡ. ପଙ୍କଜ କୁମାର ଜେନା ସୂଚନା ଦେଇଛନ୍ତି। ସକାଳ ୯.୩୦ ରେ ଷ୍ଟେସନ ଛକରେ ଥିବା ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ହେବ। ୧୦ ଟାରେ ବିଜ୍ଞାନ ମେଳା ଓ କଲାମଙ୍କ ଦୁଇ ହଜାରରୁ ଉର୍ଦ୍ଧ ଚିତ୍ର ଗ୍ୟାଲେରୀକୁ ଉନ୍ମୋଚନ କରାଯିବ। ଦିବା ୧୧ ଘଟିକାରେ ଜାତୀୟ ଶିକ୍ଷାନୀତି ୨୦୨୦ର ଏକ ସେମିନାର କରାଯିବ। ଦିବା ୨ଘଟିକାରୁ କାଲାମ ଜୟନ୍ତୀ ଓ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯିବ। ଏହି ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଡ. କାଲାମ ଆଇକନ ସମ୍ମାନ ଏବଂ ଗୁରୁଦେବ ସମ୍ମାନରେ ସମ୍ମାନିତ କରାଯିବ। ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ପୁଅ ଡ଼କ୍ଟର ନେତ୍ରାନନ୍ଦ ସାହୁ, ବିଜ୍ଞାନ ପାଇଁ ସେମିକଣ୍ଡକ୍ଟର ଚିପ୍ ଉଦ୍ଭାବନକାରୀ ଡ଼କ୍ଟର ଅୟସକାନ୍ତ ସ୍ୱାଇଁ, ଜଗନ୍ନାଥ ଭଜନଗାଇ ଚର୍ଚ୍ଚାରେ ଥିବା ସୌରଭ ଭରଦ୍ୱାଜ, ଲଣ୍ଡନରେ ଥାଇ ଓଡ଼ିଆ ଲୋକଙ୍କୁ ସାହାଯ୍ୟ କରୁଥିବା ଇଞ୍ଜିନିୟର ଜୀବନ ଜ୍ୟୋତି ପରିଡା (ସେବା ପାଇଁ ) ଦିଲ୍ଲୀର ପ୍ରବାସୀ ଓଡ଼ିଆଙ୍କର ମୁଖ୍ୟ ଇଞ୍ଜିନିୟର ଅକ୍ଷୟ ସାମଲ(ସେବା ପାଇଁ ) ସମ୍ମାନିତ ହେବେ। ୨୦୨୫ ଗୁରୁଦେବ ସମ୍ମାନରେ ସମ୍ମାନିତ ହେବେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ଼କ୍ଟର ଜ୍ୟୋତି ପ୍ରକାଶ ରଥ, କେନ୍ଦୁଝର ଶିକ୍ଷକ ବିଜୟ କୁମାର ସାହୁ, ବାଲେଶ୍ୱର ଶିକ୍ଷକ ଦେବବ୍ରତ ଦେ, ଏବର୍ଷ ଓସିଏସ୍ ଟପର ପ୍ରିୟାଂଶୁ ସାମଲଙ୍କ ସହ ଜିଲ୍ଲାର କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯିବ ବୋଲି ଡ. ଜେନା ସୂଚନା ଦେଇଛନ୍ତି।

## ଔଷଧ ଗୋଦାମ ଓ ଦୋକାନରେ ଚଢ଼ଉ


ପରୀକ୍ଷା ଓ ବିଶ୍ଳେଷଣ ପାଇଁ ୮ଟି ଔଷଧ ନମୁନା ସଂଗ୍ରହ

**ବାଲେଶ୍ୱର,୧୩।୧୦(ସମିସ):** ମଧ୍ୟପ୍ରଦେଶର କଫ ସିରପ ଖାଇ ଦୁଇ ବର୍ଷର ପିଲା ମୃତ୍ୟୁବରଣ ଘଟଣା ପରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଔଷଧ ଦୋକାନ ଓ ହୋଲସେଲର୍‌ରେ ଚଢ଼ଉ ପ୍ରକ୍ରିୟା କରାଯାଉଛି। ବାଲେଶ୍ୱର ସହର ସମେତ ବିଭିନ୍ନ ବ୍ଲକରେ ଏନେଇ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସେହିପରି ଆଜି ଜଳେଶ୍ୱର ବ୍ଲକରେ ଡ୍ରଗସ୍ କଣ୍ଟ୍ରୋଲର ଟିମ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ୩ଟି ହୋଲସେଲର୍ ବା ଗୋଦାମ ଏବଂ ୩ଟି ଔଷଧ ଦୋକାନରେ ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ଏହି ଚଢଉ ଟିମ୍‌ରେ ଡ଼ିଆଇ ମୋନାଲିସା ମଲ୍ଲିକ, ସହାୟକ ବିନୟା କୁମାର ସେନାପତି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରୀକ୍ଷା ଏବଂ ବିଶ୍ଳେଷଣ ପାଇଁ ୮ଟି ଔଷଧ ନମୁନା ନିଆଯାଇଛି। ଯାଞ୍ଚ ସମୟରେ ଗୋଦାମ ଏବଂ ଔଷଧ ଦୋକାନରୁ ମଧ୍ୟପ୍ରଦେଶର କୌଣସି ଔଷଧ ମିଳିଲା ନାହିଁ ବୋଲି ସୂଚନା ମିଳିଛି।

## ଅଲ୍‌ଓଡ଼ିଶା ଭେଟେରାନ୍ ସୋଲଜର ଆସୋସିଏସନ୍ ପକ୍ଷରୁ ବାୟୁସେନା ଦିବସ




**ବାଲେଶ୍ୱର,୧୩।୧୦(ସମିସ):** ସହରର ଆଇଟିଆଇ ଛକ ଓଡ଼େଶା ଭବନରେ ବାଲେଶ୍ୱର ଏଓଭିଏସ୍‌ଏ(ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର ଆସୋସିଏସନ୍) ପକ୍ଷରୁ ବାୟୁସେନା ଦିବସ ପାଳିତ ହୋଇଯାଇଛି। ଏଓଭିଏସ୍‌ଏର ସଭାପତି ଚନ୍ଦ୍ରମଣି ମହାପାତ୍ର ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ହୃଷିକେଶ ସାହୁ, ସମ୍ମାନିତ ଅତିଥି ଭାବେ ପୌରପାଳିକା କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ଆଇନଜୀବୀ ନିରଂଜନ ପରିଡ଼ା ଯୋଗ ଦେଇ ଯୋଗଦେଇ ବାୟୁସେନା ପୃଥିବୀର ଚତୁର୍ଥ ସ୍ଥାନରେ ରହି ସାହସିକତାର କାର୍ଯ୍ୟ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଯୁଗ୍ମ ସଂପାଦକ ଗୋବିନ୍ଦ ଚନ୍ଦ୍ର ଭୋଇ ଏହି ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏଓଭିଏସ୍‌ଏର ରାଜ୍ୟ ସଭାପତି ମହେଶ୍ୱର ବେହେରା ବାୟୁସେନାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ନାୟକ, ପ୍ରମୋଦ ପାଣି, ଗଙ୍ଗାଧର ଦଳେଇ, ମନୋରଂଜନ ବେହେରା, ନାରାୟଣ ଚନ୍ଦ୍ର ମହାପାତ୍ର, ନେପାଳୀ ବେହେରା, ଡମ୍ବରୁଧର ରାଉତ, ଗୌରହରି ଜେନା, ହୃଦାନନ୍ଦ ନାୟକ, ଦୀପକ ବେହେରା, କମଳାକାନ୍ତ ନାୟକ, ନରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂପାଦକ ଧୀରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।




### ଜଗନ୍ନାଥଙ୍କ ପ୍ରେମରେ ଅବସରପ୍ରାପ୍ତ ଯନ୍ତ୍ରୀ ଦୟାଲ

# ଚିରା କାଗଜରେ ଗଢ଼ୁଛନ୍ତି ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି

ବାଲେଶ୍ୱର,୧୩।୧୦(ସମିସ)





ପେସା ଥିଲା ତାଙ୍କର ମେକାନିକାଲ ଇଞ୍ଜିନିୟର। କିନ୍ତୁ ନିଶା ଜଗନ୍ନାଥଙ୍କୁ ଗଢିବା। ପିଲାଟି ଦିନରୁ ସେ ଜଗନ୍ନାଥଙ୍କ ଭାବରେ ବନ୍ଧା ହୋଇଛନ୍ତି। ସେଥିପାଇଁ ଚାକିରି କରିବା ସମୟରେ ଜଗନ୍ନାଥଙ୍କ ଭାବ ବାନ୍ଧି ଦେଇଥିଲେ। ଏଯାଏଁ ତାହା ବଜାୟ ରଖିଛନ୍ତି। ଚିରା କାଗଜକୁ ଏକାଠି କରି ଜଗନ୍ନାଥଙ୍କୁ ଜୀବନ୍ତ ରୂପ ଦେଉଛନ୍ତି। ଚାକିରିରୁ ଅବସର ନେବା ପରେ ମଧ୍ୟ ଜଗନ୍ନାଥଙ୍କୁ ନଗଢି ରହିପାରିଲେ ନାହିଁ। କିଛି କୌଶଳ ବା ପ୍ରଶିକ୍ଷଣ ନନେଇ ବି ଜଗାକୁ ଗଢୁ ଗଢୁ ବେଶ୍ ସୁନ୍ଦର ଜଗନ୍ନାଥ ଗଢୁଛନ୍ତି ଜଣେ ୭୮ ବର୍ଷୀୟ ବୟସ୍କ ବୃଦ୍ଧ। ଜଗନ୍ନାଥଙ୍କ ପ୍ରେମରେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର। ସେ ଜଣେ ମେକାନିକାଲ ଇଞ୍ଜିନିୟର ହୋଇଥିବା ବେଳେ ପିଲାଟି ଦିନରୁ ଜଗନ୍ନାଥଙ୍କ ପ୍ରେମରେ ରହିଛନ୍ତି। ନିଜେ ସିନା ଦିବ୍ୟାଙ୍ଗ ହେଲେ ସେ ଭାବର ଠାକୁର ଜଗନ୍ନାଥଙ୍କୁ ଗଢୁଛନ୍ତି ସମ୍ପୂର୍ଣ୍ଣ। ଯେଉଁଥିପାଇଁ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସେ ହେଉଛନ୍ତି ରେମୁଣା ଗୋଳେଇ ଜାନୁଗଞ୍ଜରେ ରହୁଥିବା ଦୟାଲ ଚନ୍ଦ୍ର ଦାଶ(୭୮)।

ଦୟାଲ ଚନ୍ଦ୍ର ନିଜ ପୁଅ ବୋହୂ, ନାତୁଣୀଙ୍କ ସହିତ ଜାନୁଗଞ୍ଜ ନିକଟରେ ରହୁଛନ୍ତି। ଦୟାଲ ଦ୍ୱିତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରରେ ଭୋଗ ଲଗାଇ ପାଠ ପଢିବା ଆରମ୍ଭ କରିଥିଲେ। ତେବେ ୨୧ ବର୍ଷ ବୟସ ପରେ ତାଙ୍କର ଚାଲିବାରେ ସମସ୍ୟା ଦେଖାଦେଲା। ଭିନ୍ନକ୍ଷମ ହୋଇ ବି ସେ ଚାକିରି କରିବା ସହ ଜଗନ୍ନାଥଙ୍କୁ ନିଜ ହାତରେ ଗଢିବା ଜାରି ରଖିଲେ। ସେ ନେସ୍କୋରୁ ୨୦୦୬ରେ ଅବସର ଗ୍ରହଣ କରିଛନ୍ତି। ଅବସର ଗ୍ରହଣକୁ ୧୯ ବର୍ଷ ହୋଇଗଲାଣି। ସେ ୧୭ ବର୍ଷ ବୟସରୁ ବିଭିନ୍ନ ଜାଗାରେ ବିନା ମୂଲ୍ୟରେ ପ୍ରବଚନ ଦେବା ଆରମ୍ଭ କରିଥିଲେ। ଏଥିସହିତ ଜଗନ୍ନାଥଙ୍କୁ ତିଆରି କରିବା ଆରମ୍ଭ କରିଥିଲେ। ଚିରା କାଗଜଠୁ ଆରମ୍ଭ କରି ବୋତଲ, ପେଟି, କପଡା ଆଦି ସବୁ ବ୍ୟବହାର କରି ସେ ଗଢନ୍ତି ଜଗନ୍ନାଥ। ଦୀର୍ଘ ୫୫ ବର୍ଷ ଧରି ସେ ଏପରି ଏକ କଳାରେ ନିବେଶ କରିଛନ୍ତି ନିଜକୁ। ବିନା ପ୍ରଶିକ୍ଷଣରେ ସେ ଆରମ୍ଭ କରିଥିଲେ ଜଗନ୍ନାଥଙ୍କୁ ଆକାର ଦେବା। ପ୍ରଥମେ ତୁଳା ବ୍ୟବହାର କରି ଠାକୁର ଆକୃତି କରି ତା ଉପରେ କାଗଜ ଦେଇ ରଙ୍ଗ ଭରୁଥିଲେ। ଧୀରେ ଧୀରେ ସେ ଏହି କାମରେ ଆଗେଇବାକୁ ଲାଗିଲେ। ଏହାପରେ ଚିରା କାଗଜକୁ ପାଣିରେ ଦଳି ସେଥିରେ ମଇଦା ଅଠା ମିଶାଇ ଜଗନ୍ନାଥଙ୍କ ଆକୃତି ଦେଉଛନ୍ତି। ସେଥିରେ ବସିବା ଜଗନ୍ନାଥଙ୍କଠୁ ଆରମ୍ଭ କରି ଗୋଲ୍ ଅର୍ଥାତ୍ ଜଗନ୍ନାଥଙ୍କ ମୁହଁ ଆଦି ତିଆରି କରୁଛନ୍ତି। ଏତିକି ବର୍ଷ ମଧ୍ୟରେ ସେ ଦୁଇ ହଜାରରୁ ଅଧିକ ଜଗନ୍ନାଥଙ୍କ ଗଢ଼ିଛନ୍ତି। ନିଜ ହାତରେ ଜଗନ୍ନାଥଙ୍କୁ ଜୀବନ୍ତ ରୂପ ଦେଉଛନ୍ତି ଦୟାଲ। 'ଆଗରୁ ତିନି ଚାରି ଥର ଚେଷ୍ଟା କରିବା ପରେ ଜଗନ୍ନାଥଙ୍କୁ ତିଆରି କରିପାରୁଥିଲି। ଏବେ ଏକାଥରେ ତୁଳୀ ଧରିଲେ ଜଗନ୍ନାଥଙ୍କୁ ଗଢି ହୋଇଯାଉଛନ୍ତି। ଏ ଅନୁଭବ ମୋ ପାଇଁ ନିଆରା। ଏହା ଅବର୍ଣ୍ଣନୀୟ। ମୋ ହାତ ତିଆରି ଠାକୁରଙ୍କୁ ସାଉଥ ଆଫ୍ରିକା, ଦିଲ୍ଲୀ, ହରିୟାଣା ଆଦି ବିଭିନ୍ନ ଜାଗାକୁ ଯାଇଛି। ଯେଉଁମାନେ ସବୁ ବାହାରେ ଚାକିରି କରିଛନ୍ତି ସେମାନେ ନେଇକି ଯାଇଛନ୍ତି। ଠାକୁରଙ୍କୁ ତିଆରିରେ ମୁଁ ଚିରା କାଗଜ, ରଙ୍ଗ, ତୁଳୀ, ମଇଦା ଅଠା, ଚୁମକି, ମାଳି, ମୁକୁଟ ଏବଂ ପୋଷାକ ଆଦି ବ୍ୟବହାର କରେ। ଲୁଗା ନିଜେ ସିଲେଇ କରି ଠାକୁରଙ୍କୁ ପିନ୍ଧାଏ ଏବଂ ମୁକୁଟ ପିନ୍ଧାଏ। ସବୁକିଛି ମୁଁ ନିଜେ କରିବାକୁ ଆନନ୍ଦ ପାଏ। ମୁଁ ଆଜିପର୍ଯ୍ୟନ୍ତ କାହାକୁ ଏସବୁ ବିକ୍ରି କରିନି। ସମସ୍ତଙ୍କୁ ଖୁସିରେ ମୁଁ ପ୍ରଦାନ କରେ। ଜୀବନ ଯାକ ଏହି କାମ କରିବି। ମୁଁ ତ ଛୋଟା ଲୋକ କୁଆଡେ ଯାଇପାରୁନି। ସେଥିପାଇଁ ଏବେ ଘରେ ରହି ଠାକୁରଙ୍କୁ ଗଢୁଛି। ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ଦୟାଲ କହିଛନ୍ତି। ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ



# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ
THE SAKALA

## ତାଲିବାନ ଚେତାବନୀ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭିତ୍ତିଭୂମି ସୁଦୃଢ଼ ହେଉଥିବା ବେଳେ କାବୁଲ୍‌ରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ ଏକ ଭୁଲବାର୍ତ୍ତା ଦେଉଛି। ଏହି ଘଟଣାରେ ଭାରତ ଗସ୍ତରେ ଥିବା ଆଫଗାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବୋମାମାଡ଼ର କାରଣ ଯାହା ହେଉନା କାହିଁକି ତାହା ଆଫଗାନିସ୍ତାନର ସାବୋଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏପ୍ରକାର କାର୍ଯ୍ୟକଳାପର ପରିଣାମ ଅତିଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ୯/୧୧ ଆକ୍ରମଣ ଘଟଣାରେ ଆମେରିକା ପକ୍ଷରୁ ଆଫଗାନିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସହଯୋଗିତା କାବୁଲ୍ ପ୍ରତି ବିଶ୍ୱାସଘାତକତା। ତାହାର ପ୍ରତିଶୋଧ ନେବା ପାଇଁ ଟିଟିପି ଏବେ ମଧ୍ୟ ଇସଲାମାବାଦ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ସଂଗଠନର ନେତା ନୂର ୱାଲି ମେସୁଦ୍ ଓ ତାଙ୍କ ସହଯୋଗୀଙ୍କୁ ନିପାତ କରିବା ସକାଶେ ପାକିସ୍ତାନ ପକ୍ଷରୁ ଏହି ବୋମାମାଡ଼ କରାଯାଇଛି ବୋଲି ଦିଆଯାଇଥିବା ସ୍ପଷ୍ଟୀକରଣକୁ ଅମୀର ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଭାରତ କାବୁଲ୍‌କୁ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇଥିବା ବେଳେ ପାକିସ୍ତାନର ଏହି ଅଚାନକ ଆକ୍ରମଣକୁ ଅସୂୟା ଓ ଅସହଣୀୟତା ବୋଲି କହାଯାଇପାରେ।

କାବୁଲରେ ଥିବା ଭାରତର ବୈଷୟିକ ମିସନ୍‌କୁ ଏକ ଦୂତାବାସରେ ପରିଣତ କରାଯିବ ପାଇଁ ହୋଇଥିବା ନିଷ୍ପତ୍ତି ପ୍ରେକ୍ଷାପଟରେ ଅମୀର କହିଛନ୍ତି ଯେ ତାଙ୍କ ଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଫଗାନିସ୍ତାନର ପୁନଃନିର୍ମାଣ ଓ ମାନବିକ ସହାୟତାରେ ଭାରତ କେବଳ ଅଂଶୀଦାର ହେବ ନାହିଁ, ଖୁବ୍‌ଶୀଘ୍ର ଅନ୍ୟୂନ ୬ଟି ନୂତନ ବିକାଶ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏଥିସହ ଚିକିତ୍ସା କ୍ଷେତ୍ରରେ ନୂଆଦିଲ୍ଲୀ ବୈଷୟିକ ସହଯୋଗିତା ଓ ସହାୟତାର ହାତ ବଢ଼ାଇଛି। ମଧ୍ୟପ୍ରାଚ୍ୟ ପରିବର୍ତ୍ତନ ଦୃଶ୍ୟପଟରେ ଆଫଗାନିସ୍ତାନ ସୀମା ସଂଲଗ୍ନ ଇରାନ ଉପକୂଳରେ ଚବାହାର ବନ୍ଦରରେ ଭରତର ନିବେଶ ଫଳପ୍ରଦ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଆଫଗାନିସ୍ତାନ ସହ ସୁସଂପର୍କ ମାଧ୍ୟମରେ ମଧ୍ୟପ୍ରାଚ୍ୟ ସହ ଭାରତ ଆର୍ଥିକ ଓ ବାଣିଜ୍ୟିକ ସଂପର୍କକୁ ସୁଦୃଢ଼ କରିବାର ସମ୍ଭାବନା ଉଜ୍ଜ୍ୱଳ।

ଅନ୍ୟପକ୍ଷରେ ପାକିସ୍ତାନ ନିଜ ଦେଶରେ ଏକାଧିକ ଆତଙ୍କବାଦୀ ଗୋଷ୍ଠୀକୁ ଆଶ୍ରୟ ଓ ପ୍ରଶ୍ରୟ ଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା କ୍ରମେ ନିୟନ୍ତ୍ରଣ ବାହାରକୁ ପଳାଇଥିବାର ଅନୁଭୂତ ହେଉଛି। ଗତ କିଛିଦିନ ମଧ୍ୟରେ ପରିଲକ୍ଷିତ ଚରମ ଆଭ୍ୟନ୍ତରୀଣ ବିଶୃଙ୍ଖଳାରେ ୫୮ ରୁ ଉର୍ଦ୍ଧ୍ୱ ମୃତ ଶତାଧିକ ଆହତ ହୋଇଛନ୍ତି। ଏତି ଘଟଣାରେ ଟିଟିପି ଓ ଟିଏଲପି ସଂଗଠନର ଭୂମିକା ରହିଛି। ଟିଟିପି ଏକ ପୁଲିସ ତାଲିମ କେନ୍ଦ୍ର ଉପରେ ସଂଘବଦ୍ଧ ଆକ୍ରମଣ କରିଥିବା ବେଳେ ଟିଏଲପି ଗାଜାଶାନ୍ତି ଯୋଜନା ବିରୋଧରେ ହିଂସାକାଣ୍ଡ ଭିଆଇଛନ୍ତି। ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ସେନାବାହୀନକୁ କାବୁଲରେ ବୋମାମାଡ଼ କରିବାକୁ ପଡ଼ିଛି। ଦେଶବାସୀଙ୍କୁ ଆଶ୍ୱସ୍ତ କରିବା ପାଇଁ ସରକାରଙ୍କ ପ୍ରଚାରକୁ ମିଛ ପ୍ରମାଣିକ କରି ଟିଟିପି ନେତା ମେସୁଦ୍ ଏକ ଭିଡିଓ ମାଧ୍ୟମରେ ସେ ସକ୍ରିୟ ଓ ସକ୍ଷମ ଥିବା ଦାବି କରିଛନ୍ତି। ନିଜ ଘର ସମ୍ଭାଳିବାକୁ ଅସମର୍ଥ ପାକିସ୍ତାନ ଏବେ ପଡ଼ୋଶୀ ରୋଷର ଶିକାର ହୋଇଛି। ଭାରତ ବିରୋଧରେ ପ୍ରୟୋଗ ପାଇଁ ପୋଷି ରଖିଥିବା ଆତଙ୍କବାଦୀ ଆଗାମୀ ଦିନରେ ପାକିସ୍ତାନର କାଳ ହୋଇପାରନ୍ତି।

## ମୃତ ଓ ଜୀବିତ ଦ୍ୱନ୍ଦ୍ୱ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକଲେ ବିହାର ଏକ ବହୁଚର୍ଚ୍ଚିତ ରାଜ୍ୟ। ସବୁକ୍ଷେତ୍ର ଓ ସ୍ତରରେ ଅନଗ୍ରସର। ତେଣୁ ଜାତୀୟ ରାଜନୀତି ଏହାକୁ ଏକ ପ୍ରୟୋଗଶାଳା ରୂପେ ବ୍ୟବହାର କରିଆସିଛି। ଅନୁତ୍ପାଦନୀ ବା ଅଦରକାରୀ ହୋଇପଡ଼ିଛନ୍ତି ରାଜବାସୀ। କିଛି ବିନିମୟରେ ଏପରିକି ଅସୁମାରି ପ୍ରତିଶ୍ରୁତି ମାଧ୍ୟମରେ ରାଜନେତା ନିର୍ବାଚନ ଫସଲ ଅମଳ କରିଆସିଛନ୍ତି। ଅଥଚ ଜାତୀୟ ରାଜନୀତିରେ ଦିଗ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିହାର। କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରୁ ରାଜ୍ୟ ସୁଫଳ ହାସଲ କରିବାକୁ ଅସମର୍ଥ ହୋଇଛି। ସେହିଭଳି ସମଗ୍ର ଦେଶରେ ମତଦାତା ଶୁଦ୍ଧକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରୁ। ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେତେଦୂର ସଫଳ ହୋଇପାରିଛି ତାହା ତ ଭିନ୍ନ କଥା। ହେଲେ ଅନଗ୍ରସର ଓ ଅଶିକ୍ଷାରେ ନିପୀଡ଼ିତ ରାଜ୍ୟବାସୀ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଅନ୍ୟ ରାଜ୍ୟବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଛି।

ଏହାମଧ୍ୟରେ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତଥାକଥିତ ଏସଆଇଆର ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲାର ଶୁଣାଣିରେ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରିନି। ନିର୍ବାଚନ ଘୋଷଣା ପରେ ପ୍ରକ୍ରିୟାରେ ହସ୍ତକ୍ଷେପ କଲାଭଳି କୌଣସି ନିଷ୍ପତ୍ତି ଉପରେ ଥିବା କଟକଣାକୁ ସର୍ବୋଚ୍ଚ ଅଦାଲତ ଏକପ୍ରକାର ମାନିନେଇଛନ୍ତି। ଦୀର୍ଘ ୪ ମାସର ଅଦାଲତୀୟ କସରତ ଉଦ୍ଦେଶମୂଳକ ଥିଲା ଭଳି ମନେ ହୁଏ। ତେବେ ଅଦାଲତର ହସ୍ତକ୍ଷେପ ଓ ନିର୍ଦ୍ଦେଶ ନିର୍ବାଚନ ଆୟୋଗଙ୍କୁ ବାଧ କରିଛି ନିଜ ଘୋଷିତ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ। ଏସବୁ ସତ୍ତ୍ୱେ ୪୭ ଲକ୍ଷ ଭୋଟଙ୍କୁ ମତଦାତା ତାଲିକାରୁ ବାଦ ଦିଆଯାଇଛି। ଏହା ଅବଶ୍ୟ ଆୟୋଗଙ୍କ ପ୍ରଦତ୍ତ ପରିସଂଖ୍ୟାନ। କିନ୍ତୁ ଅସଲରେ ଏହି ସଂଖ୍ୟା ୬୫ ଲକ୍ଷରୁ ଅଧିକ ହୋଇପାରେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଗଙ୍କ ପକ୍ଷରୁ ଚିଠା ମତଦାତା ତାଲିକା ଘୋଷଣା କରାଯାଇଥିଲେ ମଧ୍ୟ ସଚେତନତା ଅଭାବରୁ ସଂଶୋଧନ ଆବେଦନ ସେଭଳି ଆଖିଦୃଶିଆ ହୋଇପାରିନଥିଲା। କିନ୍ତୁ ନିର୍ବାଚନ ଘୋଷଣା ପରେ ପରେ ଭୋଟର ତାଲିକାରେ ମୃତକ ଦର୍ଶାଯାଇଥିବା ମତଦାତା ସଚେତନ ହୋଇପଡ଼ିଛନ୍ତି। ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଏପରିକି ନିଜେ ଉପସ୍ଥିତ ରହି ସେମାନେ ମୃତ ନୁହନ୍ତି ବୋଲି ଦର୍ଶାଇବାରୁ ତାଲିକା ପୁନଃସଂଶୋଧନ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ଏହି ସଚେତନତା ବୃଦ୍ଧି ପାଇଥିବାରୁ ସ୍ଥାନୀୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସେମାନଙ୍କ ନିକଟରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିତ ପ୍ରମାଣପତ୍ର ନଥିଲେ ମଧ୍ୟ ଆଧାର କାର୍ଡ ବିଶେଷ ସହାୟକ ହୋଇଛି। ଏକ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ତଥାକଥିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ମହିଳା ଓ ସଂଖ୍ୟାଲଘୁ ମତଦାତା।

ବହିରାଗତଙ୍କୁ ନେଇ କ୍ଷମତାକେନ୍ଦ୍ର ଓ ନିର୍ବାଚନ ପ୍ରଶାସନ ପକ୍ଷରୁ ଯେଭଳି ପ୍ରସଙ୍ଗ କରାଯାଇଛି ତାହା ଯେ ଅମୂଳକ ଏହି ମତଦାତା ଶୁଦ୍ଧିକରଣରୁ ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ୩୧୫ ଜଣଙ୍କ ମଧ୍ୟରୁ ୭୮ ମୁସଲମାନ (ବାଂଲାଦେଶ) ଓ ଅବଶିଷ୍ଟ ନେପାଳର ହିନ୍ଦୁ ଅଧିବାସୀ। ଅଥଚ ଏହାକୁ ନିର୍ବାଚନ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯାଇଛି।

## ଶିକ୍ଷାରେ ସଂଖ୍ୟାଲଘୁ ଅଧିକାର

ସୌଭାଗ୍ୟ ସୁନ୍ଦରରାୟ

ଦେଶରେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନ୍ତର୍ଭୁକ୍ତ ହେବେ ନା ନାହିଁ ସେଥିନେଇ ଏକ ବିବାଦ ଗତ କିଛିଦିନ ଧରି ମୁଣ୍ଡ ଟେକିଛି। ଗତ ସେପ୍ଟେମ୍ବର ମାସରେ ସର୍ବୋଚ୍ଚ ନ୍ୟାୟାଳୟର ଏକ ରାୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଂକ୍ରାନ୍ତ ଏକ ରାୟ ପ୍ରଦାନ କରିବା ଅବସରରେ ଶୀର୍ଷ ଅଦାଲତ ଏହି ପ୍ରସଙ୍ଗ ଉଠାଇଛନ୍ତି। ତେବେ କ'ଣ ପାଇଁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ ପରିସରଭୁକ୍ତ ହେବାକୁ ଚାହୁଁନହାନ୍ତି ତାହା ଏକ ପ୍ରଶ୍ନବାଚୀ।

ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆରଟିଇ ପରିସର ବାହାରେ ରହିବା ନିମନ୍ତେ ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ଅଦାଲତର ୨୦୧୪ ମସିହାର ଏକ ରାୟ ଆଧାରିତ। ଦେଶର ସମସ୍ତ ଶିଶୁଙ୍କର ଶିକ୍ଷା ଲାଭ ପାଇବାର ଅଧିକାର ରହିଛି। ଅଥଚ ଆର୍ଥିକ ଅନଟନ, ପାରିବାରିକ ସମସ୍ୟା, ସାମାଜିକ ବ୍ୟବସ୍ଥା ଯୋଗୁଁ ବହୁ ଶିଶୁ ସର୍ବନିମ୍ନ ଶିକ୍ଷା ଲାଭ କରିପାରୁ ନାହାନ୍ତି। ଶିଶୁଟିଏ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଲାଭ କଲେ ସେ ନିଜ ପାଇଁ ଓ ପରିବାର ପାଇଁ ସଶକ୍ତ ହୋଇପାରିବ। ସମାଜ ମଧ୍ୟ ଏଥିରୁ ଉପକୃତ ହୋଇପାରିବ। ଆର୍ଥିକ ଅବସ୍ଥା ଜଣେ ଶିଶୁର ଶିକ୍ଷାରେ ଯେପରି ବାଧକ ନହୁଏ ତାହା ହୃଦୟଙ୍ଗମ କରି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଏହା ଏକ ଯୁଗାନ୍ତକାରୀ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି। ୨୦୦୯ ମସିହାରେ ଏହି ଆଇନ ପ୍ରଣୟନ କରାଯାଇ ୨୦୧୦ ମସିହାରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଗଲା। ଏହି ଆଇନରେ ଘରୋଇ ବିଦ୍ୟାଳୟରେ ମଧ୍ୟ ୨୫% ଆସନ ଅନଗ୍ରସର ଶ୍ରେଣୀ ଶିଶୁଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି। ଦେଖିବାକୁ ଗଲେ ଶିକ୍ଷା ଅଧିକାର ଆଇନ ଏକ ପ୍ରଗତିଶୀଳ ବ୍ୟବସ୍ଥା। ଏହା ଅନୁଷ୍ଠାନକୈନ୍ଦ୍ରିକ ବା ସଂପ୍ରଦାୟ କୈନ୍ଦ୍ରିକ ନୁହେଁ, ଶିଶୁକୈନ୍ଦ୍ରିକ। ଏହି ଆଇନ ଶିଶୁଙ୍କ ମୌଳିକ ଅଧିକାରକୁ ନେଇ ପ୍ରସ୍ତୁତ କରାଯାଇଛି, ଅନୁଷ୍ଠାନ ବା ବର୍ଣ୍ଣ ଆଧାରରେ ନୁହେଁ। ଏଣୁ ସଂଖ୍ୟାଲଘୁ ଭାବେ ଅନୁଷ୍ଠାନର ପ୍ରଶାସନିକ ଦିଗ ପ୍ରତି ଏତେ ଦୃଷ୍ଟି ଦିଆଯିବାର କୌଣସି ଆବଶ୍ୟକତା ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ୨୫% ସ୍ଥାନ ସଂରକ୍ଷଣକୁ ନେଇ ଅଦାଲତରେ ମାମଲା ଦାୟର ହେଲା। ସରକାରୀ ଅଣସାହାଯ୍ୟପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ଉପରେ ଏହା ହସ୍ତକ୍ଷେପ ବୋଲି କୁହାଗଲା। ତେବେ ଅଦାଲତ ଏହି ସଂରକ୍ଷଣକୁ କାଏମ ରଖିଥିଲେ ମଧ୍ୟ ଅଣସହାୟତାପ୍ରାପ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଆସିଲା ଏକ ରାୟ। 'ପ୍ରମତି ଏଜୁକେସନାଲ ଆଣ୍ଡ କଲଚରାଲ ଟ୍ରଷ୍ଟ ବନାମ କେନ୍ଦ୍ର ସରକାର' ମାଲାରେ ଅଦାଲତ ଏହି ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଆର.ଏମ.ଲୋଧାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠର ବିଚାରପତି ଏ.କେ.ପଟ୍ଟନାୟକ, ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ଦୀପକ ମିଶ୍ର ଓ ଏଫ.ଏମ ଇବ୍ରାହିମ କାଲିଫୁଲା ଏହି ରାୟ ବଳରେ ଗାଏମୋଟ ସମସ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଆରଟିଆଇ ପରିସରରୁ ବାଦ ଦେଇଥିଲେ।

ଏହି ରାୟର ପୁନଃ ତର୍ଜମା ଆବଶ୍ୟକ ବୋଲି ଶିକ୍ଷକ ନିଯୁକ୍ତି ଯୋଗ୍ୟତା ପରୀକ୍ଷା ରାୟ ପ୍ରଦାନ ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଦୀପଙ୍କର ଦତ୍ତ ଓ ମନମୋହନ ମତବ୍ୟକ୍ତ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ଚାକିରିଆ ଶିକ୍ଷକଙ୍କ ସମେତ ନୂଆ ଶିକ୍ଷକ ନିଯୁକ୍ତି ନିମନ୍ତେ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣକୁ ବାଧ୍ୟତାମୂଳକ କରିଥିବା ବେଳେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଛନ୍ତି। ଯଦିଓ ଉଭୟ ବିଚାରପତି ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ରାୟ ପ୍ରଦାନ କରିପାରିଥା'ନ୍ତେ, କିନ୍ତୁ ପୂର୍ବରୁ ବୃହତ୍ତର ଖଣ୍ଡପୀଠ ଏ ସଂପର୍କିତ ରାୟ ପ୍ରଦାନ କରିଥିବାରୁ ପ୍ରସଙ୍ଗକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏବେ ଏହି ମାମଲାର ଶୁଣାଣି ନିହାତି ଭାବେ ୭ ଜଣିଆ ଖଣ୍ଡପୀଠରେ ହେବା ଆବଶ୍ୟକ।

କେନ୍ଦ୍ର ସଂଖ୍ୟାଲଘୁ ବିଭାଗ ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ଦେଶରେ ଏବେ ୧୩, ୦୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ରହିଛି। ଏଗୁଡ଼ିକ ମୁଖ୍ୟତଃ ମୁସଲିମ ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ। ଏହି ସଂପ୍ରଦାୟ ଦ୍ୱାରା ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ପରିଚାଳିତ। ଖୁବ୍ ସ୍ୱଳ୍ପସଂଖ୍ୟକ ଅନୁଷ୍ଠାନ ପାର୍ସି, ଇହୁଦୀ, ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ କହିଲେ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟକୁ ବୁଝାଏ। ସଂପ୍ରଦାୟର ସ୍ୱାର୍ଥ, ସଂସ୍କୃତି, ଭାଷା ଓ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ ରଖିବା ଏହାର ପ୍ରମୁଖ ଲକ୍ଷ୍ୟ। ତେବେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତଥ୍ୟ ଅନୁଯାୟୀ ଏହି ବିଦ୍ୟାଳୟଗୁଡ଼ିକରେ ଅଣସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି। ପ୍ରାୟ ୬୨.୫% ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ ସଂପ୍ରଦାୟର। ବିଦ୍ୟାଳୟରେ ଅନଗ୍ରସର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୮.୭%। ଏଥିରୁ ପ୍ରତୀୟମାନ ହେଉଛି ଯେ, ଶିକ୍ଷାନୁଷ୍ଠାନର ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ, କିନ୍ତୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା ସଂଖ୍ୟାଲଘୁ। ଏଥିରୁ ଧରିବାକୁ ପଡ଼ିବ ସଂଖ୍ୟାଲଘୁ ପରିଚାଳନା ବ୍ୟବସ୍ଥା ନାମରେ ଦେଶର ଶିକ୍ଷା ଅଧିକାର ଆଇନକୁ ବିଭିନ୍ନ ଆଳରେ ଅଦାଲତର କାଠଗଡ଼ାକୁ ଟାଣି ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାକୁ ଆଖିମିଟିକା ମାରିବାକୁ ଉଦ୍ୟମ ଚାଲିଛି। ଶିକ୍ଷକ ଯୋଗ୍ୟତା ମାନଦଣ୍ଡ ବାହାରେ ରହି ସଂପୃକ୍ତ ଅନୁଷ୍ଠାନ ନିଜ ମନମୁଖି ଯେକୌଣସି ଯୋଗ୍ୟତାପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ଶିକ୍ଷା ବ୍ୟବସ୍ଥାକୁ ନିମ୍ନଗାମୀ କରିବାକୁ ଉଦ୍ୟମ କରୁଥିବା କୁହାଯାଇପାରେ। ଯଦି ଏହି ଶିକ୍ଷାନୁଷ୍ଠାନ ଆରଟିଇ ବାହାରେ ରହିବେ ଏବଂ ଅନଗ୍ରସର ବର୍ଗ ପାଇଁ ୨୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ନାହିଁ, ତେବେ ନିଜ ସଂପ୍ରଦାୟର ଶିଶୁଙ୍କୁ ମଧ୍ୟ ଉପେକ୍ଷିତ କରିବା ନିମନ୍ତେ ଏମାନେ ଅଧିକାରପ୍ରାପ୍ତ। ତା'ହାଲେ ସଂଖ୍ୟାଲଘୁ ଅନୁଷ୍ଠାନର ଉଦ୍ଦେଶ୍ୟ କିପରି ସାଧିତ ହେଲା? ଏପ୍ରକାର ମାନସିକତାରେ ଦେଶରେ ଶିକ୍ଷା ସାର୍ବଜନୀନ ହୋଇପାରିବ ନାହିଁ କି ଶିକ୍ଷା ଅଧିକାର ଆଇନ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରିବ ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବଢ଼ିଛି। କିନ୍ତୁ ଶିକ୍ଷା ମାନରେ ସେଭଳି ଉନ୍ନତି ଘଟି ପାରିନାହିଁ। ପ୍ରଥମ ଏଜୁକେସନ ଫାଉଣ୍ଡେସନର ପ୍ରାଥମିକ ଶିକ୍ଷା ସଂକ୍ରାନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶାର ତୃତୀୟ ଶ୍ରେଣୀରେ ଶିକ୍ଷାଲାଭ କରୁଥିବା ପ୍ରାୟ ୪୦% ବିଦ୍ୟାର୍ଥୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି। ତୃତୀୟ ଶ୍ରେଣୀର ୭୦% ଛାତ୍ରଛାତ୍ରୀ ଫେଡ଼ାଣ କରିପାରୁ ନାହାନ୍ତି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷକ ପାଠ ପଢ଼ାଉଛନ୍ତି। ବହୁସ୍ଥାନରେ ଜାଲ ସାର୍ଟିଫିକେଟ ବଳରେ ଶିକ୍ଷକ ପଦବୀ ହାତେଇଛନ୍ତି। ବହୁ ଶିକ୍ଷକ ଶୁଦ୍ଧ ଭାବେ ଓଡ଼ିଆ ଲେଖିପାରୁ ନ ଥିବା ରିପୋର୍ଟ ପ୍ରକାଶ ପାଉଛି। ଏପ୍ରକାର ଶିକ୍ଷକଙ୍କୁ ଆମେ ଯୋଗ୍ୟ ବୋଲି କାହିଁକି ଧରିବା? ସେମାନଙ୍କର ଉପଯୁକ୍ତ ଯୋଗ୍ୟତା ଟିଇଟି ଦ୍ୱାରା ନିର୍ଦ୍ଧାରଣ ହେବାରେ କିଛି ସମସ୍ୟା ନାହିଁ। ସଂଖ୍ୟାଲଘୁ ସଂସ୍ଥାକୁ ଏଥିରୁ ବାଦ ଦିଆଗଲେ ସଂପୃକ୍ତ ବିଦ୍ୟାଳୟରେ ନିମ୍ନ ଯୋଗ୍ୟତାସଂପନ୍ନ ଶିକ୍ଷକ ନିଯୁକ୍ତି ଦିଆଗଲେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏପରି ହେଲେ ଶିକ୍ଷା ଫଳାଫଳ ନିମ୍ନଗାମୀ ହେବା ସ୍ୱାଭାବିକ।

ସମ୍ବିଧାନର ଧାରା ୩୦(କ) ସଂସ୍ଥା ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷିତ କରିଥିବା ବେଳେ ଧାରା ୨୧(କ) ଶିଶୁ ଶିକ୍ଷାକୁ ଏକ ମୌଳିକ ଅଧିକାରଭୁକ୍ତ କରିଛି। ତା'ହାଲେ କ'ଣ ପରିଚାଳନାଗତ ଅଧିକାରକୁ ସୁରକ୍ଷିତ କରାଯାଇ ଶିଶୁ ଅଧିକାରକୁ ଉପେକ୍ଷିତ କରାଯିବ? ଶିଶୁ ଅଧିକାର ପ୍ରଥମେ ସୁରକ୍ଷିତ ରହିବା ଆବଶ୍ୟକ। ପର୍ସନାଲ ଆଇନ ବଳରେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ସଂଖ୍ୟାଲଘୁ ମୌଳିକ ଅଧିକାର ବଜାୟ ରଖନ୍ତୁ। ଶିକ୍ଷା କ୍ଷେତ୍ରରେ ତାହା ହେବା ଉଚିତ୍ ନୁହେଁ। ବହୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ପରିଚାଳନା ବିବାଦରେ ରହିଛି। ମାମଲା ମଧ୍ୟ ଅଦାଲତର କାଠଗଡ଼ାରେ ରହିଛି। ଏକ୍ଷେତ୍ରରେ ସ୍ୱାୟତ୍ତତା ଓ ଅଧିକାର ନାମରେ ସ୍ୱେଚ୍ଛାଚାରିତା ମାନସିକତା ଅଧିକ ରହୁଥିବା ଦେଖାଯାଉଛି। ଯେଉଁ ଅନୁଷ୍ଠାନଗୁଡ଼ିକ ଅଧାମ୍ରିକ ବା ଧାର୍ମିକ ଶିକ୍ଷା ପ୍ରଦାନ କରୁଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯାଇପାରେ। କିନ୍ତୁ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରାଯିବା ଆବଶ୍ୟକ। ବମ୍ବେ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ନିଜ ରାୟରେ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରିବାକୁ ମତ ରଖିଛନ୍ତି। ଏଣୁ ଶିଶୁ ଶିକ୍ଷା ଅଧିକାର ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ତୁରନ୍ତ ଶୁଣାଣି କରିବା ଆବଶ୍ୟକ। ୨୦୧୪ ମସିହା ସମ୍ବିଧାନ ଖଣ୍ଡପୀଠ ରାୟକୁ ପୁନଃସମୀକ୍ଷା କରିବା ପାଇଁ ସରକାର ମଧ୍ୟ ସମ୍ବିଧାନ ସଂଶୋଧନ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୭୨୨୯୨୩୩

## ଓଡ଼ିଶାର ହସ୍ତଶିଳ୍ପ ଏକ ଜୀବନ୍ତ ସାହିତ୍ୟ

ରାଜେଶ କୁମାର ତ୍ରିପାଠୀ

ହାତ ଯେତେବେଳେ ହୃଦୟ ସହିତ ଚାଲେ, ସେତେବେଳେ ମାଟି ଓ ମଣିଷ ମିଶି ଲେଖନ୍ତି ଜୀବନ ସାହିତ୍ୟ। ଓଡ଼ିଆ ହସ୍ତଶିଳ୍ପ ହେଉଛି ଆମ ମାଟିର ଆତ୍ମାର ଅଭିବ୍ୟକ୍ତି। ଏହା ଏମିତି ଏକ ଜୀବନ୍ତ ସାହିତ୍ୟ ଯେଉଁଠି ଶବ୍ଦ ନୁହେଁ - ହାତ କହେ। ରେଖା ଓ ରଙ୍ଗ ହେଉଛି ତାହାର ଅକ୍ଷର, ଆଉ ହୃଦୟ ହେଉଛି ତାହାର ସ୍ପନ୍ଦନ। ମାଟି, ଧାତୁ, ତନ୍ତ, ଶିଳା କିମ୍ବା ଘାସ - ଯେଉଁଠି ଓଡ଼ିଆ ମଣିଷ ପ୍ରଭୁଙ୍କୁ ସ୍ମରଣ କରି ହାତର ସ୍ପର୍ଶ ଦିଏ ସେଠାରେ ଜନ୍ମ ନେଉଥାଏ ଆତ୍ମାସ୍ପର୍ଶୀ କଳା। ଆମ ଲୋକଙ୍କ ହାତରେ ଗଢ଼ା ପଥର ମୂର୍ତ୍ତି, ତନ୍ତ ଶାଢ଼ି, ମାଟି ଦୀପ, ଘୋଡ଼ା କିମ୍ବା ତାରକସି - ଏ ସବୁ ହେଉଛି ଓଡ଼ିଆ ଆସ୍ଥା, ଶ୍ରମ ଓ ମନୁଷ୍ୟତାର ଜୀବନ୍ତ ପ୍ରତୀକ। ଓଡ଼ିଆ ହସ୍ତଶିଳ୍ପ କେବଳ କାରିଗରୀ ନୁହେଁ, ଏହା ହେଉଛି ଆମ ସଂସ୍କୃତିର ସ୍ୱର, ଆମ ହୃଦୟର ଗପ ଓ କବିତା।

ପଥର, ମାଟି, ଧାତୁ ଓ ରଙ୍ଗରେ ଲୁଚିଥିବା ଆତ୍ମା ଓଡ଼ିଆ ହାତରେ ପଡ଼ିଲେ ଜୀବନ ନେଇଥାଏ। ପଥର ଦେହରେ ଯେତେବେଳେ ମଣିଷ ହାତରେ ସ୍ୱପ୍ନ ଲେଖେ, ନିଏ ଶିଳ୍ପ, ଯାହା ଶାଶ୍ୱତ ଓ ଦିବ୍ୟ। ଲିଙ୍ଗରାଜ, ଜଗନ୍ନାଥ ଓ କୋଣାର୍କ ମନ୍ଦିର ଏହି ଅଦ୍ଭୁତ ସାଧନାର ଜୀବନ୍ତ ପ୍ରତୀକ। ସେହି ଶିଳାରେ ଖୋଦା ରେଖାଗୁଡ଼ିକ



କେବଳ କଳା ନୁହେଁ, ତାହା ହେଉଛି ଓଡ଼ିଆ ଚିତ୍ତର ଭକ୍ତି ଓ ବୁଦ୍ଧିର ସାହିତ୍ୟ। ପିତଳ ଦୀପ, ମାଟିର ପାତ୍ର କିମ୍ବା ଘୋଡ଼ା - ଏସବୁରେ ଅଛି ଜୀବନର ସ୍ପନ୍ଦନ।

ମାଟି ହେଉଛି ଓଡ଼ିଆ ଜୀବନର ମୂଳ ଆଉ ଶିଳ୍ପ ହେଉଛି ତାହାର ଭାଷା। ଟେରାକୋଟା ଘୋଡ଼ା, ପାତ୍ର, ଖେଳନା ଆଦି ମନୁଷ୍ୟ ଓ ଦେବତା ମଧ୍ୟରେ ଗଢ଼ିଛି ଏକ ନିର୍ମଳ ସେତୁ। ଗ୍ରାମଦେବୀଙ୍କ ପାଇଁ ଆଜି ମଧ୍ୟ ଦିଆଯାଉଥିବା ମାଟିର ଘୋଡ଼ା ସେହି ଆସ୍ଥାର ଶାଶ୍ୱତ ସଙ୍କେତ। ପିପିଲିର ଚାନ୍ଦୁଆ କାମ ହେଉଛି ରଙ୍ଗ, ଆଲୋକ ଓ ଆନନ୍ଦର ଉତ୍ସବ। ରଙ୍ଗ ଲଗା କପଡ଼ା ଖଣ୍ଡକୁ ଯୋଡ଼ି ତିଆରି ହୋଇଥିବା ଚାନ୍ଦୁଆ, ଛତା, ପଙ୍ଖା ଓ ଚିତ୍ରପଟ ଦେଖିଲେ ଲାଗେ ହାତ ଓ ରଙ୍ଗ ଏକାଠି ହୋଇ ଗାଉଛି ଜୀବନର ଗୀତ। ସୁବର୍ଣ୍ଣ ଘାସରେ ମହିଳାମାନଙ୍କ ହାତରେ ତିଆରି ଟୋକେଇ, ସପ ଓ ଗାଲିଚା ଦେଖିଲେ ଲାଗେ ଯେପରି ସାଧା ସାମଗ୍ରୀ ମଧ୍ୟ ସୁନ୍ଦରତା ଓ ସ୍ୱାଭିମାନର ପ୍ରତୀକ ହୋଇପାରେ। ଘାସ ଯେତେବେଳେ ଶିଳ୍ପ ହୁଏ, ସେତେବେଳେ ମାଟିର ସହିଷ୍ଣୁତା ଓ ମଣିଷର ସାଧନା ଏକାଠି ହୋଇ ଗାଉଥାଏ ଜୀବନର ସ୍ତୋତ୍ର।

ଓଡ଼ିଆ ଶାଢ଼ି ହେଉଛି ଆମ ଆତ୍ମାର ବସ୍ତ୍ର। ସମ୍ବଲପୁରୀ ହେଉ କି ବରହମପୁରୀ, ପ୍ରତ୍ୟେକ ଶାଢ଼ି ଗୋଟିଏ ଅଞ୍ଚଳର ସଙ୍ଗୀତ ଓ ଜୀବନର ଗାଥା। ଶଙ୍ଖ, ଫୁଲ, ଲତା - ଏହି ଛାପ ଓଡ଼ିଆ ନାରୀର ସାହସ, ସଂସ୍କାର ଓ ସୌନ୍ଦର୍ଯ୍ୟକୁ ବୁଣି ରଖିଛି। ଏହା କେବଳ ବସ୍ତ୍ର ନୁହେଁ, ଶ୍ରମ ଓ ସ୍ୱାଭିମାନର ଶିଳ୍ପିତ ଅନୁବାଦ। ସେପରି କଟକର ତାରକସି କାମ ଓଡ଼ିଆ କାରିଗରୀର ମହିମା। ସୂକ୍ଷ୍ମ ରୁପା ତାରରେ ଗଢ଼ିଥିବା ରଥ, ଅଳଙ୍କାର ଓ ଦେବତା ଆକୃତିଗୁଡ଼ିକ କେବଳ ଦେଖିବାକୁ ସୁନ୍ଦର ନୁହେଁ, ବରଂ ମନୁଷ୍ୟ ଧୈର୍ଯ୍ୟ ଓ ଆସ୍ଥାର ଦିବ୍ୟ ପ୍ରତୀକ। ପ୍ରତ୍ୟେକ ତାର ହେଉଛି ଶ୍ରଦ୍ଧା ଓ ସାଧନାର ଏକ ସୂତ୍ର, ଯାହା ଆଜି ମଧ୍ୟ ଓଡ଼ିଆ ହୃଦୟକୁ ଗର୍ବିତ କରେ।

ପିତଳ କିମ୍ବା ମାଟିର ଦୀପ ଯେପରି ଘରକୁ ଆଲୋକିତ କରେ, ସେହିପରି ଓଡ଼ିଆ ହସ୍ତଶିଳ୍ପ ଆମ ସଂସ୍କୃତି ଓ ଆଶାକୁ ଆଲୋକିତ କରେ। ଆଜି ସାରା ବିଶ୍ୱ ଯେତେବେଳେ ଅଟୋମେସନ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ମନୁଷ୍ୟତା ଖୋଜୁଛି, ଓଡ଼ିଶା ତା'ର ହସ୍ତଶିଳ୍ପ ମାଧ୍ୟମରେ ସ୍ମରଣ କରାଉଛି ଯେ ସବୁଠାରୁ ବଡ଼ ଟେକନୋଲୋଜି ହେଉଛି ମଣିଷ ହାତ। ଆଉ ସବୁଠାରୁ ଶକ୍ତିଶାଳୀ ସଫ୍ଟୱେୟାର ହେଉଛି ତାହାର ହୃଦୟ। ଓଡ଼ିଆ ହସ୍ତଶିଳ୍ପ ଆଜି କେବଳ ଗତଐତିହ୍ୟ ନୁହେଁ, ଏହା ଆଗାମୀ କାଲିର ଆଶା ମଧ୍ୟ। ପରିବର୍ତ୍ତିତ ସମୟରେ ଏହା ମାନବତା, ସୃଜନ ଓ ସମ୍ମିଳନର ଏକ ମଡେଲ୍ ଭାବେ ଉଦିତ ହେଉଛି।

ଯଦି ଆମେ ଆମ ଶିଳ୍ପକୁ ସମୟ ସହିତ ଯୋଡ଼ି ରଖିପାରିବୁ, ନବତନ୍ତ୍ରର ସହିତ ଯୋଗାଯୋଗ ରଖି ତା'ର ଆତ୍ମାକୁ ଅକ୍ଷୁଣ ରଖିପାରିବୁ, ତେବେ ଓଡ଼ିଶା ହସ୍ତତନ୍ତ୍ର ଶିଳ୍ପ ସଂସ୍କୃତିର ବତୀଘର ହୋଇପାରିବ। ଯେତେବେଳେ ହାତ ହୃଦୟ ସହିତ ଚାଲେ ଏବଂ ସେହି ହାତ ସମୟ ସହିତ ତାଳ ଦିଏ, ସେତେବେଳେ ଜନ୍ମ ନେଉଥାଏ ଏମିତି ହସ୍ତଶିଳ୍ପ, ଯାହା କେବଳ ନିଜ ଅଞ୍ଚଳ ନୁହେଁ, ସାରା ପୃଥିବୀର ଆତ୍ମାକୁ ଆଲୋକିତ କରିପାରେ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

## ପ୍ରାଣଘାତୀ ବାଣ ଓ ବାଜା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପ୍ରାୟ ପ୍ରତ୍ୟେକ ସାର୍ବଜନୀନ ଉତ୍ସବ ପାଳନ ଅବସରରେ ଆମେ ପ୍ରାଥମିକତା ଦେଉଛୁ ବାଣ ଓ ବାଜାକୁ। ପରିବେଶ ଓ ପରିସଂସ୍ଥାକୁ ଗୁରୁତ୍ୱ ଦେଉଥିବା ଆମ ସଂସ୍କୃତିରେ ପୂଜାପାର୍ବଣ ସହିତ ଏହା କିପରି ସମ୍ମିଳିତ ହେଲା ତାହା ବୁଝି ହେଉନାହିଁ। ସାଧାରଣତଃ ବାଣରେ ଥାଏ ଆଲୁମିନିୟମ ଗୁଣ୍ଡ, ଗନ୍ଧକ, ଫସଫରସ, ପଟାସିୟମ ନାଇଟ୍ରେଟ୍, ବେରିୟମ ନାଇଟ୍ରେଟ୍ ଇତ୍ୟାଦି। ପୁନଶ୍ଚ ଏଥିରୁ ନିର୍ଗତ ଶିଖାକୁ ନାନାରଂଗ ପ୍ରଦାନ କରିବାକୁ ଏଥିସହିତ ଯୋଗ କରାଯାଇଥାଏ ସୋଡିୟମ, ତମ୍ବା, ବେରିୟମ ଧାତୁର ବିବିଧ ଲବଣ। ଏଣୁ ବାଣ ଫୁଟିଲେ ସେଥିରୁ ନିର୍ଗତ ହୁଏ ଅଙ୍ଗାରକାମ୍ଳ, କାର୍ବନ ମନୋକସାଇଡ, ଗନ୍ଧକର ଅକ୍ସାଇଡ ସମୂହ, ସୂକ୍ଷ୍ମ ଭାସମାନ କଠିନ ପଦାର୍ଥ, ଅଙ୍ଗାର ଓ ବିବିଧ ଧାତବ କଣିକା ଇତ୍ୟାଦି।

ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡ଼ିକର ପ୍ରଭାବ ବର୍ଣ୍ଣନା କରିବସିଲେ ପୁରାଣଟିଏ ହେବ। ଗନ୍ଧକର ଅକ୍ସାଇଡ୍‌ଗୁଡିକ ଆମ ଶ୍ୱାସକ୍ରିୟା ବ୍ୟବସ୍ଥାକୁ କ୍ଷତି ପାହଞ୍ଚାଇଲା ବେଳେ ଅମ୍ଳବୃଷ୍ଟି ମଧ୍ୟ କରାନ୍ତି। ସେହିପରି କାର୍ବନ ମନୋକସାଇଡ ରକ୍ତର ଅମ୍ଳଜାନବାହୀ ଗୁଣକୁ ପ୍ରତିହତ କରେ ଏବଂ ସୂକ୍ଷ୍ମ ଭାସମାନ କଠିନ ପଦାର୍ଥଗୁଡ଼ିକ ଶ୍ୱାସରୋଗଠାରୁ ହୃଦ୍‌ରୋଗ ଯାଏ ନାନାରୋଗର କାରଣ ଅଟନ୍ତି। ପୁନଶ୍ଚ ଅଙ୍ଗାରକାମ୍ଳ ତ ଏକନମ୍ବର ସବୁଜ ଗୃହ ବାଷ୍ପ। କ୍ଷୋଭର ବିଷୟ ଯେ ପର୍ବପର୍ବାଣୀ ଅବସରରେ ଆମେ ଏସବୁ ପ୍ରତି ଧ୍ୟାନ ନଦେଇ ମନଇଚ୍ଛା ବାଣ ଫୁଟାଇଥାଉ। ଫଳରେ ଦେଶର ପ୍ରାୟ ସମସ୍ତ ସହର ଓ ନଗରରେ ବାୟୁ ପ୍ରଦୂଷଣର ମାତ୍ରା ଅନେକ ଗୁଣ ବଢ଼ିଯାଏ।

ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୮୦/୯୦ ରୁ ଆରମ୍ଭ କରି ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି। ଆମର ସାଧାରଣ ସହନୀୟ ସୀମା ହେଲା ୫୦ ରୁ ୬୦ ଡେସିବଲ। ଅତଏବ ଏହା ଆମ ଶ୍ରୁତି ଓ ଶ୍ରବଣ ଶକ୍ତି ହ୍ରାସ କଲା ବେଳେ ମୁଣ୍ଡବ୍ୟଥା, ଛାତିରେ ଯନ୍ତ୍ରଣା, ଚର୍ମଜ୍ୱଳନ, ପାକସ୍ଥଳୀରେ ଘା, ହୃତସ୍ପନ୍ଦନ ହାର ବୃଦ୍ଧି, ହୃଦରୋଗ ସୃଷ୍ଟି କରେ ଏବଂ ଆମ ଚୟାପଚୟ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଏ। ବିବିଧ ପର୍ବପର୍ବାଣୀ ଅବସରେ





ଧ୍ୱନି ପ୍ରଦୂଷଣ ଦିଲ୍ଲୀ, ମୁମ୍ବାଇ, କଲିକତା, ଲକ୍ଷ୍ନୌ, ଅହମ୍ମଦାବାଦ ଆଦି ନଗରୀମାନଙ୍କରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ। ଏପରିକି ଆମ କଟକ ମଧ୍ୟ ଏଥିରୁ ବାଦ ପଡ଼େ ନାହିଁ।

ବାଣ ସହିତ ଏବର ସମସ୍ୟାକୁ ଅଧିକ ତୀବ୍ର କରୁଛି ବାଜା ଓ ଡାକବାଜି ଯନ୍ତ୍ର। ବିଭିନ୍ନ ବାଜାରୁ ୯୦ ରୁ ୧୪୦ ଡେସିବଲ ଧ୍ୱନି ନିର୍ଗତ ହେଉଥିବା ବେଳେ ଡାକବାଜିଯନ୍ତ୍ର କ୍ଷେତ୍ରରେ ତାହା ୧୦୦ ରୁ ୧୩୦। ସହଜେ ତ ଗାଡ଼ିମୋଟର, କଳାକାରଖାନା, ଉଡ଼ାଜାହାଜ ଆଦିଙ୍କ ଯୋଗୁଁ ବାୟୁ ଓ ଧ୍ୱନି ପ୍ରଦୂଷଣ ବଢ଼ି ଲାଗିଛି। ସେଥିସହିତ ଏହି ଦାୟିତ୍ୱହୀନ କାର୍ଯ୍ୟକଳାପ ସମସ୍ୟାଟିକୁ ଅଧିକ ଜଟିଳ କରି ପକାଉଛି।

ବିଡ଼ମ୍ବନାର କଥା ଯେ ଏହାକୁ ଆମେ ଉପଭୋଗ କରୁଛୁ ଆମ ପ୍ରଚଳିତ ପରମ୍ପରା ଓ ଧର୍ମାନୁଷ୍ଠାନର ଦ୍ୱାହି ଦେଇ। ଏକଥା କହିଲାବେଳେ ଆମେ ଭୁଲି ଯାଉଛୁ ଯେ ମଣିଷର ଜୀବନଧାରା ଓ ଚେନତାକୁ ସମୁନ୍ନତ ଓ ଶୃଙ୍ଖଳିତ କରିବାକୁ ଧର୍ମ ଓ ପରମ୍ପରାର ସୃଷ୍ଟି। ଅତଏବ ସମାୟାନୁକ୍ରମେ ଏହା ମଧ୍ୟରେ ଯୁକ୍ତିସିଦ୍ଧ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ନଚେତ୍ ତାହା ହରାଇବା ବସିବ ପ୍ରାସଙ୍ଗିକତା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜ୍ୟରେ ସାର ସମସ୍ୟା, ସରକାରଙ୍କ ଚେତା ପଶିଲା

- ରବି ଋତୁରେ ତ୍ରୁଟିଶୂନ୍ୟ ସାର ଯୋଗାଣ ଉପରେ ଗୁରୁତ୍ୱ
- ଖୁବଶୀଘ୍ର ପ୍ରକାଶ ପାଇବ ସଂଶୋଧିତ ମାର୍ଗଦର୍ଶିକା
- ୟୁରିଆ ଯୋଗାଣ ଦାୟିତ୍ୱ ବହନ କରିବ ମାର୍କଫେଡ୍
- ରବି ବିହନ ଯୋଗାଣ ପାଇଁ ହେବ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୧୩।୧୦(ସମିସ): ଚଳିତ ଖରିଫ୍ ଋତୁରେ ରାଜ୍ୟବ୍ୟାପୀ ବିହନ ଏବଂ ସାର ଯୋଗାଣକୁ ନେଇ ବେଶ୍ ହନ୍ତସନ୍ତ ହୋଇଛନ୍ତି ଚାଷୀ। ବିଶେଷକରି ସାରକୁ ନେଇ ରାଜ୍ୟବ୍ୟାପୀ ଚାଷୀ ବେଶ୍ ହନ୍ତସନ୍ତ ହୋଇଥିବା ବେଳେ ଏବେ ମଧ୍ୟ କେତେକ ସ୍ଥାନରେ ଆବଶ୍ୟକୀୟ ସାର ମିଳି ପାରିନାହିଁ। ସାର ନ ପାଇ ସରକାରୀ ସଂସ୍ଥା ଆଗରେ ରାତି ରାତି ଅନିଦ୍ରା ହୋଇ ଚାଷୀ ବସିବସି ନିରାଶ ହୋଇଛି। ବାଧହୋଇ ଚଢ଼ାଦରରେ ଖୋଲା ବଜାରରୁ ସାର କିଣିବାକୁ ଚାଷୀ ବାଧ ହୋଇଛନ୍ତି। ତେଣୁ ରବି ଋତୁରେ ଚାଷୀଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ଏନେଇ ନିକଟରେ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ରାଜ୍ୟରେ ଆସନ୍ତା ରବି ଋତୁ ୨୦୨୫-୨୬ ପାଇଁ ବିହନ ଯୋଗାଣ ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। ଖରିଫ ଋତୁରେ ଚାଷୀମାନେ ସଠିକ୍ ସମୟରେ ଉନ୍ନତମାନର ବିହନ ପାଇ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ଚାଷୀଙ୍କୁ ଯେଉଁ ବିହନ ଯୋଗାଇ ଦିଆଯାଇଥିଲା, ତାହା ଗୁଣବତ୍ତା ଦୃଷ୍ଟିରୁ ଉନ୍ନତ ନଥିବା କୁହାଯାଇଥିଲା। ତେଣୁ ଆସନ୍ତା ରବି ଋତୁ ପାଇଁ ସଠିକ୍ ବିହନ ଯୋଗାଣ ପାଇଁ ରାଜ୍ୟ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବୈଠକ ଡକାଯିବ। ବୈଠକରେ ରବି ଋତୁ ପାଇଁ ଧାନ ଓ ଅଣଧାନ ବିହନ ଯୋଗାଣ ସମ୍ପର୍କରେ ବିଶେଷ ଆଲୋଚନା କରାଯିବ। ରବି ଋତୁ ପାଇଁ ଧାନ ବ୍ୟତୀତ ପରିବା, କପା ପାଇଁ କେତେ ମାତ୍ରାରେ ସାର ଆବଶ୍ୟକ ହେବ, ସେନେଇ ଓୟୁଏଟି ବିସ୍ତୃତ ରିପୋର୍ଟ ପ୍ରଦାନ କରିବ। ଏହି ରିପୋର୍ଟ ଆଧାରରେ ରାଜ୍ୟରେ ସାରର ଆବଶ୍ୟକତା ନେଇ ଏକ ଆକଳନ ପ୍ରସ୍ତୁତ କରାଯିବା ସହ ତଦନୁଯାୟୀ ସାର ମହଜୁଦ୍ ଏବଂ ପରବର୍ତ୍ତୀ ଅବସ୍ଥାରେ ଯୋଗାଣ କରାଯିବ। ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ସାର ଯୋଗାଣକୁ ପ୍ରତ୍ୟେକ୍ଷ ଭାବେ ନିରୀକ୍ଷଣ କରିବାକୁ ଥିବାବେଳେ ରାଜ୍ୟବ୍ୟାପୀ ୟୁରିଆ ଯୋଗାଣ ପାଇଁ ମାର୍କଫେଡକୁ ସମସ୍ତ କ୍ଷମତା ପ୍ରଦାନ କରାଯାଇଛି। ପାକ୍ସ ଓ ଲାମ୍ପସ ଦ୍ୱାରା ଚାଷୀଙ୍କ ନିକଟରେ ଯେପରି ସାର ସଠିକ୍ ସମୟରେ ପହଞ୍ଚିବ, ସେ ନେଇ ମାର୍କେଫେଡ ଆବଶ୍ୟକୀୟ ପଦକ୍ଷେପ ନେବ। ଆସନ୍ତା ରବି ଋତୁରେ ସାର ଯୋଗାଣ ପାଇଁ ଖୁବଶୀଘ୍ର ଏକ ସଂଶୋଧିତ ଏସଓପି ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଟ୍ୟାଙ୍କର୍-ବାଇକ୍ ଧକ୍କା; ଦୁଇ ମୃତ

ରାମନାଗୁଡ଼ା, ୧୩।୧୦ (ସମିସ): ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାଲୁପାଇ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତଦ୍ୱୟଙ୍କ ପରିଚୟ ମିଳି ନଥିବା ବେଳେ ସେମାନଙ୍କ ଘର ରାୟଗଡ଼ା ବ୍ଲକ୍ ଗୁମା ଗ୍ରାମରେ। ସେମାନେ ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋସେଇଁ ଗୁଲୁମୁଣ୍ଡା ପଞ୍ଚାୟତ ଅଧୀନ ରେଖାଗୁଡ଼ାସ୍ଥିତ ଜଣେ ସଂପର୍କୀୟଙ୍କ ଘରକୁ ଆସିଥିଲେ। ଆଜି ଦୁହେଁ ଏକ ବାଇକ୍‌ରେ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର୍ ପାଲୁପାଇ ନିକଟସ୍ଥ ବୁଲାଣିରେ ସେମାନଙ୍କୁ ଧକ୍କା ଦେଇଥିଲା। ରାମନାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ଓଡ଼ିଶା ଛାଡ଼ିଲା ମୌସୁମୀ

**ଆଣିଥିଲା ୧୬ଟି ଲଘୁଚାପ, ୫ ଅବପାତ**

ଭୁବନେଶ୍ୱର,୧୩।୧୦(ସମିସ): ସାଧରଣ ଭାବେ ଓଡ଼ିଶାରୁ ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଅପସାରଣ ହୋଇଥାଏ। ଚଳିତ ବର୍ଷ ରାଜ୍ୟକୁ ସ୍ୱମୌସୁମୀ ଯଥେଷ୍ଟ ଆଗୁଆ ଆସିଥିଲେ ମଧ୍ୟ ରାଜ୍ୟରୁ ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବିଦାୟ ନେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ

**ସଅଳ ଆସିଲା, ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ**

ବାୟୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦିରୁ ସମ୍ପୂର୍ଣ୍ଣ ଅପସାରଣ ହୋଇଯାଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଅଧିକାଂଶ ଅଞ୍ଚଳ ଏବଂ ନୂଆପଡ଼ା, ସୋନପୁର, ବରଗଡ଼ ଓ ବାଲେଶ୍ୱରର କିଛି ଅଞ୍ଚଳରୁ ଅପସାରଣ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଏହି ସବୁ ଅଞ୍ଚଳରେ ଦୁଇ ଦିନ ହେବ ବର୍ଷା କମିଯାଇଥିବା ବେଳେ ଆଗକୁ ମଧ୍ୟ ଏଠାରେ ଶୁଖିଲା ପାଗ ଜାରି ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ୨-୩ ଦିନ ମଧ୍ୟରେ ରାଜ୍ୟର ବାକି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହୋଇଯିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ ଗଲା ୩ ବର୍ଷ ହେବ ରାଜ୍ୟରୁ ମୌସୁମୀ ୧୩ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ ହେଉଥିବା ଦେଖାଯାଇଛି। ୧୦ ବର୍ଷ ମଧ୍ୟରେ ୨୦୧୮ରେ ସବୁଠୁ ଆଗୁଆ ଅର୍ଥାତ ମୌସୁମୀ ୫ ଅକ୍ଟୋବରରେ ଓଡ଼ିଶା ଛାଡ଼ିଥିବା ବେଳେ ୨୦୨୦ରେ ସବୁଠୁ ବିଳମ୍ବ ଅର୍ଥାତ ୨୬ ଅକ୍ଟୋବରରେ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିଲା। ସାଧାରଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ୨-୩ ଦିନ ମଧ୍ୟରେ ସାରା ଓଡ଼ିଶାରୁ ଅପସାରଣ ହୋଇଯାଉଥିବାରୁ ଚଳିତ ବର୍ଷ ମଧ୍ୟ ୧୫ ସୁଦ୍ଧା ମୌସୁମୀ ସାରା ଓଡ଼ିଶାରୁ ବିଦାୟ ନେଇ ଯିବାର ସମ୍ଭାବନା ରହିଛି।

ରାଜ୍ୟକୁ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଅଗ୍ରସର ହୋଇଥାଏ। ହେଲେ ଚଳିତ ବର୍ଷ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ ମେ' ୨୬ରେ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶା ପ୍ରବେଶ କରିଥିଲା। ଏଥର ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ମଧ୍ୟରେ ୧୧୫୦.୯ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ରାଜ୍ୟରେ ସ୍ୱାଭାବିକ ବର୍ଷାକୁ ସୂଚାଉଛି। ମୌସୁମୀର ପ୍ରଭାବ ମଧ୍ୟରେ ବଙ୍ଗୋପସାଗର ଓଡ଼ିଶାକୁ ପ୍ରଭାବିତ କରିଥିବା ସ୍ଥଳଭାଗକୁ ମିଶାଇ ମୋଟ୍ ୧୬ ଟି ଲଘୁଚାପ ହୋଇଥିଲା। ଏଥି ମଧ୍ୟରୁ ୫ ଟି ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ/ଗଭୀର ଅବପାତରେ ମଧ୍ୟ ପରିଣତ ହୋଇଥିଲା। ଏହାଦ୍ୱାରା ଚଳିତ ବର୍ଷ ରାଜ୍ୟର ଉତ୍ତର ଓଡ଼ିଶାରେ ପ୍ରାୟ ୬ ଥର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ମହାନଦୀରେ ମଧ୍ୟ ଦୁଇ ଥର ଛୋଟ ଧରଣର ବନ୍ୟା ଆସିଥିଲା।

# ଇ-ଚାଲାଣ ପଇଠ ନକଲେ ରଦ୍ଦ ହେବ ଗାଡ଼ି ପଞ୍ଜୀକରଣ

**ଅନଲାଇନରେ ଇ-ଚାଲାଣ ଓଟିଏସ ରିହାତି ଅର୍ଥ ପଇଠ ସୁବିଧା**

କଟକ, ୧୩।୧୦ (ସମିସ): ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣର ଏକକାଳୀନ ଫଇସଲା (ଓଟିଏସ) ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ରିହାତି ଅର୍ଥରାଶି ପଇଠ ପାଇଁ ଏଣିକି ଆଉ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଗୁଡ଼ିକୁ ଯିବାକୁ ପଡ଼ିବ ନାହିଁ। ଘରେ ବସି ଏହି ଇ-ଚାଲାଣ ପୈଠ କରିବାକୁ ପରିବହନ ବିଭାଗ ବ୍ୟବସ୍ଥା କରିଛି। ଏଥିପାଇଁ ପରିବହନ ବିଭାଗର ୱେବ୍‌ସାଇଟ୍ https://echallan.parivahan.gov.in/ରେ କ୍ଲିକ୍ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ଚାଲାଣ ଅର୍ଥ ପଇଠ କରିହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ପୂର୍ବରୁ ମୋଟର ଯାନ ଆଇନର ୧୭ଟି ଧାରା ପାଇଁ ଏହା ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୭ଟି ଧାରା ଏଥିରେ ସାମିଲ କରି ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ଉପଲବ୍ଧ ହୋଇଛି। ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ସମସ୍ତ ଧାରାରେ ଜାରି ହୋଇଥିବା ଇ-ଚାଲାଣକୁ ରିହାତିରେ ପୈଠ କରିହେବ। ଇ-ଚାଲାଣ ପୈଠ ନ କଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ତରଫରୁ କୁହାଯାଇଛି। ଏଥିପାଇଁ ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ବିଗତ କିଛି ବର୍ଷ ଧରି ଲକ୍ଷଲକ୍ଷ ସଂଖ୍ୟାରେ ମୋଟରଯାନ ବ୍ୟବହାରକାରୀଙ୍କ ବିରୋଧରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ଜାରି ଇ-ଚାଲାଣ ବକେୟା ରହିଛି। ଏକାସାଥୀରେ ପୈଠ କରି ୫୦ ପ୍ରତିଶତ ଯାଏଁ ରିହାତି ପାଇବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। କୌଣସି ସୂଚନା ପାଇଁ ପରିବହନ ବିଭାଗର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୦୭୩ରେ ମଧ୍ୟ ଯୋଗାଯୋଗ କରିବାକୁ କୁହାଯାଇଛି।

# ସମସ୍ତ ଅଭିଯୁକ୍ତ ଗିରଫ

**ପଶ୍ଚିମବଙ୍ଗରେ ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ**

କୋଲକାତା, ୧୩।୧୦: ପଶ୍ଚିମ ବଙ୍ଗର ଦୁର୍ଗାପୁରରେ ଜଳେଶ୍ୱରର ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗତକାଲି ତିନି ଜଣ ଧରାପଡ଼ିଥିବା ବେଳେ ଆଜି ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏହି ଦୁଇ ଅଭିଯୁକ୍ତ ହେଲେ ସଦ୍ଦାମ ଏବଂ ସଫିକୁଲ। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହାସହିତ ଏହି ଜଘନ୍ୟ କାଣ୍ଡରେ ଲିପ୍ତ ଥିବା ସମସ୍ତ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ବୋଲି ଦୁର୍ଗାପୁର ପୁଲିସ ପକ୍ଷରୁ କୁହାଯାଇଛି। ତେବେ ସନ୍ଦେହ ଘେରରେ ଥିବା ପୀଡ଼ିତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଏବେ ବି ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଡିଜି କହିଛନ୍ତି।

**ଦୁର୍ଗାପୁର ଗଲେ ଓଡ଼ିଶା ମହିଳା କମିସନ ଅଧକ୍ଷା**

ଇତିମଧ୍ୟରେ ଓଡ଼ିଶା ମହିଳା କମିସନ ଅଧକ୍ଷା ଶୋଭନା ମହାନ୍ତି ଆଜି ଦୁର୍ଗାପୁର ଯାଇଛନ୍ତି। ସେ ପୀଡ଼ିତାଙ୍କ ପିତାମାତାଙ୍କୁ ଭେଟିବା ସହିତ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ଲାଗି ତାଙ୍କୁ ହସପିଟାଲ ଯିବାକୁ ମନା କରିଦେଇଛି। ପୀଡ଼ିତା ଛାତ୍ରୀଙ୍କର ଚିକିତ୍ସା ଚାଲିଥିବାରୁ ବାହାର ଲୋକଙ୍କୁ ଭେଟିବାଲାଗି ଅନୁମତି ଦିଆଯାଉ ନାହିଁ ବୋଲି ପୁଲିସ କହିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଛାତ୍ରୀଙ୍କର ଡାକ୍ତରୀ ରିପୋର୍ଟ ଆସିଛି ଏବଂ ଦୁଷ୍କର୍ମର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଅନୁମତି ଦିଆଯାଇନଥିବା ଜଣାପଡ଼ିଛି। ଓଡ଼ିଶା ସରକାର ପଠାଇଥିବା ଏକ ପ୍ରତିନିଧି ଦଳ ମଧ୍ୟ ଦୁର୍ଗାପୁର ଯାଇଛନ୍ତି। କିନ୍ତୁ ସେମାନଙ୍କୁ ହସପିଟାଲ ଭିତରକୁ ଛାଡ଼ିବାକୁ ପୁଲିସ

ଇତିମଧ୍ୟରେ ଛାତ୍ରୀଙ୍କ ପିତା କହିଛନ୍ତି ଯେ ତାଙ୍କ ଝିଅ ପଶ୍ଚିମ ବଙ୍ଗରେ ନିରାପଦ ନୁହେଁ। ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେବାପରେ ସେ ତାଙ୍କୁ ଘରକୁ ନେଇଯିବେ। ଆଜି ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ରାତିରେ ଜାଲେଶ୍ୱରର ଏହି ଏମବିବିଏସ୍ ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହିତ କଲେଜ କ୍ୟାମ୍ପସ ବାହାରକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଟେକିନେଇ ଦୁଷ୍କର୍ମ କରିଥିଲେ।

# ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ: ମୁଖ୍ୟମନ୍ତ୍ରୀ

- ଭାରତୀୟ ଜ୍ଞାନ ପରମ୍ପରା ହେଉ ନୂଆ ଶିକ୍ଷା ଯୁଗର ଆଧାର
- ଶିକ୍ଷା ସମସ୍ତଙ୍କ ହିତ ଏବଂ ସମାଜ କଲ୍ୟାଣ ପାଇଁ ଅଟେ



ପୁରୀ, ୧୩।୧୦ (ସମିସ): ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ, ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର ମୌଳିକ ସାମର୍ଥ୍ୟ ଏବଂ ବିଶ୍ଳେଷଣାତ୍ମକ ଚିନ୍ତା। ଶିକ୍ଷାର ଲକ୍ଷ୍ୟ ଚରିତ୍ର ଗଠନ ଓ ପବିତ୍ରତା। ଆଧ୍ୟାତ୍ମିକତାର ପୃଷ୍ଠଭୂମିରେ ଶିକ୍ଷା ପର୍ଯ୍ୟବସିତ ହେବା ଉଚିତ। ଶିକ୍ଷାର୍ଥୀମାନେ ଜୀବନରେ ଭଗବତ୍ ଗୀତାଠାରୁ ଆରମ୍ଭ କରି ସମସ୍ତ ଧର୍ମଗ୍ରନ୍ଥ ପାଠ କରିବା ଦରକାର। ଏତଦ୍‌ବ୍ୟତୀତ ଉପନିଷଦର ମହବାଣୀଗୁଡ଼ିକୁ ଆଚାର ବିଚାରରେ ବିନିଯୋଗ କରିବା ଉଚିତ। ଈଶ୍ୱର ବିଶ୍ୱାସୀ ହେବା ଦ୍ୱାରା ମଣିଷ ନିରହଙ୍କାରୀ ହେବା ସହ ଫଳ ଆଶା ବିନା ନିରନ୍ତର କାର୍ଯ୍ୟ କରି ଚାଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି ୨୦୨୦' ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷାନୀତି ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି। ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ। ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଏହା ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟର ଜାତୀୟ ସଚିବ ଡ. ଅତୁଲ କୋଠାରୀ ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଲେ ଯେ ଏହି ଐତିହାସିକ ଶିକ୍ଷା ନୀତି ଯଦି ସଠିକ୍ ଭାବେ କାର୍ଯ୍ୟକାରୀ ହୁଏ ତେବେ ନିଃସନ୍ଦେହରେ ବିକଶିତ ଭାରତର ମୂଳଦୁଆ ସ୍ଥାପନ କରିବାରେ ଆମେ ସକ୍ଷମ ହେବା। ସେ ସମସ୍ତ ଶିକ୍ଷକବର୍ଗଙ୍କୁ ଏ ଦିଗରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ନୂଆଦିଲ୍ଲୀର ମହାସଚିବ ତଥା ରାଷ୍ଟ୍ରୀୟ ସଦସ୍ୟ ଡ. ପଙ୍କଜ ମିତ୍ତଲ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ।

## ଅବଶିଷ୍ଟାଂଶ

### ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ...

ବିଜେତାଙ୍କୁ ୧୦ ମିଲିୟନ ସ୍ୱିଡିଶ କ୍ରୋନା ତଥା ୧୦.୩ କୋଟି ଟଙ୍କା, ସୁନା ମେଡାଲ, ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ।

ନୋବେଲ କମିଟି ଅନୁଯାୟୀ, କ୍ରମାଗତ ଭାବେ ଆର୍ଥିକ ବିକାଶ କାହିଁକି ହୋଇପାରିଛି ତାହା ଇତିହାସ ଦେଖି ଜୋଏଲ ମୋକିର ଦର୍ଶାଇ ଥିଲେ। ସେ କହିଥିଲେ ଯେ ନୂଆ ଆବିଷ୍କାର ଏବଂ ସୁଧାର କ୍ରମାଗତ ଭାବେ ଜାରି ରହିଥିଲେ, ତାହା କେବଳ କାମ କରୁଛି ବୋଲି ଜାଣିବା ଯଥେଷ୍ଟ ନୁହେଁ। ଏହା କାହିଁକି କାମ କରୁଛି ତାହା ବୁଝିବା ଜରୁରୀ। ଶିଳ୍ପ ବିପ୍ଳବ ପୂର୍ବରୁ ଲୋକେ ଏହା ବୁଝି ପାରୁ ନ ଥିଲେ। ଏଥିପାଇଁ ନୂଆ ସନ୍ଧାନ ଏବଂ ଆବିଷ୍କାରର ସଠିକ୍ ବ୍ୟବହାରରେ ସମସ୍ୟା ହେଉଥିଲା। ଏହା ବ୍ୟତୀତ ସମାଜ ମଧ୍ୟ ନୂଆ ବିଚାରକୁ ଗ୍ରହଣ କରିବା ପାଇଁ ମୁକ୍ତ ହେବା ଉଚିତ ଏବଂ ପରିବର୍ତ୍ତନକୁ ମଧ୍ୟ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ।

କ୍ରମାଗତ ଭାବେ ଆର୍ଥିକ ବିକାଶ କେମିତି ଚାଲିଛି ତାହା ବୁଝିବାକୁ ଫିଲିପ ଏଘିୟାନ ଏବଂ ପିଟର ପ୍ରୟାସ କରିଥିଲେ। ଉଭୟେ ୧୯୯୨ରେ ଏକ ମଡେଲ ପ୍ରସ୍ତୁତ କରିଥିଲେ। ଏହାକୁ 'କ୍ରିଏଟିଭ ଡିଷ୍ଟ୍ରକ୍ସନ' ଅର୍ଥାତ୍ 'ରଚନାତ୍ମକ ବିନାଶ' କୁହାଯାଉଥିଲା। ଅର୍ଥାତ୍ ଯେତେବେଳି ବି କୌଣସି ନୂଆ ଏବଂ ଉନ୍ନତ ଉତ୍ପାଦନ ବଜାରକୁ ଆସେ ସେତେବେଳେ ପୁରୁଣା ବିକୁଥିବା କମ୍ପାନୀ ପଛରେ ରହିଯାଇଥାଏ। ଏଥିରେ ୨ଟି ପ୍ରସଙ୍ଗ ରହିଛି। ପ୍ରଥମଟି ରଚନାତ୍ମକ (ନୂଆ ଉଦ୍ଭାବନା) ଏବଂ ଅନ୍ୟଟ (ପୁରୁଣା ଉତ୍ପାଦ) ବିନାଶକାରୀ। ଏଭଳି ପରିବର୍ତ୍ତନ ସଂଘର୍ଷ ସୃଷ୍ଟି କରିଥାଏ। ତେଣୁ ଏହାକୁ ସଠିକ ଭାବେ ସମ୍ଭାଳିବା ଜରୁରୀ। ଏପରି ନ କଲେ ବଡ଼ କମ୍ପାନୀ ଏବଂ କିଛି ଗୋଷ୍ଠୀର ନୂଆ ଉଦ୍ଭାବନା ଅଟକି ଯାଇପାରେ।

### ଲାଲୁ, ରାବ୍‌ଡ଼ି...

ଲାଲୁ ହୁଇଲ୍ ଚେୟାରରେ କୋର୍ଟ ପହଞ୍ଚିଥିଲେ। ତାଙ୍କ ସହ ରାବଡ଼ି ଓ ତେଜସ୍ୱୀ ମଧ୍ୟ ଥିଲେ। ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ରାଓଜ ଆଭେନ୍ୟୁ କୋର୍ଟ ଆଜି ଅଭିଯୋଗ ନେଇ ଅନ୍ତିମ ନିଷ୍ପତ୍ତି ନେଇ ନାହାନ୍ତି ଓ ନଭେମ୍ବର ୧୦ରେ ଏହି ମାମଲାରେ କୋର୍ଟ ନିଷ୍ପତ୍ତି ନେବେ। ସେପଟେ ତେଜସ୍ୱୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନିଜର ପ୍ରତିକ୍ରିୟା ରଖିଛନ୍ତି। 'ଯେପର୍ଯ୍ୟନ୍ତ ଦଙ୍ଗାସୃଷ୍ଟିକାରୀ ଓ ସମ୍ବିଧାନ ବିରୋଧୀ ବିଜେପି ଶାସନରେ ଅଛି ଓ ମୋର ବୟସ ଅଛି ସେ ପର୍ଯ୍ୟନ୍ତ ବିଜେପି ସହିତ ଲଢ଼େଇ ଜାରି ରଖିବି। ଗୋଟିଏ ମାସ ତଳେ ବିହାର ଆସି ଗୃହମନ୍ତ୍ରୀ ଅମିତ ଶାହା ଧମକ ଦେଇ କହିଥିଲେ ଯେ, ନିର୍ବାଚନ ଲଢ଼ିବାକୁ ଆମର ଯୋଗ୍ୟତାକୁ କାଢ଼ିନିଆଯିବ। କିନ୍ତୁ ଆମେ ଲଢ଼ିବୁ ଓ ବିଜୟୀ ହେବୁ। ଆମେ ବିହାରୀ, ବାହାର ଲୋକଙ୍କୁ ଆମେ ଡରୁନା' ବୋଲି ତେଜସ୍ୱୀ କହିଛନ୍ତି।


**NAME CHANGE**

I **RAMESH CHANDRA SAHU,** S/o Iswar Chandra Sahu, At/Po- Bhursaguda, Ps- Sindhekela, Dist- Bolangir, Pin- 767035, Odisha declare by this Affidavit No: 4788 on dated 08.10.2025 that now onwards I shall be known as **RAMESH SAHU** for all future purposes.
(Sd- **RAMESH SAHU**)

**AFFIDAVIT**

I, Maheswor Parida, S/o-Basudeb Parida, resident of At-Dhaneswarpur, Po-Atal, Dist- Kendrapara, PIN-754231, Odisha declared by this affidavit No-822, dtd-10/10/2025 that now onwards I shall be known as **MAHESWAR PARIDA** for all future purposes

**NAME CHANGE**

By virtue of an affidavit sworn before the Notary Public, Bhubaneswar, AF. No. 276, on dated 13/10/2025, I **PRAMOD KUMAR JENA**, S/o Late Adhikari Jena resident of Village At- Dolamandap Sahi, Patia, Bhubaneswar- 751031, Dist- Khordha, State- Odisha, declare that I have changed my wife's name from **BABITA JENA** to **BEBITA JENA.** Henceforth, she shall be known as **BEBITA JENA** for all future purposes.
(Sd- **PRAMOD KUMAR JENA**)

**AFFIDAVIT**

By virtue of an affidavit (Sl No.645) sworn before The Notary Public, Bhubaneswar dated- 13/10/2025. I, **Anima Pradhan,** W/o Rajib Lochan Pradhan, Address: Village- Praharajpur, PO/PS- Pattamundai, Dist- Kendrapara, Odisha, Pin-754215 declare that I have changed my name from **Anima Biswal** (old name) to **Anima Pradhan** (new name). Henceforth, I shall be known as **Anima Pradhan** (new name) for all purposes.
**Anima Pradhan**

**AFFIDAVIT**

By virtue of an affidavit No. 10684, Dtd.09.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as **Ashish Kumar Biswal** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Muniguda, dated 13/10/2025, I, Madhu Sikaka, S/o- Late Dusa Sikaka, a resident of Village- Loharagudi, Po.- Kutragada, P.S.- Muniguda, District- Rayagada, Odisha, declare that I have changed the name of my daughter from **Manisha Sikaka** to **MONISHA SIKAKA**. Henceforth, she shall be known as **MONISHA SIKAKA** for all purposes.
**Sd/- Deponent**

**AFFIDAVIT**

By Virtue of an affidavit sworn before P.K Mishra (O.R.S) Executive Magistrate, Balasore. Sl No- 10714 Dt-10/10/2025. I Sekh Abaas Ali, Age-48, S/o- Sekh Hado At-Mirazapur, Po-Balaramgadi, ps-Marine, Dist-Balasore. That, my name recorded Aadhar and Pan is **Sekh Abaas Ali** but in my passport vide no M6308456 issued from govt of india in wich my name recorded as **Sekh Abaas Alli** instead of **Sekh Abaas Ali**. I declared that **Sekh Abaas Ali** and **Sekh Abaas Alli** are one and same person for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 09/10/2025 I, Sri. Jay Khada, S/o- Kamalu Khada, Vill.- Goilput, Po.- Badel, PS.- Padwa, District- Koraput declare that, I have changed my son's name from **Balaram Khaga** to **Bikram Khada**. Henceforth, my son shall be known as **Bikram Khada** for all purposes.
**Sd/- Jay Khada**

**AFFIDAVIT**

I, Santosh Kumar Peda, S/o- Manoranjan Peda, resident of Chengagadia,Po - Randia, PS - Bhadrak (Rural), Dist - Bhadrak, Pin - 756135, Odisha, declare by this affidavit No - 324, dated -13.09.2025, that now onwards I shall be known as **SANTOSH PEDA** for all future purposes.

**AFFIDAVIT**

By virtue of an affidavit (CF No.01, date- 13/10/2025) sworn before the Executive Magistrate, Padampur. I, **Suman Hati,** S/o Birasen Hati, permanent & current resident of At- Beheratal, PO- Jamartala, PS- Buden, Dist- Bargarh, PIN- 768036, Odisha declare that I have changed my name from **Muna Hati** (old name) to **Suman Hati** (new name). Henceforth, I shall be known as **Suman Hati** (new name) for all purposes.
**Suman Hati**

**LOST / FOUND**

I, **Deeptiraj Patnaik**, S/o. Hemanta Kumar Pattanaik, resident of plot No.3829, Lane-7, Sriram Nagar, P.O. Old Town, P.S. Shree Lingaraj, Bhubaneswar, Dist. Khordha, Pin-751002, declare that my Original Sale Deed bearing Document No.3681 Dtd.11.08.2006 has been misplaced somewhere in Raghunathpur Market. **Dt. 12.10.2025**. If found by anyone, then please inform me. Mob: 9692037969

**AFFIDAVIT**

By virtue of an affidavit sworn before the the court of the Executive Magistrate, Bargarh, dated 09-10-2025, I, Prashanti Mohanty, Address - AT- Padampur PO- Rajborasambar PS- Padampur, Dist- Bargarh, Odisha- 768036 declare that I have changed my name from **Sandhyarani Mohanty** to **Prashanti Mohanty**. Henceforth, I shall be known as Prashanti Mohanty for all purposes.
**Sd/- Prashanti Mohanty**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I, Sanjaya Kumar Sethy, At- Samian, P.O.- Kalakal, P.S.- Bari, Dist.- Jajpur, PIN- 754082 have changed my minor daughters name from Said Mancini Sethi to Nandini Sethi. Henceforth she will be known as Nandini Sethi for all purposes.
**Sd/- Sanjaya Kumar Sethy**

**ଡକୁମେଣ୍ଟ ହଜିଛି**

ଓଡ଼ିଶା, ଖୋର୍ଦ୍ଧା ଜିଲ୍ଲା- ଖୋର୍ଦ୍ଧା, ମୌଜା- କନ୍ଧନସ୍ୱାଗଡ଼, ଖାତା ନମ୍ବର- ୧୦୧୫ ଏବଂ ଆରଏସ୍‌ଡି ନଂ-୧୫୮୦, ତାରିଖ- ୨୫/୭/୧୯୮୩, କାଗଜପତ୍ର ଡାକ୍ତର ରମାକାନ୍ତ ନାୟକ, ବାପା- କସ୍ତୁରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ମୋ ନାମରେ ଥିବା ସେଲଡିଡ୍ କାଗଜପତ୍ର, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ହଜି ଯାଇଛି। ଏନେଇ ବାଣପୁର ଥାନା କେସ ନଂ- ୦୧୫, ତାରିଖ-୦୯/୧୦/୨୦୨୫ରେ ଅଭିଯୋଗ ହୋଇଛି। ଯଦି କେହି ଏହାକୁ ପାଆନ୍ତି, ତେବେ ମୋ ମୋବାଇଲ ନଂ- ୯୪୩୮୩୧୦୯୩୪ କିମ୍ବା ବାଣପୁର ପୋଲିସ ଷ୍ଟେସନରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ଆମେ ଏଥିପାଇଁ ଦାୟୀ ରହିବୁ ନାହିଁ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
O-947

e-Procurement for Building works
Bid Identification No: EERWJYP – Online -05/2025-26

Letter No. 4408 Date: 26.09.2025

01. Name of the work : Building works
02. Total Number of works : 23 (Twenty Three) Nos.
03. Approximate Estimated cost : Rs. 1.99 lakhs to Rs. 17.15 lakhs (approximately)
04. Class of Contractor : "C" & "D" Class
05. Period of Completion : within 1 or 2 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender-05/ RWD-JYP/2025-26 | 23 Nos. | 15.10.2025 at 10.00 A.M | 27.10.2025 upto 5.00 P.M. | 26.10.2025 at 1.30 P.M | 28.10.2025 at 10.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only.
Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

OIPR-25160/11/0022/2526

Sd/- Executive Engineer,
Rural Works Division: Jeypore.

## ପିଲାଙ୍କୁ ପଚା ଅଣ୍ଡା ଦେବା ଅଭିଯୋଗ

# ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଲେ ଅଭିଭାବକ

ସୋର, ୧୩ା୧୦(ସମିସ)



ସୋର ପୌରପାଳିକା ଅନ୍ତର୍ଗତ ଘୋଡ଼ାସାହି ଅଙ୍ଗନବାଡି କେନ୍ଦ୍ରରେ ପିଲାଙ୍କୁ ପଚା ଅଣ୍ଡା ଦେବା ଅଭିଯୋଗରେ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଛନ୍ତି ଅଭିଭାବକ। ଏହି ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ୬ ଜଣ ପିଲା ପାଠ ପଢୁଥିବା ବେଳେ ଗତ ସେପ୍ଟେମ୍ବର ମାସରେ ପଚା ଅଣ୍ଡା ଖାଇ ୩ ଜଣ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥିଲା। ଏହାକୁ ପ୍ରତିବାଦ କରି ଅଭିଭାବକମାନେ ପିଲାମାନଙ୍କୁ ଅଙ୍ଗନବାଡିକୁ ପିଲାମାନଙ୍କୁ ଛାଡି ନ ଥିଲେ। ଏ ବାବଦରେ ସୋର ବିଧାୟକ ଓ ସୋର ସିଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ଫଳରେ ଆଜି ଅଙ୍ଗନବାଡି କର୍ମୀଙ୍କୁ ବଦଳି ଦାବିରେ ମହିଳା ମାନେ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ସୋର ସିଡିପିଓ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିବା ଜଣାପଡ଼ିଛି।

# ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ବାଳିକା ହଷ୍ଟେଲ ନିର୍ମାଣ ଦାବି



ଚନ୍ଦନେଶ୍ୱର, ୧୩ା୧୦ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର କାନ୍ଥ ଭଉଁରୀ ପଞ୍ଚାୟତର ରଣସିଂହପୁର ଆବାସିକ ଆଶ୍ରମ ବିଦ୍ୟାଳୟର ବାଳିକା ହଷ୍ଟେଲ ଗୃହ ନିର୍ମାଣ ପାଇଁ ଅଭିଭାବକ ଓ ଗ୍ରାମବାସୀଙ୍କ ତରଫରୁ ଆଜି ସୋମବାର ଭୋଗରାଇ ବ୍ଲକର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ବିଭାଗ ତରଫରୁ ପରିଚାଳିତ ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ବାଳିକା ହଷ୍ଟେଲ ଗୃହ ନିର୍ମାଣ ପାଇଁ ଦୁଇବର୍ଷ ଆଗରୁ ୩ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହଷ୍ଟେଲ ଗୃହ ନ ଥିବାରୁ ଦୂରଦୂରାନ୍ତରୁ ଆସି ଅନୁସୂଚିତ ଜାତି ଓ ଜନଜାତିର ଝିଅ ପିଲାମାନେ ରାତିରେ କ୍ଲାସରୁମରେ ରହିବା ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନଥିବା ଅଭିଯୋଗ ଆସିଛି। ଏ ନେଇ ଆଜି ସମାଜସେବୀ ଶ୍ରୀହରି ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା, ସମିତି ସଭ୍ୟ ପ୍ରଦୀପ ଦାସ, ୱାର୍ଡ ସଦସ୍ୟ ରବିନ୍ଦ୍ର ସାହୁ, ପ୍ରାକ୍ତନ ଓ୍ୱାର୍ଡ ସଦସ୍ୟ ଜଳେନ୍ଦ୍ର ପାତ୍ର, ଗୁଣାକର ମାଝି ପ୍ରମୁଖ ଭୋଗରାଇ ବ୍ଲକ ପରିସରରେ ଅନୁଷ୍ଠିତ ମିଳିତ ଜନଶୁଣାଣୀ ଅବସରରେ ଖୁବଶୀଘ୍ର ନିର୍ମାଣ କରାଯିବା ପାଇଁ ଦାବି ରଖିଛନ୍ତି।

## ଚୋରା କାଠ ବୋଝେଇ ଭ୍ୟାନ ଜବତ

କୁଳିଅଣା, ୧୩ା୧୦(ସମିସ): ପଶ୍ଚିମବଙ୍ଗକୁ ଏକ ପିକଅପ ଭ୍ୟାନ ଯୋଗେ ଚାଲାଣ ବେଳେ ବିପୁଳ ପରିମାଣର ଚୋରା କାଠ ଜବତ କରାଯାଇଛି। ବାରିପଦା ବନଖଣ୍ଡ ଅନ୍ତର୍ଗତ ଚାନ୍ଦୁଆ ଥାନାର ସୁନାରିଆ ଗ୍ରାମ ନିକଟରୁ ରବିବାର ବିଳମ୍ବିତ ରାତିରେ ଏହିସବୁ କାଠ ଜବତ କରାଯାଇଛି। ପଶ୍ଚିମବଙ୍ଗକୁ କାଠଚାଲାଣ ହେଉଥିବା ନେଇ ବନବିଭାଗ ଖବର ପାଇଥିଲା। ଫଳରେ ବାରିପଦା ବନଖଣ୍ଡ ଅଧିକାରୀ ଓ ଦେଉଳି ରେଞ୍ଜର ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ପିକଅପ ସମେତ କାଠ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଚଢ଼ାଉ ବେଳେ ଏସିଏଫ ସମେତ ଦେଉଳି ରେଞ୍ଜର ଅଧିକାରିଣି ଚାନ୍ଦୁଆ ବନପାଳ ପଦ୍ମାବତୀ ବେହେରା, ଗାର୍ଡ ପୂଜା ସାହା, ଦୁଲାଲ ସୋରେନ, ତପନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ବୈଠକ



ବାଲେଶ୍ୱର,୧୩ା୧୦(ସମିସ): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରିରଖିଥିବା କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସମ୍ପର୍କରେ କହିଥିଲେ। ପୂର୍ବ ବୈଠକର ନିଷ୍ପତ୍ତି ଅନୁସାରେ ସମିତିର ସଭ୍ୟସଭ୍ୟାମାନେ ଭାସ୍କରଗଞ୍ଜ ଥାନାଛକ ଠାରୁ ଏକ ରାଲିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇତିମଧ୍ୟରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା ଓ ସଦର ବିଧାୟକ ମାନସ ଚନ୍ଦ୍ର ଦତ୍ତ ମିଳିତ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବୋଲି ସମ୍ପାଦକ ଡ. ମିଶ୍ର ବୈଠକରେ ପ୍ରକାଶ କରିଥିଲେ। କୃଷିମନ୍ତ୍ରୀ ଏହା ବିଚାର କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡା, ନିରଞ୍ଜନ ରାଉତ, ଡ କ୍ଷିତୀଶ୍ୱର ଦାଶ, ଗୋବିନ୍ଦ ବଲ୍ଲଭ ଭୋଇ, ହରନାରାୟଣ ମଡୁଆଳ, ସରସ୍ୱତୀ ପଣ୍ଡା ପ୍ରମୁଖ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ କରି ଏକ ଦାବି ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଶ୍ୟାମସୁନ୍ଦର ଜେନା, ଅକ୍ଷୟ କୁମାର ତ୍ରିପାଠୀ, ଭୂପତି କୁମାର ପାତ୍ର, ଡା ତାରାକାନ୍ତ ନନ୍ଦ, ମନୋଜ କୁମାର ବେହେରା, ରବି ନାରାୟଣ ଭୋଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ରବି କୁମାର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅପର୍ଣ୍ଣା ମହାପାତ୍ର, ନାରାୟଣ କୁମାର ଦାସ, ସଞ୍ଜିବ ପ୍ରଧାନ, ବ୍ରଜେନ୍ଦ୍ର ବେହେରା ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଲେ। ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

# କୁଳିଗଡ଼ି ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ



ପଞ୍ଚଲିଙ୍ଗେଶ୍ୱର, ୧୩ା୧୦ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ କୁଳିଗଡି ଗ୍ରାମରେ ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁର୍ଗାପୂଜା ସମୟରେ ବର୍ଷା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିନଥିଲା। ନିକଟରେ ୨ ଦିନ ଧରି ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟଅତିଥି ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ ଏବଂ ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭ୍ୟା ଉଷାରାଣି ରାଉଳ ରହି ମଞ୍ଚକୁ ଉଦଘାଟନ କରିଥିଲେ। କମିଟି ପକ୍ଷରୁ ରାମଚନ୍ଦ୍ର ନାୟକ, କୈଳାଶ ଚନ୍ଦ୍ର ରାଉତ, ଗୋଲକ ଚନ୍ଦ୍ର ମହାନ୍ତି, ବନମାଳୀ ମହାନ୍ତି, ରବୀନ୍ଦ୍ର ବାରିକ, ଗଣେଶ ଚନ୍ଦ୍ର ରଣା, ଜଗବନ୍ଧୁ ସାମଲଙ୍କ ସହ କପିଳ ସାମଲ ମଞ୍ଚ ପରିଚାଳନା କରିଥିଲେ।

# ତେନ୍ତୁଳିଆରେ ରାବଣ ପୋଡ଼ି ଉତ୍ସବ



ନୀଳଗିରି, ୧୩ା୧୦ (ସସିସ): ୫ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ମଧ୍ୟରେ ତେନ୍ତୁଳିଆ ପଡ଼ିଆ ପରିସରରେ ଚଳିତ ବର୍ଷ ୧୭ ତମ ରାବଣ ପୋଡ଼ି ଉତ୍ସବ ଗତ ରବିବାର ନୀଳଗିରି ମାଟିର ସନ୍ତାନ ମୁଖ୍ୟ ଉଦ୍ୟୋକ୍ତା ତଥା ଭୁବନେଶ୍ୱର ଇଡକୋର ମହାପ୍ରବନ୍ଧକ ସରୋଜ କୁମାର ସେଠୀଙ୍କ ପୌରୋହିତ୍ୟରେ ଉକ୍ତ ଉତ୍ସବ ଅୟୋଜନ କରାଯାଇଥିଲା। ଏକ ବିରାଟକାୟ ରାବଣ ପ୍ରତିକୃତି ପ୍ରସ୍ତୁତ କରାଯିବା ସହ କୁନି କୁନି ପିଲାଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ତେନ୍ତୁଳିଆ ସାର୍ବଜନୀନ ଦୁର୍ଗାପୂଜା କମିଟିର ଅନ୍ୟତମ ସଦସ୍ୟ ନନ୍ଦକିଶୋର ଭଲ୍ଲୁକ, ରତିକାନ୍ତ ବେହେରା, ସୁଭୋଦ କୁମାର ସେଠୀ, ସନ୍ତୋଷ କୁମାର ବେହେରା, ସୋମନାଥ ବେହେରା, ରାଜେନ୍ଦ୍ର ନାୟକ, ସୁଦର୍ଶନ ସେଠୀ, ହରେକୃଷ୍ଣ ସେଠୀ, ଶ୍ରୀହରି ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ରାବଣ ପୋଡି ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଶ୍ରୀଧର ପୁଥାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ରାବଣ ପୋଡ଼ି ଉତ୍ସବରେ ଶ୍ରୀ ସେଠୀ ରାବଣ ଶରୀର ରେ ଅଗ୍ନି ସଂଯୋଗ କରିଥିଲେ। ଆତସବାଜି କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ।

# ଅପହୃତା ନାବାଳିକା ଉଦ୍ଧାର, ୩ ଯୁବକ ଅଟକ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩ା୧୦ (ସମିସ): ଜଳେଶ୍ୱର ଅଞ୍ଚଳରେ ରହୁଥିବା ଜଣେ ନାବାଳିକାକୁ ୩ ଯୁବକ ପୁରୀକୁ ଅପହରଣ କରି ନେଇଯିବା ଓ ସେଠାରେ ଆପତ୍ତିଜନକ ଫଟୋ ଉତ୍ତୋଳନ କରାଯାଇଥିବା ନେଇ ଜଳେଶ୍ୱର ଥାନାରେ ଅଭିଯୋଗ କରାଯାଇଛି। ପୁଲିସ୍ ଫୋନ ଟ୍ରାକିଂ କରି ନାବାଳିକା ନିକଟରେ ପହଞ୍ଚିବା ସହିତ ଆଜି ୩ଜଣ ଯୁବକଙ୍କୁ ସେଠାରୁ ଆଣି ଅଟକ ରଖିଛି। ଘଟଣାରୁ ପ୍ରକାଶ ପଶ୍ଚିମବଂଗର ଜନୈକ ବ୍ୟକ୍ତି ସ୍ତ୍ରୀ, ଝିଅକୁ ନେଇ ଜଳେଶ୍ୱରରେ ଏକ ଭଡାଘରେ ରହିବା ସହିତ ଛୋଟ ବ୍ୟବସାୟ କରି ଆସୁଥିଲେ। ନାବାଳିକା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଜଳେଶ୍ୱର ସହରର ୩ଜଣ ଯୁବକ ପୁରୀ ଦୁର୍ଗାପୂଜା ବୁଲେଇ ନେବା ଆଳରେ ଅପହରଣ କରି ନେଇଥିବା ନାବାଳିକାର ମା' ଥାନାରେ ଅଭିଯୋଗ କରିଥିଲେ। ପୁରୀ ସମୁଦ୍ରକୂଳରେ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଥିବା ବେଳେ ପୁଲିସ୍‌ର ଆଶ୍ରୟ ନେଲେ ଭାଇରାଲ କରିଦେବାର ଧମକ୍ ଦେଇ ଆସୁଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ଟ୍ରାକିଂ କରି ସେମାନଙ୍କୁ ଆଣି ଅପରାହ୍ନରେ ଜଳେଶ୍ୱର ଥାନାରେ ଅଟକ ରଖିବା ସହିତ ସେମାନଙ୍କ ଅଭିଭାବକଙ୍କୁ ଡାକି ଆଲୋଚନା କରୁଥିବା ଜଣାଯାଇଛି। ଘଟଣାଟି ଜଳେଶ୍ୱର ଅଞ୍ଚଳରେ ଚର୍ଚ୍ଚର ବିଷୟ ହୋଇଛି।

# ପୂଜାରୀଙ୍କୁ ହାଣିବା ଘଟଣାରେ ଅଭିଯୁକ୍ତ ଗିରଫ

ସୋର,୧୩ା୧୦(ସମିସ): ଗତକାଲି ଦିନ ଦ୍ୱିପ୍ରହରେ ସୋର ଥାନା ଚମ୍ପୋ ଛକ ନିକଟରେ ଜଣେ ପୂଜକଙ୍କୁ ହାଣିବା ଘଟଣାରେ ଅଭିଯୁକ୍ତକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ସୋର ପୌରପାଳିକା ଅନ୍ତର୍ଗତ ବଡ଼ଖୁରି ଗ୍ରାମର ଦୀନବନ୍ଧୁ ପାଣିଗ୍ରାହୀ ଜଣେ ପୂଜକ ଭାବେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରନ୍ତି। କିଛି ଦିନ ପୂର୍ବରୁ ସେ ଚମ୍ପୋ ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ ନିକଟରୁ ୫୦ ହଜାର ଟଙ୍କା ଧାର ନେଇ ଆଉ ଫେରାଉ ନ ଥିଲେ। ଗତକାଲି ମଧ୍ୟାହ୍ନରେ ଦିନବନ୍ଧୁ ପୂଜାସାରି ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ଚମ୍ପୋ ଛକ ନିକଟରେ ଶ୍ରୀକାନ୍ତଙ୍କ ସମେତ ଦୁଇଜଣ ଯୁବକ ଗୋଟିଏ ବାଇକରେ ଆସି ତାଙ୍କୁ ଟଙ୍କା ମାଗିବା ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଶ୍ରୀକାନ୍ତ ଧରିଥିବା ଏକ କଟୁରୀରେ ଦୀନବନ୍ଧୁଙ୍କୁ ଅତର୍କିତ ଭାବରେ ଆକ୍ରମଣ କରିଥିଲେ। ଫଳରେ ଦିନବନ୍ଧୁଙ୍କ ଦୁଇ ହାତରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏ ବାବଦରେ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶ୍ରୀକାନ୍ତକୁ ଗିରଫ କରିଥିଲେ। ଆଜି ସନ୍ଧ୍ୟାରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ପୁଲିସ ତା ନିକଟରୁ ଆକ୍ରମଣରେ ବ୍ୟବହୃତ କଟୁରୀକୁ ଜବତ କରିଛି।

## ୨୨ରୁ ଭୁବନେଶ୍ୱର ସୈନିକ ସ୍କୁଲରେ ସେନା ନିଯୁକ୍ତି ରାଲି

ବାରିପଦା, ୧୩ା୧୦(ସମିସ): କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ଆସନ୍ତା ୨୨ରୁ ୨୬ ଯାଏ ଭୁବନେଶ୍ୱର (ଓଡ଼ିଶା)ର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ। ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ)ରୁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ପ୍ରାର୍ଥୀଙ୍କ ପ୍ରବେଶପତ୍ର ସେମାନଙ୍କର ପଞ୍ଜୀକୃତ ଇମେଲ୍ ଆଇଡିକୁ ପଠାଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗ ଦିଅନ୍ତୁ ୱେବସାଇଟରେ ସେମାନଙ୍କର ପ୍ରୋଫାଇଲ୍‌ରେ ଲଗ୍ ଇନ୍ କରି ନିଯୁକ୍ତି ରାଲି ପାଇଁ ପ୍ରବେଶ ପତ୍ର ଡାଉନଲୋଡ଼ କରିପାରିବେ। ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ ନମ୍ବର ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ। ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀଙ୍କୁ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବାକୁ ପରାମର୍ଶ ଦିଆଯାଇଛି। ଏପରି ଯେକୌଣସି ଘଟଣା ଘଟିଲେ ତୁରନ୍ତ ସ୍ଥାନୀୟ ପୁଲିସ ଏବଂ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟର କର୍ମଚାରୀଙ୍କୁ ରିପୋର୍ଟ କରାଯିବା ଉଚିତ। ସ୍ଥାନୀୟ ପୁଲିସ ଏବଂ ସିଭିଲ୍ ପ୍ରଶାସନ ମାଧ୍ୟମରେ ନିଯୁକ୍ତ ରାଲି ସମୟରେ ଦଲାଲ/ ଏଜେଣ୍ଟ ଏବଂ ଅପବ୍ୟବହାରକୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆର୍ମି ରିକ୍ରୁଟମେଣ୍ଟ କଟକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପୁରୁଣା ଖଡ଼ିଆ ବସ୍ତିରେ ପିଇବା ପାଣି ସମସ୍ୟା

# ଲୋକେ ପିଉଛନ୍ତି ଦୂଷିତ ନାଳ ପାଣି



ଠାକୁରମୁଣ୍ଡା, ୧୩ା୧୦(ସମିସ): ପିଇବା ପାଣି ପାଇଁ ଲୋକେ ତହଳବିକଳ ହେଉଛନ୍ତି। ଶୁଦ୍ଧ ଜଳ ପାଉ ନ ଥିବାରୁ ଲୋକେ ବାଧହୋଇ ନାଳପାଣି ପିଉଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି। ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସନକୁଦର ପୁରୁଣା ଖଡିଆ ବସ୍ତିରେ। ଘଟଣାରୁ ପ୍ରକାଶ ଯେ, ଅସନକୁଦର ଗ୍ରାମର ଖଡିଆ ବସ୍ତିରେ ୧୫/୨୦ ପରିବାର ବସବାସ କରୁଛନ୍ତି। ସାହିରେ ଗୋଟିଏ ହେଲେ ବି ନଳକୂପ ନାହିଁ। ସରକାରଙ୍କ ତରଫରୁ ୮ ବର୍ଷ ପୂର୍ବରୁ ପାଇପ ବିଛା ଯାଇଥିଲେ ମଧ୍ୟ ଏ ଯାଏ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇନାହିଁ ବୋଲି ବସ୍ତିର ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଲୋକେ ବାଧହୋଇ ନାଳପାଣି ବ୍ୟବହାର କରୁଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖରାଦିନେ ନାଳ ଶୁଖି ଗଲେ ପାହାଡ଼ରେ ଥିବା ଏକ ଝରଣାରୁ ପାଣି ଆଣି ବ୍ୟବହାର କରିଥାନ୍ତି ଗ୍ରାମବାସୀ। ସାହିର ପାଣି ସମସ୍ୟା ସମ୍ପର୍କରେ ଗ୍ରାମପଞ୍ଚାୟତ ଓ ବ୍ଲକରେ ଜଣାଇଥିଲେ ମଧ୍ୟ ଏ ଯାଏ କୌଣସି ସମସ୍ୟା ସମାଧାନ ହେଉନାହିଁ। ଗ୍ରାମରେ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି; ଯେଉଁଥିରେ ୧୨ ଜଣ ଶିଶୁ ପଢୁଛନ୍ତି। କେନ୍ଦ୍ରଟି ୨୦୧୮ ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନଳକୂପ ବସିନାହିଁ। ଅଙ୍ଗନବାଡ଼ିରେ ପାଣି ଟାଙ୍କି ଏବଂ ଷ୍ଟାଣ୍ଡପୋଷ୍ଟ ଲାଗିଛି; କିନ୍ତୁ ପାଣି ବାହାରୁନାହିଁ। ଏନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି ନାହିଁ। ତେଣୁକରି ବାଧ ହୋଇ ପିଲାଙ୍କୁ ପିଇବା ଓ ଧୋଇବା ପାଇଁ ନାଳ ପାଣି ବ୍ୟବହାର କରୁଛୁ ବୋଲି କହିଛନ୍ତି ଅଙ୍ଗନବାଡି କର୍ମୀ।

## ବାରିପଦା ସହରରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ

# ପାଦଚଲା ରାସ୍ତା ଜବରଦଖଲ; ରାସ୍ତାରେ ଗାଡ଼ି ପାର୍କିଂ

ବାରିପଦା, ୧୩ା୧୦(ସମିସ)



ରାଜରାଜୁଡା ଅମଳର ସହର ବାରିପଦାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସହରରେ ଜନସଂଖ୍ୟା ୨ଲକ୍ଷକୁ ଟପିବାକୁ ବସିଲାଣି। ହେଲେ ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ହେଉନାହିଁ। ଜନସଂଖ୍ୟା ଏବଂ ଯାନବାହନ ଚଳାଚଳ ବୃଦ୍ଧିକୁ ଲକ୍ଷ୍ୟରେ ରଖି ଐତିହାସିକ ସହର ବାରିପଦାରେ କୋଟି କୋଟି ଟଙ୍କା ବ୍ୟୟରେ ରାସ୍ତା ପ୍ରଶସ୍ତିକରଣ ଓ ପାଦଚଲା ରାସ୍ତା ଏବଂ ସହର ସୌନ୍ଦର୍ଯ୍ୟ କରଣ ପାଇଁ ବିଭିନ୍ନ କର୍ଯ୍ୟ ସମ୍ପାଦନ ହେଉଛି। ନିର୍ମାଣ ପରେ ସହରରୁ ଅଯଥା ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଥିଲା ମାତ୍ର ତାହା ବାସ୍ତବରେ ପ୍ରତିଫଳିତ ହେଉନାହିଁ। ରାସ୍ତା ଚଉଡା ହେବା ପରେ ମଧ୍ୟ ସହରରେ ଅନେକ ସମୟରେ ପ୍ରବଳ ଟ୍ରାଫିକ ଜାମ କାରଣରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥାନ ଅଭାବରୁ ନିଜ ସୁବିଧା ମୁତାବକ ଦୋକାନୀମାନେ ବେଆଇନ ଭାବେ ପାଦଚଲା ରାସ୍ତାକୁ ମଧ୍ୟ ଜବରଦଖଲ କରି ରଖିଛନ୍ତି। ସେହିପରି ସହରର ଜରାଳି, ସରାଳି ଓ ଶୁକଯୋଡା ଆଦି ନଦୀନାଳ ଉପରେ ନିର୍ମିତ ପୋଲର ଉଭୟ ପାର୍ଶ୍ୱରେ ସବୁଦିନିଆ ନିର୍ଦ୍ଦିଷ୍ଟ ଗାଡି ମାଲିକ ନିଜର ଭ୍ୟାନ ଓ ଟ୍ରକ/ଡମ୍ପର ପାର୍କିଂ ୟାର୍ଡ କରିଛନ୍ତି। ଏଥିସହିତ ପୋଲ ଉପରେ ଅନେକ ଉଠାଦୋକାନୀ ସ୍ଥାୟୀ କ୍ୟାବିନ ଓ ଠେଲା ରଖି ବ୍ୟବସାୟ ପ୍ରତିଯୋଗିତା ଚଳାଇଛନ୍ତି। ଫଳରେ ଲୋକେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଫୁଟପାଥ ଅବରୋଧ ହୋଇଥିବାରୁ ଲୋକେ ରାସ୍ତା ଉପରେ ଚାଲିବାକୁ ବାଧ ହେଉଛନ୍ତି। ସହରର ଷ୍ଟେସନବଜାର ଲେବଲ କ୍ରସିଂ, ଭଞ୍ଜପୁର, ମୁର୍ଗାବାଡି, ଟ୍ରାଫିକ ଛକ, କଚେରୀ ରୋଡ, କୃଷ୍ଣଚନ୍ଦ୍ର ଗୋଲାଇ, ଦାରୋଗାଡାହି, ବାଘରାରୋଡ ଓ ପୋଡାଅସ୍ତିଆ ଆଦି ସ୍ଥାନକୁ ବ୍ୟବସାୟୀମାନେ ଜବରଦଖଲ କରିଛନ୍ତି। ଏପରିକି କିଛି ସ୍ଥାନରେ ସରକାରୀ ଜମିକୁ ଲାଭଖୋର ଦୋକାନୀ ମାଡିବସିବା ସହିତ ଦୋକାନ ଘର ନିର୍ମାଣ କରି ବା ଗୁମୁଟି ପକାଇ ବ୍ୟବସାୟ କରୁଛନ୍ତି। ବସଷ୍ଟାଣ୍ଡ ଠାରୁ ଆରମ୍ଭ କରି ପିଆରଏମ ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତା ସବୁଠି ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ ପୌରପାଳିକା ତରଫରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଗଲେ ମଧ୍ୟ ସ୍ଥାୟୀ ବ୍ୟବସ୍ଥା ନ ଥିବାରୁ ପୁଣି ଦୋକାନୀମାନେ ବେପାର କରୁଛନ୍ତି।

### ଟ୍ରାଫିକ୍ ଥାନାରେ ନାହାନ୍ତି ଇନ୍ସପେକ୍ଟର; ୧୭ଟି ସ୍ଥାନ ପାଇଁ ୩୩ଜଣ କର୍ମଚାରୀ

ଅନ୍ୟପଟେ ବାରିପଦାରେ ଟ୍ରାଫିକ ପୁଲିସ ଥାନାରେ ଇନ୍ସପେକ୍ଟର ନାହାଁନ୍ତି। ସହରର ୧୭ଟି ସ୍ଥାନରେ ମାତ୍ର ୩୩ ଜଣ ଟ୍ରାଫିକ ପୁଲିସ ରହିଛନ୍ତି। ତେଣୁ ପୁଲିସ ଅଭାବରୁ ମଧ୍ୟ ଟ୍ରାଫିକ ସମସ୍ୟା ବଢ଼ି ଚାଲିଛି। ଆବଶ୍ୟକ ଅନୁସାରେ ପାଟ୍ରୋଲିଂ ହୋଇପାରୁନାହିଁ। ବାରିପଦା ଟାଉନ ଓ ଭଞ୍ଜପୁର ଥାନାରେ ବି ଆବଶ୍ୟକ ଅନୁଯାୟୀ ପାଟ୍ରୋଲିଂ ଗାଡି ନଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ହୋଇପାରୁନାହିଁ। ଏହି ସହର ଜିଲ୍ଲାର ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ମୟୂରଭଞ୍ଜକୁ ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସୀମା ଲାଗିରହିଛି। ଫଳରେ ପଡୋଶୀ ରାଜ୍ୟର ଲୋକେ ମଧ୍ୟ ଏଠାକୁ ବିଭିନ୍ନ କାମ ପାଇଁ ଆସୁଛନ୍ତି। ବଡ଼ ବଡ଼ ସପିଂ ମଲ ଓ ଦୋକାନୀ ନିଜସ୍ୱ ପାର୍କିଂ ନଥିବାରୁ ରାସ୍ତାକୁ ମାଡି ବ୍ୟବସାୟ କରୁଛନ୍ତି। ଦୋକାନକୁ ଆସୁଥିବା ଗ୍ରାହକମାନେ ମଧ୍ୟ ରାସ୍ତା ଉପରେ ଗାଡି ପାର୍କିଂ କରୁଛନ୍ତି। ତେଣୁ ଅଧିକାଂଶ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ବାଣ୍ଟିଆ ଜଗନ୍ନାଥ ମନ୍ଦିର ଦେଇ ଟ୍ରାଫିକ ଛକକୁ ଯାଉଥିବା ରାସ୍ତାରେ ମଲ ଗୁଡ଼ିକର ଯଥେଷ୍ଟ ପାର୍କିଂ ନ ଥିବାରୁ ସନ୍ଧ୍ୟାରେ ରାସ୍ତା ପ୍ରବଳ ଜାମ ରହୁଛି। ଦୋକାନ ଓ ମଲ ପାଇଁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ବେଆଇନ ପାର୍କିଂ ହେଉଥିଲେ ମଧ୍ୟ ପୁଲିସ ନ ଦେଖିଲା ପରି ରହୁଛି। ଏଦିଗରେ ପୌର ପ୍ରଶାସନ ଓ ପୁଲିସ ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ବାରମ୍ବାର ଉଚ୍ଛେଦ କରାଗଲେ ମଧ୍ୟ ଉଠା ଦୋକାନୀ ପୁଣି ବସୁଛନ୍ତି। ତେଣୁ ଏଭଳି ସମସ୍ୟା ହେଉଛି ବୋଲି କହିଛନ୍ତି। କଚେରୀ ମାର୍କେଟ ଆଦି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ବେଳେ ପ୍ରଶାସନ ଓ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବାର ପ୍ରୟାସ କରାଯାଉଛି ବୋଲି କହିଛନ୍ତି।

## ଠକେଇ ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ୍

କେନ୍ଦୁଝର,୧୩।୧୦(ସମିସ): କେନ୍ଦୁଝର ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ କରେକ୍ସିଙ୍କ ଏକ ଠକେଇ ମାମଲାର ବିଚାର କରି ସଦର ଥାନା ଅଧୀନ ନନ୍ଦିପଡା ଚକଚାଗର ଗ୍ରାମର ଅଭିଯୁକ୍ତ ଦେବାନନ୍ଦ ମହାନ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ତୁରୁମୁଙ୍ଗା ଥାନା ଅଧୀନ ଖଲୁଗିପିଣି ଗ୍ରାମର ହୃଦାନନ୍ଦ ମହାନ୍ତଙ୍କ ବାପା ଦିନବନ୍ଧୁ ମହାନ୍ତଙ୍କ ସହ ପାରିବାରିକ ବନ୍ଧୁତା ସ୍ଥାପନ କରି ତାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା। ହୃଦାନନ୍ଦ ମହାନ୍ତ ଓ ତାଙ୍କ ପିଉସୀ ଯଶୋଦା ମହାନ୍ତଙ୍କୁ ହାଇସ୍କୁଲ ଶିକ୍ଷକ କରାଇ ଦେବା କହି ତାଙ୍କଠାରୁ ମୋଟ ୧୩ଲକ୍ଷ ଟଙ୍କା ନେଇ ଆକାରରେ ଠକି ନେଇଥିଲା। ପରେ ତାଙ୍କୁ ଚାକିରି ନଦେବାରୁ ହୃଦାନନ୍ଦ ମହାନ୍ତ ତୁରୁମୁଙ୍ଗା ଥାନାରେ ଏତଲା ରୁଜୁ କରିଥିଲେ। ଏତଲାକୁ ଭିତ୍ତି କରି ତୁରୁମୁଙ୍ଗା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଦେବାନନ୍ଦଙ୍କୁ କୋର୍ଟ ଚାଲାଣ କରିଥିଲେ। ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ଚିରଞ୍ଜନ ଦାସ ମକଦ୍ଦମା ପରିଚାଳନା କରୁଥିଲେ।

## ଖାଲିଆମେଣ୍ଟାରେ କ୍ଲଷ୍ଟରସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ



ବେଲବାହାଲି,୧୩।୧୦(ସମିସ): ଘସିପୁରା ବ୍ଲକ୍ ଅଧୀନ ଖାଲିଆମେଣ୍ଟାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଧନେଇ ସରକାରୀ ଉଚ୍ଚବିଦ୍ୟାଳୟର ସିଆରସିସି ଜଗନ୍ନାଥ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବୃନ୍ଦାବନ ଜେନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ତର୍କ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ସଙ୍ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତା ହୋଇଥିଲା। ସମସ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିପାରିବେ। କାର୍ଯ୍ୟକ୍ରମରେ ବିଚାରକ ଭାବରେ ତପନ ଦାଶ, ଦିପ୍ତୀରଞ୍ଜନ ଜେନା, ମଣ୍ଡଳ ପଣ୍ଡା, ଲକ୍ଷ୍ମଣ ସୋରେନ, ଦେବାନନ୍ଦ ଜେନା, ପ୍ରଦୀପ ପାତ୍ର ସହଯୋଗ କରିଥିଲେ।

## ଶିଶୁମନ୍ଦିରରେ ମାତୃ କର୍ମଶାଳା



କେନ୍ଦୁଝର,୧୩।୧୦(ସମିସ): କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡର ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ନରସିଂହ ସ୍ୱାଇଁ ପୁଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବେଳା ରାଉତ ଯୋଗଦେଇ ଜାତୀୟ ଶିକ୍ଷାନୀତି ଆଧାରରେ ମୌଳିକସ୍ତରର ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ଗୁରୁଜୀଗୁରୁମାଙ୍କ ଭୂମିକା ତଥା ଶିଶୁ ଗଠନରେ ମାଆମାନଙ୍କର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ ମାଆମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧକ୍ଷ ବିଜୟ କୁମାର ଦୀକ୍ଷିତ ଏବଂ ସଦସ୍ୟା ଦୁଲାରୀ କିଷ୍ମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମରେ ମାଆମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କର୍ମଶାଳାରେ ଭାଷାଜ୍ଞାନ, ଗଣିତଜ୍ଞାନ, ବିଜ୍ଞାନ ଓ ସାମାଜିକ ଆଧାରିତ, କାହାଣୀ, ଗୀତ, କଳା, ବିକାଶର ବିଭିନ୍ନ କାଳାଂଶ କରାଯାଇଥିଲା। ଏଥିରେ ସୁଜାତାରାଣୀ ମିଶ୍ର, ଜ୍ୟୋତିରାଣି ପଣ୍ଡା, ମନସ୍ୱିନୀ ଦାଶ, ପୁଷ୍ପାଞ୍ଜଳି ସାହୁ, ଆରତୀ ସାହୁ, ମୌସୁମୀ ରାଉତରାୟ, ପାର୍ବତୀ ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତ, ଗାୟତ୍ରୀ ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ୧୫୦ରୁ ଅଧିକ ମାଆ ଯୋଗ ଦେଇଥିଲେ। ଶିଶୁବାଟିକାର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଟ୍ଟାଭୁକ୍ତ ଜମିରେ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ



ଆନନ୍ଦପୁର,୧୩।୧୦(ସମିସ): ଘଷିପୁରା ବ୍ଲକ୍ ଅଧୀନ ବାଡୋ ଗ୍ରାମର ସ୍ୱର୍ଗତ ଅଇଁଠୁ ପାତ୍ରଙ୍କ ପଟ୍ଟାଭୁକ୍ତ ଜମିରେ ସରକାରୀ ଅନୁଦାନରେ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପରିବାର ପକ୍ଷରୁ ଦୁର୍ଯ୍ୟୋଧନ ପାତ୍ର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନଥିବା ପରିତାପର ବିଷୟ। ଅଭିଯୋଗ ଅନୁସାରେ ବ୍ଲକ୍ ତରଫରୁ ସେହି ବାଡୋ ଗ୍ରାମରେ ଏକ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଛି। କିନ୍ତୁ ସେହି ରାସ୍ତାଟି ସରକାରୀ ଜାଗାରେ ନ ହୋଇ ଦୁର୍ଯ୍ୟୋଧନଙ୍କ ପୈତୃକ ପଟ୍ଟାଭୁକ୍ତ ଜାଗା ଖାତା ନମ୍ବର ୧, ପ୍ଲଟ ନମ୍ବର ୩୧୭/୬୬୩ ରେ ନିର୍ମାଣ ହେଉଛି। ଏହା ସମ୍ପୂର୍ଣ୍ଣ ବେଆଇନ ହୋଇଥିବାରୁ ଏସଂକ୍ରାନ୍ତରେ ଘଷିପୁରା ବିଡିଓଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଇବା ପାଇଁ ସେ ନିବେଦନ କରିଛନ୍ତି।

# ଅସ୍ତିତ୍ୱ ହରାଇବାକୁ ବସିଲାଣି ନନ୍ଦିପଦା ହାଟ

ହାଟଡ଼ିହି,୧୩।୧୦(ସମିସ)



କେନ୍ଦୁଝର ଜିଲ୍ଲାର ଶେଷ ଏବଂ ଭଦ୍ରକ ଜିଲ୍ଲାର ଆରମ୍ଭ ତଥା ଦୁଇଜିଲ୍ଲାର ସଙ୍ଗମସ୍ଥଳରେ ଅବସ୍ଥିତ ଥିବା ନନ୍ଦିପଦା ସାମାୟିକ ନନ୍ଦିପଦା(ବସନ୍ତିଆ) ହାଟ। ସମୟକ୍ରମେ ଅସ୍ତିତ୍ୱ ହରାଇବାକୁ ବସିଲାଣି ନନ୍ଦିପଦା ଓ ବସନ୍ତିଆ ଗ୍ରାମର ଶେଷ ସୀମାରେ ଥିବା ଏହି ହାଟ। ୧୯୬୭ ମସିହାରେ ବସନ୍ତିଆ ଗ୍ରାମର ସମାଜସେବୀ ସ୍ୱର୍ଗତ କପିଳ ପାଣିଗ୍ରାହୀଙ୍କ ଉଦ୍ୟମ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ନନ୍ଦିପଦା ହାଟ ସ୍ଥାପିତ ହୋଇଥିଲା। ଯାହା ସମୟକ୍ରମେ ବସନ୍ତିଆ ହାଟ ନାମରେ ପରିଚିତ ହୋଇଛି। ବସନ୍ତିଆ ପଞ୍ଚାୟତର ତତ୍କାଳୀନ ଆନନ୍ଦପୁର-ଭଦ୍ରକ ମୁଖ୍ୟରାସ୍ତାର ଦକ୍ଷିଣ ପାର୍ଶ୍ୱରେ ୪ଏକର ୪୨ଡେସିମିଲ ଜମି ଉପରେ ଏହି ହାଟ ତଥା ୫୩ନଂ ଆନନ୍ଦପୁର-ଚାନ୍ଦବାଲି ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ହାଟ ଆରମ୍ଭରୁ ପ୍ରାୟ ୩ଟି ଜିଲ୍ଲା କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜର ବିଭିନ୍ନ ଗ୍ରାମବାସୀ ଏହା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ପ୍ରତି ଗ୍ରାମରେ ବ୍ୟବସାୟିକ କେନ୍ଦ୍ର ସ୍ଥାପିତ ହେବାରୁ ତାହା ସୀମିତ ହୋଇଯାଇଛି। ଏହାର ଗୋଟିଏ ପାର୍ଶ୍ୱ କେନ୍ଦୁଝର ଜିଲ୍ଲାର ଓରାଳି, ଶାଳଣିଆଁ,

### ହାଟର ଉନ୍ନତିକରଣ ଦାବି

ଡଅଁର ସହିତ ସଂଯୁକ୍ତ ହୋଇଥିବା ବେଳେ ମୁଖ୍ୟରାସ୍ତାର ମରେଇଗାଁ, ହାଟଡ଼ିହୀ ଓ ଛେନାପଦୀ ଦେଇ ଆନନ୍ଦପୁର ପର୍ଯ୍ୟନ୍ତ ସଂଯୁକ୍ତ। ଭଦ୍ରକ ଜିଲ୍ଲାର ସିଲନ୍ଦି, ଅଡାଳପଙ୍କ, ଆଡ଼ିଆ ଦେଇ ଆଗରପଡ଼ା ଯାଏଁ ସଂଯୁକ୍ତ। ଓରାଳି ପଞ୍ଚାୟତର ନନ୍ଦିପଦା ଗ୍ରାମ ଅଧୀନସ୍ଥ ଏହି ହାଟଟିର ଭୌଗଳିକ ସ୍ଥିତି ବସନ୍ତିଆ ବଜାର ମଧ୍ୟରେ ଅବସ୍ଥିତ। ତେଣୁ ଓରାଳି ପଞ୍ଚାୟତର ଜଣଙ୍କୁ ନିଲାମ ମାଧ୍ୟମରେ ହାଟଦାଣ୍ଡିଆ ଭାବେ ଚୟନ କରିବାର ପରମ୍ପରା ରହିଛି। ସେତେବେଳେ ମାତ୍ର ୨୦ଟଙ୍କାରେ ଏକ ବର୍ଷ ପାଇଁ ହାଟ ନିଲାମ ହେଉଥିଲା। ବର୍ତ୍ତମାନ ଏହା ୨୨ହଜାର ଟଙ୍କା ସରକାରୀ ମୂଲ୍ୟରେ ହେଉଥିବା ଜଣାଯାଇଛି। ବର୍ଷାଦିନେ ହାଟ ଭିତରେ ପାଣି ଜମୁଥିବା ପଚପଚ ହୋଇଯାଉଥାଏ। ଉଭୟ ବ୍ୟବସାୟୀ ଓ ଗ୍ରାହକମାନେ ହାଟର କଦର୍ଯ୍ୟ ଓ ପରିତ୍ୟକ୍ତ ଅବସ୍ଥା ପାଇଁ ମୁହଁ ଫେରାଇ ନେଉଛନ୍ତି। ସରକାରଙ୍କ ଦ୍ୱାରା ଏହାକୁ ପକ୍କାଗୃହ, ଆଲୋକୀକରଣ, ପାନୀୟଜଳ, ସାଉଚାଳୟ ଓ ବାଉଣ୍ଡାରୀ ଆଦିର ସୁବିଧା କରାଗଲେ ବ୍ୟବସାୟିକ କ୍ଷେତ୍ରରେ ଉନ୍ନତି ହୁଅନ୍ତା। ହାଟର ଉନ୍ନତିକରଣ ବ୍ୟବସ୍ଥା ପାଇଁ ପ୍ରସ୍ତାବ ହୋଇଥିବା ବେଳେ ଏଯାଏଁ ଏହାର ସାମାନ୍ୟ ପରିବର୍ତ୍ତନ ହୋଇନି। ଫଳରେ ଏହାର ଆକାର କ୍ରମଶଃ ସ୍ୱଳ୍ପ ହେବା ସହ ସରକାରଙ୍କ ଦୃଷ୍ଟି ଆଢୁଆଳରେ ଏହା ଲୁଚି ଯାଉଥିବାରୁ ଏହାର ଅସ୍ତିତ୍ୱ ଦିନକୁ ଦିନ ହଜିବାକୁ ବସିଛି। ଏହାକୁ ନୂତନ ଭାବେ ନିର୍ମାଣ କରାଯାଇ ପାରିଲେ ଏହାର ପୂର୍ବ ଅବସ୍ଥା ଫେରିବା ସହ ଏହି ହାଟ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ଓ ଗ୍ରାହକମାନେ ନିଜର ଜୀବନ ଆଉ ଜୀବିକାକୁ ଭଲ ଭାବରେ ନିର୍ବାହ କରିପାରନ୍ତେ ସମୟ ଚକ୍ରରେ ହଜିବାକୁ ବସିଥିବା ହାଟ ପରମ୍ପରା ଉଜ୍ଜୀବିତ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଜରାଜୀର୍ଣ୍ଣ ଅବସ୍ଥାରେ ଅସମ୍ପୂର୍ଣ୍ଣ ଗୋଦାମ ଘର

କେନ୍ଦୁଝର,୧୩।୧୦(ସମିସ): କୃଷକମାନଙ୍କର ବିକାଶ ପାଇଁ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଉଥିଲେ ହେଁ ତଳସ୍ତରରେ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ଏଭଳି ଏକ ଦୃଷ୍ଟାନ୍ତ ହରିଚନ୍ଦନପୁର ବ୍ଲକରେ ଦେଖିବାକୁ ମିଳିଛି। ହରିଚନ୍ଦନପୁର ବ୍ଲକ୍‌ର କୃଷକମାନଙ୍କର ବିକାଶ ପାଇଁ ଲ୍ୟାମ୍ପ ଗଠନ ହୋଇଛି। କୃଷକମାନଙ୍କର ଧାନ ଗଚ୍ଛିତ ରଖିବା ପାଇଁ ଲ୍ୟାମ୍ପର ୨ଟି ଗୋଦାମ ଘର କେନ୍ଦ୍ର ସରକାରଙ୍କ ଅନୁଦାନରେ ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ୯ବର୍ଷ ହେଲା ଏହାର ନିର୍ମାଣ କାମ ସରି ପାରୁନଥିବାରୁ କୃଷକମାନେ ଧାନ ବିକ୍ରୀ ଓ ସାର କ୍ରୟ ବିକ୍ରୟ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଗୋଦାମ ଘର ଅଭାବରୁ ଧାନ ବିହନ ଓ ସାର ମହଜୁଦ ରହି ପାରୁନାହିଁ। ଏଣୁ ଏହି ଗୋଦାମ ଘର ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ କୃଷକ ସଂଗଠନ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ ଚାଷୀମାନଙ୍କର ଦୀର୍ଘଦିନର ଦାବି ପରେ କେନ୍ଦ୍ର ସରକାର ୨୦୧୪-୧୫ ମସିହାରେ ୫୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ୨ ଟି ଗୋଦାମ ଘର ନାବାର୍ଡ ସ୍କିମରେ ଅନୁମୋଦନ କରିଥିଲେ। ଉକ୍ତ ଦୁଇଟି ଗୋଦାମ ଘରର ନିର୍ମାଣ କାର୍ଯ୍ୟକୁ ତତାଳୀନ ରାଜ୍ୟ ସରକାର ଓଡିଶା ରାଜ୍ୟ କୃଷି ବିପଣନ ପରିଷଦକୁ ଦାୟିତ୍ୱ ଦେଇଥିଲେ। ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ କେନ୍ଦୁଝରର ଜୈନିକ ଠିକାଦାରଙ୍କୁ ହରିଚନ୍ଦନପୁର ଲ୍ୟାମ୍ପର ଗୋଦାମ ଘର ନିର୍ମାଣ କରିବାକୁ କାର୍ଯ୍ୟାଦେଶ କରିଥିଲେ। ତେବେ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ନିର୍ମାଣ ଶେଷ ହେବା ପୂର୍ବରୁ ଠିକାଦାର କାମ ଶେଷ ନ କରି ଛାଡି ଚାଲି ଯାଇଥିଲେ। ଏହାକୁ ନେଇ ଓଡିଶା ରାଜ୍ୟ କୃଷି ବିପଣନ ପରିଷଦ ଚିଠି ସଂଖ୍ୟା ୬-୨-୨୦୧୮ ରେ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ସେ ଏହାର କୌଣସି ଉତ୍ତର ଦେଇନଥିଲେ ଏବଂ ବକେୟା କାମ ସାରିନଥିଲେ। ଠିକାଦାର କାର୍ଯ୍ୟ ତୁଳନାରେ ଅଧିକ ବିଲ୍ ଉଠାଇ ନେଇଥିବା ବୋର୍ଡ ଜାରିବାକୁ ପାଇଥିଲା। ଇତିମଧ୍ୟରେ ୯ ବର୍ଷ ବିତି ଯାଇଥିଲେ ହେଁ ଉକ୍ତ ଗୋଦାମ ଘର ୨ଟି ଅଧପନ୍ତରିଆ ହୋଇ ପଡିରହିଥିବାରୁ ତାହା ନଷ୍ଟ ହେବାକୁ ବସିଛି। ଫଳରେ ଚାଷୀମାନେ ଧାନ ବିକ୍ରୀ ଓ ସାର କ୍ରୟ ସମୟରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏବେ ଉକ୍ତ ଘର ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଠିକାଦରଙ୍କୁ କଳା ତାଲିକାଭୁକ୍ତ କରି ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଠିକାଦାରଙ୍କ ଠାରୁ ସେ ଉଠାଇଥିବା ସମ୍ପୂର୍ଣ ଅର୍ଥ ଆଦାୟ କରି ଗୋଦାମ ଘର ନିର୍ମାଣ କରିବାକୁ ଚାଷୀମାନେ ଦାବି ଜଣାଇଛନ୍ତି।




## ବିଶ୍ୱ କନ୍ୟା ଦିବସ ଉପଲକ୍ଷେ ‘ଜାଗୃତି’ ଉତ୍ସବ




କେନ୍ଦୁଝର,୧୩।୧୦(ସମିସ): ବିଶ୍ୱ କନ୍ୟା ଦିବସ ଉପଲକ୍ଷେ ହିନ୍ଦୁ ଜାଗୃତି ମଞ୍ଚ ଆନୁକୂଲ୍ୟରେ କେନ୍ଦୁଝର ନଗରଭବନଠାରେ ମାତୃଶକ୍ତି ଜାଗରଣ ଉଦ୍ଦେଶ୍ୟରେ ଜାଗୃତି ଉତ୍ସବ ପାଳନ ହୋଇଯାଇଛି। ପର୍ଯ୍ୟାୟକ୍ରମେ ଭଉଣୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ପରେ ଶତାଧିକ କନ୍ୟାମାନଙ୍କୁ ସାମୂହିକ ବନ୍ଦନା କରାଯାଇ ଥିଲା। ଭଉଣୀ ସଦ୍ୟସ୍ନାତା ପଣ୍ଡାଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିବା ବେଳେ ଅଙ୍କିତା ସାହୁ ଅତିଥି ପରିଚୟ କରିଥିଲେ। ଗାୟତ୍ରୀ କଳା ଏବଂ ସଙ୍ଗୀତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି କେନ୍ଦୁଝର ପୌରପାଳିକା ଅଧକ୍ଷା ନିକୁ ସାହୁ ହିନ୍ଦୁ ଜାଗୃତି ମଞ୍ଚର ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ସ୍ୱାଭିମାନ ଶଶକ୍ତ ସମାଜ ଗଠନରେ ନାରୀର ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଲବଙ୍ଗ ଲତା ନାୟକ ତାଙ୍କର ବକ୍ତବ୍ୟରେ କିପରି ମହାରାଣୀ ଦୁର୍ଗାବତୀ ଆଦିବାସୀ ସମାଜର ନେତୃତ୍ୱ ନେଇ ରାଷ୍ଟ୍ରର ସୁରକ୍ଷା ପାଇଁ ଲଢେଇ କରିଥିଲେ। ବର୍ତ୍ତମାନ ସମାଜରେ ନାରୀ ଯଦି ସୁସ୍ଥ ଓ ଜାଗ୍ରତ ରହେ ତାହେଲେ ଉଭୟ ସମାଜ ଓ ରାଷ୍ଟ୍ରର କଲ୍ୟାଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାୟକ ଉପସ୍ଥିତ ହୋଇ ନାରୀ ସମାଜକୁ ଶିକ୍ଷିତ, ସ୍ୱାବଲମ୍ବୀ, ସୁସ୍ଥ ତଥା ଜାଗ୍ରତ ହେବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟତମ ବକ୍ତା ସମାଜସେବୀ ସନ୍ଧ୍ୟାରାଣୀ ସାହୁ ତାଙ୍କର ମାର୍ଗଦର୍ଶନରେ ଆଜିର ନାରୀ ମାନଙ୍କୁ ସେହି ବୈଦିକ ଯୁଗର ଦେବୀମାନଙ୍କ ଠାରୁ ସମାଜ ଓ ରାଷ୍ଟ୍ରପ୍ରତି ତ୍ୟାଗ ତପସ୍ୟା ବୀରତ୍ୱର ଶିକ୍ଷା ଗ୍ରହଣ କରିବା ଉଚିତ୍ ବୋଲି ବିଚାର ରଖିଥିଲେ। ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ସୁନାମ ଆଣିଥିବା ତଥା ଓଡିଶା ପୁଲିସରେ କାର୍ଯ୍ୟରତ ଶୁକମତି ଲାଗୁରି ବିପାଶା ଲିୟାଙ୍ଗିଙ୍କୁ କ୍ରୀଡ଼ା ପାଇଁ ସମ୍ମାନିତ କରିଥିଲେ। ଶେଷରେ ଶୀତଳ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଜାଗୃତି ମଞ୍ଚର ସହସଂଯୋଜକ ନିରଞ୍ଜନ ପଲେଇଙ୍କ ମାର୍ଗଦର୍ଶନରେ ଉତ୍ସବକୁ ସ୍ୱର୍ଣ୍ଣପ୍ରଭା ମହାନ୍ତ, କଳ୍ପନା ସାହୁ, ସୁଲୋଚନା ରାଉତ, ସସ୍ମିତା ସାହୁ, ପ୍ରଜ୍ଞାପାରମିତା ସାହୁ, ମିନତି ପ୍ରଧାନ, ଆଦ୍ୟଶ୍ରୀ ଦାସ, ଅନିତା ନାଏକ, ରାକ୍ଷୀ ରାମ, ଜ୍ୟୋତି ରାମ, ଶ୍ରେୟାଶ୍ରୀ ଦାସ ଓ ବୈଷ୍ଣବୀ ଆଚାର୍ଯ୍ୟ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା ପରିବାରର ନୂଆଁଖାଇ ଭେଟ୍‌ଘାଟ୍



କେନ୍ଦୁଝର,୧୩।୧୦(ସମିସ): ବାଲିଆଗୋଡାସ୍ଥିତ ଅଶୋକ ବାଟିକାଠାରେ ପଶ୍ଚିମ ଓଡ଼ିଶାର କେତେକ ପରିବାର ଦ୍ୱାରା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ସହର ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ପାଖାପାଖି ୪୦ଟି ପରିବାରର ସଦସ୍ୟମାନେ କଳାକାରଙ୍କ ଦ୍ୱାରା ପରିବେଷିତ ରଙ୍ଗବତୀ ଓ ଡାଲଖାଇ ଗୀତ ଓ ନୃତ୍ୟର ମଜ୍ଜା ନେଇଥିଲେ। ପଶ୍ଚିମ ଓଡ଼ିଶା ବଲାଙ୍ଗିରରୁ ଆସିଥିବା ଦୁଇ ଯୁବ କଳାକାର ଜୟପ୍ରକାଶ ପୂଜାରୀ ଓ ରଞ୍ଜିତ କୁମାର ନନ୍ଦଙ୍କ ଦ୍ୱାରା ପରିବେଷିତ ଭିନ୍ନ ଭିନ୍ନ ସମ୍ବଲପୁରୀ ଗୀତ ଉପସ୍ଥିତ ପରିବାର ବର୍ଗଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ନାଚଗୀତରେ ମତୁଆଲା କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବାରର ସଦସ୍ୟ ନିଜର କଳା ପ୍ରଦର୍ଶନ କରିଥିଲେ। ବର୍ଷ ବର୍ଷ ଧରି କେନ୍ଦୁଝର ଜିଲ୍ଲାରେ ପିଲା ପରିବାର ସହ ନିଜ କର୍ମକ୍ଷେତ୍ରରେ ଥିବା ଅସଂଖ୍ୟ ପଶ୍ଚିମ ଓଡିଶା ପରିବାରଙ୍କୁ ଏକାଠି କରିବା ଏବଂ ସଂପର୍କ ସୁଦୃଢ କରିବାର ଏହା ମୂଳଦୁଆ ପଡିଲା ବୋଲି କେତେକ ଉଦ୍ୟୋକ୍ତା ମତପ୍ରକାଶ କରିଛନ୍ତି। ଆଗାମୀ ଦିନରେ ନବବର୍ଷ ଅବ୍ୟବହିତ ପୂର୍ବରୁ ଜିରୋ ନାଇଟ୍ କାର୍ଯ୍ୟକ୍ରମ, ପୁଷପୁନି ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

## ନାଟକ ‘ଭୁଲ୍ ତୋର ଭୋଗୁଛି ମୁଁ’ ମଞ୍ଚସ୍ଥ

ଚମ୍ପୁଆ,୧୩।୧୦(ସମିସ): ଚମ୍ପୁଆ ଉପଖଣ୍ଡ ଅଧୀନ ବାରିଆ ଗ୍ରାମ ମା’ଲକ୍ଷ୍ମୀ ପୂଜା କମିଟିର ସଭାପତି ମୋତିଲାଲ ନାଏକ, ଉପଦେଷ୍ଟା ଶିକ୍ଷକ କଳାକାର ମହାନ୍ତଙ୍କ ନେତୃତ୍ୱରେ ମହାସମାରୋହରେ ମା’ ଲକ୍ଷ୍ମୀଙ୍କର ପୂଜା ହେବା ସହିତ କମିଟି ଆନୁକୂଲ୍ୟରେ ନାଟକ “ଭୁଲ୍ ତୋର ଭୋଗୁଛି ମୁଁ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ଲକ୍ଷ୍ମୀଧର ମହାନ୍ତ, ପର୍ଶୁରାମ ମହାନ୍ତ, ପ୍ରବୀରଞ୍ଜନ ନାଏକ, ମହେନ୍ଦ୍ର ବାରିକ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ହରିଭକ୍ତ କୁନା ଗିରି, ଯଦୁମଣି ବାରିକ, ପରେଶ ବାରିକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ତଥା ଅଞ୍ଚଳର କଳାକାରଙ୍କ ସହିତ ଅତିଥି କଳାକାରମାନେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତି ଯାଇଛନ୍ତି। ନାଟକରେ ନିର୍ଦ୍ଦେଶନା ଦେଇଥିବା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠ ସହାୟକ ପ୍ରକାଶ ଚନ୍ଦ୍ର କଣ୍ଡୁଙ୍କୁ ମୁଖ୍ୟଅତିଥି ଉପଜିଲ୍ଲାପାଳ ଶ୍ରୀ ପରିଡା ସମ୍ବର୍ଦ୍ଧିତ କରିଥିଲେ। ଡ. ଦୀପକ ଜେନାଙ୍କ ରଚିତ ନାଟକରେ ସଙ୍ଗୀତ ନିର୍ଦ୍ଦେଶନାରେ ରମାକାନ୍ତ ମହାନ୍ତ, ମଞ୍ଚ କଳାକାର ନାୟକ ଭୂମିକାରେ ଅମରେଶ, ସନ୍ଦୀପ, ଚରିତ୍ର ଅଭିନୟରେ ପବିତ୍ର କୁମାର (ପପୁ), ମନୋଜ, ଖଳନାୟକ ଭୂମିକାରେ ପ୍ରିନ୍ସ, ଦେବାଶିସ, ହାସ୍ୟ ଅଭିନେତା ରାଜ ପ୍ରାସାଦ ପ୍ରମୁଖ ଅଭିନୟରେ ଦର୍ଶକଙ୍କ ମନ ଜିଣିଥିଲେ।



## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବେଲବାହାଲି,୧୩।୧୦(ସମିସ): ଘସିପୁରା ବ୍ଲକ ଅଧୀନ ଦରଡିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାଗ୍ୟବତୀ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ବିହାରୀ ଚକ୍ରଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ପତି ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଅବସର ସମୟ ସୁଖସମୃଦ୍ଧି ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ସାହୁ ଏବଂ ସମ୍ମାନିତ ଅତିଥି ସମାଜସେବୀ ପ୍ୟାରୀମୋହନ ବାରିକ, ଦରଡିପାଳ ସାଧନ କେନ୍ଦ୍ରର ସଂଯୋଜକ ସଂଜୟ ସାହୁ, ଏସଏମସି ସଭାପତି ମନୋଜ ମାଝୀ, ଅବସରପ୍ରାପ୍ତ ଶିକ୍ଷକ ଦୋଳଗୋବିନ୍ଦ ନାୟକ ଯୋଗଦେଇଥିଲେ। ୩୬ ବର୍ଷ ଚାକିରି ଜୀବନ ଧକୋଠାରୁ ଆରମ୍ଭ ହୋଇ ବାଲିପାଳ, ରାଘବପୁର, କେଶଦୁରାପାଳ ସହ ଦରଡିପାଳ ବିଦ୍ୟାଳୟରେ ଶେଷ ହୋଇଥିଲା। ଶିକ୍ଷୟିତ୍ରୀ ଇନ୍ଦୁମତି ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା ଓ ଶିକ୍ଷକ ଦିଲ୍ଲୀପ ରାଉତ ମଞ୍ଚ ପରିଚାଳନା କରିଥିଲେ ଏବଂ ଶିକ୍ଷକ ପ୍ରଶାନ୍ତ ଚକ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜଘାଟରେ ବୈଷୟିକ ସର୍ଭେକୁ ଦୁଇ ବର୍ଷ ବିତିଲା

## ଶୀତଳଭଣ୍ଡାରରେ ପାଦଚଲା ସେତୁ ପ୍ରସ୍ତାବ

ଆନନ୍ଦପୁର,୧୩।୧୦(ସମିସ): ଆନନ୍ଦପୁର ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପାଦଚଲା ସେତୁ ପାଇଁ ଦୀର୍ଘ ଦିନଧରି ହୋଇଆସୁଥିବା ଦାବି ଶୀତଳ ଭଣ୍ଡାରକୁ ଚାଲିଯାଇଛି ବୋଲି ଅଭିଯୋଗ ହେଉଛି। ପ୍ରକଳ୍ପର ଆବଶ୍ୟକ୍ତା ଓ ଏହା ସାଧାରଣ ଲୋକଙ୍କ ପାଇଁ କେତେଦୂର ସହାୟକ ହୋଇପାରିବ ସେନେଇ ପ୍ରଶାସନିକ ତଦନ୍ତ ଆରମ୍ଭ ହେବାର ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୨୦୨୩ ଜୁଲାଇରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଅସିତ କୁମାର ପାତ୍ର ଓ କନିଷ୍ଠ ଯନ୍ତ୍ରୀ ରଜତ କୁମାର ସିଂ ଆନନ୍ଦପୁର ରାଜଘାଟଠାରେ ପହଞ୍ଚି ଏହି ପାଦଚଲା ସେତୁର ବୈଷୟିକ ସର୍ଭେ କରିବା ସହିତ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଆଲୋଚନା କରିଥିଲେ। ସର୍ଭେକାଳରେ ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ଦୁର୍ଗାଚରଣ ଦଳେଇ, ଆଇନଜୀବୀ ଶୈଳେଶ ପଟ୍ଟନାୟକ, ବରିଷ୍ଠ ନାଗରିକ ପରିଷଦର ରଘୁନାଥ ପଣ୍ଡିତ, ବିନୋଦ ବିହାରୀ ଦାସ, ଅଶୋକ କୁମାର ସାହୁ, ରାମଚନ୍ଦ୍ର ଜେନା ଓ କେତେକ କାଉନସିଲରମାନେ ଉପସ୍ଥିତ ଥିଲେ। କେନ୍ଦୁଝର ଯାଜପୁର ଜାତୀୟ ରାଜପଥ ଏବଂ ଆନନ୍ଦପୁର-ମୟୂରଭଞ୍ଜ ରାଜ୍ୟ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ କେନ୍ଦ୍ରସ୍ଥଳ ଆନନ୍ଦପୁରରେ ଏକ ପାଦଚଲା ସେତୁର ଆବଶ୍ୟକ୍ତା ଅନେକ ଦିନରୁ ଅନୁଭୂତ ହୋଇଛି। ଉଭୟ ରାସ୍ତାରେ ଆସୁଥିବା ଯାତ୍ରୀମାନେ ବସ୍ ପରିବର୍ତ୍ତନ କରି ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଦୁଇପାର୍ଶ୍ୱରେ ଥିବା ଦୁଇ ବସଷ୍ଟାଣ୍ଡରେ ପହଞ୍ଚିବା ପାଇଁ ଏହି ପାଦଚଲା ସେତୁ ବିଶେଷ ସହାୟକ ହୋଇପାରିବ। ଯାହାକି ବର୍ତ୍ତମାନ ଉଭୟ ବସ୍‌ଷ୍ଟାଣ୍ଡରେ ବସ୍ ଧରି ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଜଣେ ଯାତ୍ରୀଙ୍କୁ ପ୍ରାୟ ୮ କିଲୋମିଟର ବୁଲିବାକୁ ପଡୁଛି। ଗତ ୧୯୮୨ ମସିହାରେ ବୈତରଣୀ ସେତୁ ନିର୍ମାଣ ପରେ ବି ଉପରୋକ୍ତ ଯାତ୍ରା ସମସ୍ୟା ପାଇଁ ନଦୀର ରାଜଘାଟରେ ଡଙ୍ଗା ଓ ବୋଟରେ ଯାତ୍ରୀମାନେ ନଦୀର ଉଭୟ ପାର୍ଶ୍ୱକୁ ପାରି ହେଉଥିଲେ। ପୌରପାଳିକାର ଅବହେଳା ଯୋଗୁ ଟେଣ୍ଡର ବିବାଦ ହୋଇ ଏହି ଡଙ୍ଗାଘାଟ ବନ୍ଦ ହୋଇଯାଇଥିବାରୁ ସାଧାରଣ ଜଣେ ଯାତ୍ରୀ ଉଭୟ ପାର୍ଶ୍ୱର ବସ୍‌ଷ୍ଟାଣ୍ଡ ଯିବାକୁ ୫୦ ଟଙ୍କା ଅଟୋ ଭଡ଼ା ଦେବାକୁ ପଡୁଛି। ଏଣୁ ବୈତରଣୀ ନଦୀର ଆନନ୍ଦପୁର ଡଙ୍ଗାଘାଟ ନିକଟରେ ଏକ ପାଦଚଲା ସେତୁ (ଝୁଲାପୋଲ) ନିର୍ମାଣ ପାଇଁ ସ୍ୱେଚ୍ଛାସେବୀ ରବିନାରାୟଣ ହୋତା ଦୀର୍ଘଦିନ ହେବ ଦାବି କରିଆସୁଥିବା ଓ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦଙ୍କ ପକ୍ଷରୁ ଏସମ୍ପର୍କିତ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନଦୀର ଡାହାଣ ପାର୍ଶ୍ୱକୁ ଯୋଗାଯୋଗ ପାଇଁ ଆନନ୍ଦପୁର ବୈତରଣୀ ସେତୁ ଏବଂ ବ୍ୟାରେଜ ରହିଥିଲେ ସୁଦ୍ଧା ବରିଷ୍ଠ ନାଗରିକଙ୍କ ସମେତ ଗରିବ ଜନସାଧାରଣ ଚିକିତ୍ସାଳୟରେ ପହଞ୍ଚିବା ପାଇଁ ପ୍ରାୟ ୮ କିମି ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ପୂର୍ବରୁ ରହିଥିବା ଆନନ୍ଦପୁର ଡଙ୍ଗାଘାଟ ନିକଟରେ ପାଦଚଲା ସେତୁ ନିର୍ମାଣ ହୋଇପାରିଲେ ଏହି ଦୂରତା ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଦାବି ହୋଇଛି।



### ପାଟଣାରେଞ୍ଜରେ ହାତୀପଲଙ୍କ ଉପଦ୍ରବ

## ୪ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ତୁରୁମୁଙ୍ଗା,୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ୩୪ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରିରହିଛି। ରବିବାର ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜର କେନ୍ଦୁଆପଡା, ବାଲିବନ୍ଧ, ଝାଲିଆପଡା ଏବଂ ଟାଙ୍ଗରପଡା ଆଦି ଗ୍ରାମରେ ଆତଙ୍କ ଖେଳାଇବା ସହ ଏକ ଗୋଠଛଡ଼ା ଦନ୍ତା ୪ଟି ଘର ଭାଙ୍ଗିଦେଇଛି। ଝାଲିଆପଡା ଗ୍ରାମର କୁଳମଣି ନାଏକ, ବାଲିବନ୍ଧ ଗ୍ରାମର ପ୍ରଭାକର ମହାନ୍ତ, ଟାଙ୍ଗରପଡା ଗ୍ରାମର ଦୁଃଶାସନ ମୁଣ୍ଡା ଏବଂ କେନ୍ଦୁଆପଡା ଗ୍ରାମର କଂସ ନାଏକଙ୍କ ଘରକୁ ଦନ୍ତା ଭାଙ୍ଗିଦେଇଛି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ୩୦ ହାତୀ ଅଙ୍କୁରା ଗାଁ ନିକଟରେ ଥିବା ବେଳେ ବ୍ରାହ୍ମଣିଦେଓ ଗ୍ରାମ ନିକଟରେ ୪ଟି ଦନ୍ତା ହାତୀ ଡେରା ପକାଇଛନ୍ତି। ଏଥିସହ ତୋଣ୍ଡ ବିଟ୍ ଅଧୀନ ଘାଟବାଲିଯୋଡି ଗାଁ ନିକଟ ଜଙ୍ଗଲରେ ୧୩ଟି ହାତୀ ଡେରା ପକାଇଛନ୍ତି। ହାତୀପଲ ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ଗାଁ ନିକଟରେ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ କଡା ନଜର ରଖିଛି।



# ୧ କୋଟି ୬୦ ଲକ୍ଷ ବ୍ୟୟରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍



ଯୋଡ଼ା,୧୩।୧୦(ସମିସ): ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୫୨୦ ନଂ ଜାତୀୟରାଜପଥ ବିଲେଇପଦାଠାରେ ଚାରିଛକିଆ ମୁର୍ଗା ମହାଦେବ ରାସ୍ତାଛକଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ବାରମ୍ବାର ସଡ଼କ ଦୁର୍ଘଟଣା ଘଟି ଅନେକ ନିରୀହ ଲୋକଙ୍କ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିରିକଳା ପଞ୍ଚାୟତର ସରପଞ୍ଚ ମୁଖି ନାଏକ ଏବଂ ନାଏବ ସରପଞ୍ଚ କୁନ୍ତଳା ଖିଲାର୍, ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ ଏଠାରେ ଫୁଟ୍ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କେନ୍ଦୁଝରର ପ୍ରକଳ୍ପ ନିର୍ଦ୍ଦେଶକ, କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଓ ବଡ଼ବିଲ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବାରମ୍ବାର ଦାବି କରି ଆସିଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକରେ ଉପସ୍ଥାପନା କରି ଏହାର ନିର୍ମାଣ ନିମନ୍ତେ ଅନୁମୋଦନ କରାଇଥିଲେ। ଏହାର ଅଟକଳ ମୂଲ୍ୟ ୧ କୋଟି ୬୦ ଲକ୍ଷ ହୋଇଥିବା ବେଳେ ଏଠାରେ ଚଲାପଥ ସହିତ ବୃଦ୍ଧା ବ୍ୟକ୍ତିମାନଙ୍କ ଯିବାଆସିବା ପାଇଁ ଲିଫ୍ଟ ପ୍ରଣାଳୀ ଏବଂ ୨୪/୭ ପାଇଁ ସୁରକ୍ଷା କର୍ମୀ ରହିବା ସହିତ ଆଲୋକର ବ୍ୟବସ୍ଥା ରହିଛି। ଏପରି ଫୁଟ୍ଓଭର୍ ବ୍ରିଜ୍ ପାଣିକୋଇଲିଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ କୌଣସିଠାରେ ନ ଥିବା ବେଳେ ଏହା କେନ୍ଦୁଝର ଜିଲ୍ଲାରେ ପ୍ରଥମ ଥର ପାଇଁ ନିର୍ମାଣ ହେବାକୁ ଯାଉଛି। ଏହାର ନିର୍ମାଣ ପାଇଁ ଆଜି ବିଲେଇପଦା ତାରିଣୀ ଛକଠାରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ତହସିଲଦାର ବଡ଼ବିଲ ରାକେଶ ପଣ୍ଡା, ଯୋଡ଼ା ବ୍ଲକର ବିଡିଓ ଦାନିସ୍ ବେହେରା, ଏମ୍‌ଭିଆଇ ବଡ଼ବିଲ ଅରୁଣ ସାହୁ, ଏନ୍‌ଏଚ୍‌ଏଆଇ ଯନ୍ତ୍ରୀ ଶୁଭାଶିଷ ପରିଡା, ବିଭାସ୍ ଘୋଷ୍, ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ବିରିକଳା ସରପଞ୍ଚ ମୁଖି ନାଏକ୍, ନାଏବ୍ ସରପଞ୍ଚ କୁନ୍ତଳା ଖିଲାର୍, ସାଂସଦଙ୍କ ପ୍ରତିନିଧି ଅଗ୍ନୁ ମହାନ୍ତ, ବିଷ୍ଣୁ ଖିଲାର୍, ରଞ୍ଜିତ ନାଏକ୍, ଅର୍ଜୁନ ମୁଣ୍ଡା, ଝୁନୀ ଜେନା, ପୂଜକ ମାର୍କଣ୍ଡ ମିଶ୍ର ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏଖବର ଜାଣି ଅଞ୍ଚଳରେ ଖୁସିରଲହର ଖେଳିଯାଇଛି।

# କଂଗ୍ରେସ ନେତା କୈଳାସ ଅଗ୍ରୱାଲଙ୍କ ପରଲୋକ



ବେତନଟୀ,୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି କୈଳାଶ ଚନ୍ଦ୍ର ଅଗ୍ରୱାଲା (୭୫)ଙ୍କ ରବିବାର ବେତନଟୀ ସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଥିଲେ। ତାଙ୍କ ବିୟୋଗ ଖବର ପାଇ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମଙ୍ଗଳବାର ଶେଷକୃତ୍ୟ ସଂପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ସେ ୧୯୭୨ରେ ଛାତ୍ର କଂଗ୍ରେସରେ ଯୋଗଦାନ କରିଥିଲେ। ପରେ ୧୯୯୨ରୁ ୧୯୯୭ ମଧ୍ୟରେ ବେତନଟୀ ବ୍ଲକ ଅଧ୍ୟକ୍ଷ, ୧୯୯୭ରୁ ୨୦୦୨ ମଧ୍ୟରେ ବେତନଟୀ ବ୍ଲକର ୩୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କର ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସୁଭାଷ ଚନ୍ଦ୍ର ଦାସ, ୩୫ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସ, ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ଜିଲ୍ଲା ସଭାପତି ତଥା ଆଇନଜୀବୀ ହିମାଂଶୁ କୁମାର ପରିଡା ପ୍ରମୁଖ ଶୋକପ୍ରକାଶ କରିବା ସହିତ ବେତନଟୀ ବ୍ଲକ ଜଣେ ବିକାଶ ପୁରୁଷଙ୍କୁ ହରାଇ ଅପୂରଣୀୟ କ୍ଷତି ହେଲା ବୋଲି କହିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପୂର୍ବତନ ଜିଲ୍ଲା ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ବରିଷ୍ଠ ନେତା କୈଳାଶ ଅଗ୍ରୱାଲଙ୍କ ପରଲୋକରେ ଜିଲ୍ଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ବେତନଟୀ ସ୍ଥିତ ବାସଭବନରେ ପୁଷ୍ପମାଲ୍ୟ ଅର୍ପଣ କରି ନେତୃବୃନ୍ଦ ଶ୍ରଦ୍ଧା ସୁମନ ଜଣାଇଥିଲେ। ମୟୂରଭଞ୍ଜ (ପୂର୍ବ) କଂଗ୍ରେସ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ବରିଷ୍ଠ ନେତା ଦୀନକୃଷ୍ଣ ଦାସ, ଜ୍ୟୋତିପ୍ରକାଶ ରଥ, ମୁନା ଗିରି, ସତ୍ୟକାମ ରଣା, ମିନକେତନ ବେହେରା, ନାରାୟଣ ପଟ୍ଟନାୟକ, ନଳିନୀ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି। ଶ୍ରୀ ଅଗ୍ରୱାଲଙ୍କ ମୃତ୍ୟୁ ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ଘଟାଇଲା ବୋଲି ସଭାପତି ଶ୍ରୀ ବିଶ୍ୱାଳ ମତବ୍ୟକ୍ତ କରିଛନ୍ତି।

## ତେଲକୋଇରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

# ବେଆଇନ ବାଲି ଚୋରାଚାଲାଣକୁ ନେଇ ଉଦ୍‌ବେଗ

ତେଲକୋଇ,୧୩।୧୦(ସମିସ):




ତେଲକୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଜିଲ୍ଲାପାଳ ବିଶାଲ ସିଂ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳ କର, ପ୍ରକଳ୍ପ ଅଧିକାରୀ କୁମାର ନାଗ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଉପଜିଲ୍ଲାପାଳ ଉମାକାନ୍ତ ଦଳେଇ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପୁରୁଷୋତ୍ତମ ମହାନ୍ତ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ନାଏକ, ତହସିଲ ଦାର ଅନୁପମା ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଭତ୍ତା, ଆବାସ, ବିଦ୍ୟୁତ୍, ପାନୀୟ ଜଳ, ଗମନା ଗମନ, ମନରେଗା କାର୍ଯ୍ୟ ଆଦି ସମସ୍ୟାକୁ ନେଇ ୧୫୮ ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେଲକୋଇ ଅଞ୍ଚଳ ଦେଇ ବୋହି ଯାଇଥିବା ସମାକୋଇ ନଦୀପଠାରୁ ବେଆଇନ ବାଲି ଚୋରାଚାଲାଣ, ପୂର୍ତ୍ତ ବିଭାଗ ରାସ୍ତାର ଦୂରବସ୍ଥା ପ୍ରମୁଖ ଅଭିଯୋଗ ପାଲଟି ଥିଲା। ବାଲି ମାଫିଆ ମାନେ ସଞ୍ଜ ନଇଁଲେ କିଭଳି ଶହ ଶହ ଟ୍ରିପ ବାଲି ବେଧଡକ ଚୋରା ଚାଲାଣ କରୁଛନ୍ତି ଏବଂ ପ୍ରଶାସନ କାହିଁକି ଏଥିପ୍ରତି ଆଖିବୁଜି ଦେଇଛି ତାହା ଅଭିଯୋଗ ଶୁଣାଣି ଶିବିରରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥିଲା। ପ୍ରଗିତିଶୀଳ ନାଗରିକ ମଞ୍ଚର ଅଭିଯୋଗ ପରେ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଡାକି ସିଧା ଏଦିଗରେ ତୁରନ୍ତ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ୍ କରିଛନ୍ତି। ଏହା ସହିତ ପୂର୍ତ୍ତ ରାସ୍ତାର ସମସ୍ୟା ଓ ତେଲକୋଇ ବଜାର ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ସମସ୍ୟାକୁ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ମହୋତ୍ସବ 'ସୁରଭି'







ତୁରୁମୁଙ୍ଗା,୧୩।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧୀନ ଡୁମୁରିଆ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'-୨୦୨୫ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଯୁଧିଷ୍ଠିର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟରର ମୋଟ ୧୮ଟି ବିଦ୍ୟାଳୟରୁ ୧୮୦ରୁ ଅଧିକ ଛାତ୍ରଛାତ୍ରୀ ତର୍କ, ବକ୍ତୃତା, ଚିତ୍ରାଙ୍କନ, ହସ୍ତାକ୍ଷର ଲିଖନ, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଅନନ୍ତ ଚରଣ ମୁର୍ମୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ବିଷୟରେ ୩ଟି ବିଭାଗ କନିଷ୍ଠ, ବରିଷ୍ଠ-କ ଓ ବରିଷ୍ଠ-ଖରେ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସମ୍ମାନିତ କରି ପୁରସ୍କୃତ କରାଯାଇଥିଲା। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡୁମୁରିଆର ପ୍ରଧାନଶିକ୍ଷକ ଅନନ୍ତ ଚରଣ ମୁର୍ମୁଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଡୁମୁରିଆ ସମିତି ସଭ୍ୟା ଜୟନ୍ତୀ ନାଏକ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଳା ଶିକ୍ଷକ ବିକାଶ ଚନ୍ଦ୍ର ମହାନ୍ତ, ସଂସ୍କୃତ ଶିକ୍ଷକ ମଧୁସୂଦନ ମହାନ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଲଳିତ ମୋହନ ମହାନ୍ତ ପରିଚାଳନା କରିଥିବା ବେଳେ ଶିକ୍ଷକ ଗଂଜିତ ପଲେଇ, ଉଦୟନାଥ ଦେହୁରୀ, ଚନ୍ଦ୍ରମଣି ସେଠୀ, ବାଜିନ ମୁଣ୍ଡା, ଭରତ ଚନ୍ଦ୍ର ମହାନ୍ତ, ତପସ୍ୱିନୀ ମହାନ୍ତ, ସନ୍ଧ୍ୟାରାଣୀ ନାଏକ, ଲତିକା ମଞ୍ଜରୀ ମହାନ୍ତ, ସୁଷମା ସିଂ, ସମରେନ୍ଦ୍ର ମହାନ୍ତ, ପ୍ରତିମା ନାଏକ, ଚୈତନ୍ୟ ନାଏକ, କଂସରାଜ ନାଏକ, ମୀନକେତନ ମହାନ୍ତ, ପ୍ରଦ୍ୟୁମ୍ନ ବାରିକ, ଶ୍ରୀକାନ୍ତ ଜେନା, ଅନୁପମ ଜେନା ପ୍ରମୁଖ ସହଯୋଗ କରିଥିଲେ।

ତେଲକୋଇ: କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଧୀନ କରଦାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ 'ସୁରଭି' କାର୍ଯ୍ୟକ୍ରମ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତା ମୁଣ୍ଡା ଅଂଶଗ୍ରହଣ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ତୁଳସୀ ନାୟକ, ଦେଉଳଡିହା ସିଆରସିସି ଖଗେଶ୍ୱର ନାୟକ, ପ୍ରଧାନ ଶିକ୍ଷକ ଆମ୍ବତଇଲା ପଦ୍ମଲୋଚନ ପାତ୍ର, ରଗଡା ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ, କରଦାଙ୍ଗି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କରଦାଙ୍ଗି କ୍ଲଷ୍ଟର ସିଆରସିସି ଟୁନା ଅମାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ୧୫ଟି ବିଦ୍ୟାଳୟରୁ ୩୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିତର୍କ, ପ୍ରବନ୍ଧ ପ୍ରତିଯୋଗିତା, ଚିତ୍ରାଙ୍କନ, ସୃଜନଶୀଳ, ଲିଖନ, କୁଇଜ୍, ପିଏମ୍ ପୋଷଣ, ଚିତ୍ରକଳା, ଶିଳ୍ପ କଳା, ଓଡ଼ିଆ ହସ୍ତାକ୍ଷର, ଶୃତଲିଖନ, ସଙ୍ଗୀତ, ବକ୍ତୃତା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମସ୍ତ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପାଠ୍ୟ ଉପକ୍ରମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲଷ୍ଟର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ବାଲି ଗାଡ଼ି ଅଟକାଇବାରୁ ଆକ୍ରମଣ ଘଟଣା; ୩ ଗିରଫ

ସାରସକଣା, ୧୩।୧୦(ସମିସ): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ତଥା ପଡୋଶୀ ରାଜ୍ୟକୁ ହାଇୱାରେ ଚାଲାଣ ହେଉଥିବାବେଳେ ରବିବାର ଭୋରୁ ଘଟିଥିବା ତୁମୁଳକାଣ୍ଡ ଘଟଣାରେ ଝାରପୋଖରିଆ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅବିନାଶ ପ୍ରହରାଜ, ପାହାଡ଼ ସିଂ ଓ ଗୋବିନ୍ଦ ଦଣ୍ଡପାଟ। ବେଆଇନ ବାଲି ଚାଲାଣ ସମୟରେ ବିରୋଧ କରିଥିବା ଯୁବକ ବିକାଶ ସାହୁଙ୍କୁ ଉପରୋକ୍ତ ୩ ଜଣ ଓ ଫେରାର ଥିବା ୫ଜଣ ଅଭିଯୁକ୍ତ ନିସ୍ଥୁକ ମାଡ ମାରିଥିଲେ। ସରକାରୀ ବାଲିଘାଟ ବନ୍ଦ ରହିଥିବା ବେଳେ ବେଆଇନ ବାଲିଚାଲାଣ ହେଉଥିବାରୁ ଟ୍ରକକୁ ଅଟକ ରଖି ଝାରପୋଖରିଆ ପୁଲିସକୁ ଖବର ଦେବାକୁ ଉଦ୍ୟମ ବେଳେ ଏକ ବୋଲେରୋ ଏବଂ ଅନ୍ୟ ଏକ ଗାଡ଼ିରେ ଅଭିଯୁକ୍ତମାନେ ପହଞ୍ଚି ଟ୍ରକ୍ ଅଟକାଇଥିବା ଯୁବକଙ୍କୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ସ୍ଥାନୀୟ ଯୁବକ ବିକାଶ ସାହୁଙ୍କ ଅଭିଯୋଗ ମୁତାବକ ଝାରପୋଖରିଆ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶାନ୍ତନୁ କୋଇଲା, ଉତ୍ତମ କୁମାର ଦଣ୍ଡପାଟ, ସଞ୍ଜୀବ ସେଠୀ, ବନ୍ଦନ ସିଂ ଓ ଦେବାଶିଷ ବିନ୍ଧାଣି ଫେରାର ଅଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ; ହାଟବାଦଡା ଚାମ୍ପିଅନ



କରଞ୍ଜିଆ,୧୩।୧୦(ସମିସ): ମା' ମଙ୍ଗଳା କ୍ଲବ୍ ଦୋଳ ପଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ଏମଏମ କପ ଭଲିବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଆଇନଜୀବୀ ବିକାଶ କୁମାର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାବୁଲ ଚନ୍ଦ୍ର ରାଉଲ୍ ଯୋଗଦେଇ ଚାମ୍ପିଅନ ଦଳ ହାଟବାଦଡା ଭଲିବଲ ଟିମ୍‌କୁ ଟ୍ରଫି ସହିତ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳ ଏମ୍ଏମସି ଳଦକୁ ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ଟୁର୍ଣାମେଣ୍ଟ ଏମଏମସି ଟିମ୍‌ର କରୁଣା କର ଜେନାଙ୍କୁ ପ୍ରଦାନ କରଯାଇଥିଲା। ଶୈଳେଶ ଚନ୍ଦ୍ର ଭୋଇ, ବାବି ସାମଲ ଓ ଅଜୟ କୁମାର ବେଜ ଅତିଥିରୂପେ ଯୋଗଦେଇଥିଲେ।

# ଆମ୍ବବଗିଚାରୁ ମୃତଦେହ ଉଦ୍ଧାର

ଆନନ୍ଦପୁର,୧୩।୧୦(ସମିସ): ଆନନ୍ଦପୁର ଥାନା ଅଧୀନ ଶାଳବଣି ରାସ୍ତାର ଆମ୍ବବଗିଚାରୁ ଫକୀରପୁର ଗ୍ରାମର ଚଗୁଲୁ ନାହାକ(୪୫)ଙ୍କର ମୃତଦେହକୁ ପୁଲିସ ଉଦ୍ଧାର କରିଥିବା ଜଣାଯାଇଛି। ଗ୍ରାମର କହେଁଇ ନାହାକଙ୍କ ପୁଅ ଚଗୁଲୁ ଆଜି ସକାଳୁ ଘରୁ ବଜାରକୁ ସଉଦା କରିବାକୁ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଶାଳବଣି ରାସ୍ତାର ଆମ୍ବ ବଗିଚାର ଗଛରେ ମୃତଦେହ ଝୁଲୁଥିବା ପୁଲିସରେ ରିପୋର୍ଟ କରିଥିଲେ। ଆନନ୍ଦପୁର ଥାନା ଏଏସଆଇ ନାରାୟଣ ମହାପାତ୍ର ମୃତଦେହ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ସବିଶେଷ ଅନୁଧ୍ୟାନ କରୁଥିବା କହିଛନ୍ତି।

# ଡୁମାଣି ଭାରତୀୟ ରଗ୍‌ବୀ ଦଳ ପାଇଁ ମନୋନୀତ

ବାରିପଦା ୧୩।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟ ରୂପେ କାର୍ଯ୍ୟରତ ଡୁମାଣି ମାରାଣ୍ଡି, ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁଙ୍କ ସହ ଭାରତୀୟ ରଗବୀ ଟିମ୍‌ର୍ ପ୍ରତିନିଧିତ୍ୱ କରିବା ପାଇଁ ଭାରତୀୟ ସିନିୟର ଦଳରେ ମନୋନୀତ ହୋଇଛନ୍ତି। ଆସନ୍ତା ୧୮ ତାରିଖରେ ଶ୍ରୀଲଙ୍କାର କଲମ୍ବୋରେ ହେବାକୁ ଥିବା ଏସିଆ ରଗବୀ ଏମିରେଟ ସେଭେନ ସିରିଜ୍-୨୦୨୫ ପାଇଁ ସେ ଭାରତ ତରଫରୁ ଖେଳିବେ। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘର ସଭାପତି ସଞ୍ଜୀବ କୁମାର ତନ୍ତୀ, ସମ୍ପାଦକ ଦେବେନ୍ଦ୍ର କୁମାର ପତି, ପ୍ରଦୀପ୍ତ ରଞ୍ଜନ ଦାଶ, ଉଦିତ ରଞ୍ଜନ ଦାସ, ସତ୍ୟ ମହାନ୍ତି, ମାନସ ଆଚାର୍ଯ୍ୟ, ଅଜୟ କୁମାର ବଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ରାଧାକୁଣ୍ଡରେ ବୁଡଦେଲେ ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

ରାସଗୋବିନ୍ଦପୁର,୧୩।୧୦(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୂଆ ପଞ୍ଚାୟତ କାନପୁର ଗ୍ରାମରେ ରହିଛି ଗୁପ୍ତ ବୃନ୍ଦାବନ। ପ୍ରତିବର୍ଷ କାର୍ତ୍ତିକ ମାସ କୃଷ୍ଣା ଅଷ୍ଟମୀ ତିଥିରେ ଆଜକୁ ଦୀର୍ଘ ବର୍ଷ ଧରି ରାଧାମୋହନ ଜୀଉଙ୍କ ରାଧାକୁଣ୍ଡ ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ରଧକୁଣ୍ଡରେ ମାନସିକ ରଖି ବୁଡ ପକାଇ ସ୍ନାନ କଲେ ମାନସିକ ପୂରଣ ହୋଇଥାଏ ବୋଲି ଲୋକଙ୍କ ଆସ୍ଥା ରହିଛି। ଏହି ଦିନ ପାଖ ପଡ଼ଶୀ ଜିଲ୍ଲା ବାଲେଶ୍ୱର, ପୁରୀ, ଜଗତସିଂପୁର, କଟକ, କେନ୍ଦ୍ରାପଡ଼ା, ପଶ୍ଚିମବଙ୍ଗ, ନଦିଆ, ବୃନ୍ଦାବନ, ଗୋପୀବଲ୍ଲଭପୁର ଆଦି ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ରାଧାମୋହନ ଜୀଉଙ୍କ ନିକଟରେ ଭଜନ, ପ୍ରବଚନ, ଭାଗବତ ପାଠ କରିଥାନ୍ତି। ଚଳିତବର୍ଷ ରାଧାକୁଣ୍ଡ ସ୍ନାନ ସମୟ ରାତି ୧୧ଟା ୪୭ ମିନିଟ ସମୟରେ ଥିବାବେଳେ ସେବାୟତଙ୍କ ଗଙ୍ଗା ଆରତି ସରିବା ପରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ କୁଣ୍ଡରେ ବୁଡ ପକାଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ଓ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର; ଆଲିଶା ରାଜ୍ୟସ୍ତରକୁ ଉନ୍ନୀତ



ବାରିପଦା, ୧୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ, ତକତପୁରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସେମିନାରର ଆଭିମୁଖ୍ୟ ସଂପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଯୋଗଦେଇଥିଲେ। ଚଳିତ ବର୍ଷର ବିଜ୍ଞାନ ଆଲୋଚନା ଚକ୍ର ପ୍ରସଙ୍ଗ 'କ୍ୱାଣ୍ଟମ ଯୁଗର ଆରମ୍ଭ : ସମ୍ଭାବନା ଓ ଆହ୍ୱାନ' ଉପରେ ୨୬ ଜଣ ପ୍ରତିଯୋଗୀ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଚାରକ ଭାବରେ ଅଧ୍ୟାପକ ଡ଼ ସୁବ୍ରତ କୁମାର ଦାଶ, ପ୍ରଶିକ୍ଷକ ଡ଼ ପ୍ରିୟରଞ୍ଜନ ଦାଶ, ଅଧ୍ୟାପକ ତନୁଶ୍ରୀ ସେନାପତି ଯୋଗ ଦେଇଥିଲେ। ଆଲିଶା ପଣ୍ଡା, ତନୟା ମହାନ୍ତି, ଓମଶ୍ରୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ବିଜୟୀ ପ୍ରଥମ ପ୍ରତିଯୋଗୀ ୧୫ ତାରିଖରେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିବେ। ବିଜ୍ଞାନ ଶିକ୍ଷକ ବସନ୍ତ ଦତ୍ତ, ନୟନ ଗିରି, ଅତସୀ କୁଣ୍ଡୁ ଓ ଶିକ୍ଷକ ଅଜିତ ମହାନ୍ତି ସହାୟତା କରିଥିଲେ। ଉଦଯାପନୀ ସମାରହରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ ଓ ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ 'ମାରିସା'ର ଆନ୍ଦୋଳନ ନିଷ୍ପତ୍ତି

ବାରିପଦା, ୧୩।୧୦(ସମିସ):




ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସମ୍ମିଳନୀରେ ନୂତନ ନେତୃତ୍ୱ ନିର୍ବାଚିତ ପରେ ପ୍ରଥମ ବୈଠକ ବାରିପଦା ତଖତପୁର ହୋଲିପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ପରିଷଦରେ ଥିବା ନେତୃତ୍ୱ ମାନେ ଯୋଗଦେବା ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍?ବିଦ୍ୟାଳୟ ବାରିପଦା, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ବାଲେଶ୍ୱର, ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ର ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଓଡିଶାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନକୁ ସୁନିଶ୍ଚିତ କରିବା ସମ୍ପର୍କରେ ଆଲୋଚନା ହେବା ସହିତ ଆସନ୍ତା ନଭେମ୍ବର ମାସରେ ରାଜ୍ୟସ୍ତରୀୟ ଆହ୍ୱାନ କ୍ରମେ ୧୦୦ଜଣ ଛାତ୍ର ପ୍ରତିନିଧି ଭୁବନେଶ୍ୱର ଚଲୋ ଡାକରା ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆସନ୍ତା ଏକ ମାସ ଭିତରେ ବିଭିନ୍ନ କଲେଜ ୟୁନିଟ ଓ ଜିଲ୍ଲା ୟୁନିଟର ସମ୍ମିଳନୀ ସମାପ୍ତ କରିବା ସହିତ ରାଜ୍ୟବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ଯେଉଁଥିରେ ରାଜ୍ୟର ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଜ୍ୟ ବଜେଟରେ ୪୦% ଶିକ୍ଷା ପାଇଁ ଖର୍ଚ୍ଚ, ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, ଛାତ୍ର ସଂସଦ ନିର୍ବାଚନ ଆଦିକୁ ନେଇ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ମାତୃଭୂମି, ମାତୃଭାଷା, ଶିକ୍ଷା ଓ ପରମ୍ପରାକୁ ସଶକ୍ତ କରିବା ଲକ୍ଷରେ ନିଜର ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ବଜ୍ର ଶପଥ ନେଇଥିଲେ। ବୈଠକରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଶ୍ୟାମସୁନ୍ଦର ହାଁସଦା,ସୁନ୍ଦର ମୋହନ କିସ୍କୁ, ରାମଜିତ୍ ହେମ୍ବ୍ରମ, ରାଜୁ କିସ୍କୁ, ଅଜୟ ମାର୍ଣ୍ଡି, ବାପୁନ ଟୁଡୁ, ବାଇଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୨- ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୩୩- ଜର୍ମାନୀ ମିତ୍ରରାଷ୍ଟ୍ରରୁ ଓହରିଯିବାକୁ ନିଷ୍ପତ୍ତି ନେଲା।
- ୧୯୫୬- ଡ. ବି.ଆର୍ ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୧- ହୋସ୍‌ନି ମୁବାରକ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆମେରିକୀୟ ସିନେଟ୍‌ରେ ନାମଞ୍ଜୁର।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

# ଚିଲି ମ୍ୟାନ୍ :ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ମେଘାଳୟର ବାଟାବ ଗାଁର କୃଷକ ରାମ ପିରତୁହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ସଭିଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବେଶ୍ ସହଜରେ ଥରକରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୧ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏବେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଇଥିଲେ। ଏତେ ଲଙ୍କା ଖାଇବା ସତ୍ତ୍ୱେ ତାଙ୍କ ଆଖିରେ ଲୁହ ଆସି ନ ଥିଲା କି ତାଙ୍କୁ ରାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ।
୫୦ ବର୍ଷିୟ ରାମଙ୍କ କହିବାନୁଯାୟୀ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ରାଗ ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ପେଷ୍ଟ ଲଗାଇ ଗାଧୋଇ ଦିଆଯାଇଥିଲା। ଏଥିସହ ତାଙ୍କ ଶରୀରରେ ଲଙ୍କା ଘଷା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ କୌଣସି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସକାଳୁ ସେ ଲଙ୍କା ଚା, ଦ୍ୱିପ୍ରହରରେ ଲଙ୍କା ମଟନ ତରକାରୀ ଖାଆନ୍ତି। ସଂନ୍ଧ୍ୟାରେ ସେ କଞ୍ଚାଲଙ୍କା ଚୋବାଇଥାନ୍ତି। ଲଙ୍କା ତାଙ୍କର ଔଷଧ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ କୌଣସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଘାଳୟରେ ଲଙ୍କାଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କାପ୍ରେମୀ ନାହାନ୍ତି।

# 'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷବ



ରିଷବ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସ୍‌ରେ ସୁନାମି ଆଣିଛି। ସମୟ ବଢ଼ିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ସବୁଠୁ ବଡ଼ କଥା ହେଉଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କନ୍ନଡ଼ ଭାଷାର ଏହି ସିନେମାରେ ରିଷଭ ପୁଣି ଥରେ ନିଜ ଅନ୍ଦାଜରେ ପରଦାକୁ ଓହ୍ଲାଇଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ। ପ୍ରାୟ ଫିଲ୍ମରେ ସିକ୍ୱେଲ୍ ରିଲିଜ୍ ହେଉଥିଲାବେଳେ ରିଷବ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଥିଲେ। ଫିଲ୍ମର କାହାଣୀ, ଚରିତ୍ର ଓ ବିଏଫ୍‌ଏକ୍ସକୁ ବହୁତ ଭଲ ଭାବେ ବଡ଼ ପରଦାରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଧମାଲ କରିଛି। ନିକଟରେ ଏକ ଇଭେଣ୍ଟରେ ଯୋଗ ଦେଇ ଖୋଦ୍ ରିଷବ ଏହାର ସଫଳତାର ରାଜ୍ ଖୋଲିଛନ୍ତି। ରିଷବ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡ଼ିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ।' ରିଷବ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

# ଭାରତର ମିନି ଇସ୍ରାଏଲ

ଭାରତକୁ ବିବିଧତାର ଦେଶ କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ଗାଁ ରହିଛି, ଏଠାକୁ ଭ୍ରମଣ ପାଇଁ ବହୁ ସଂଖ୍ୟାରେ ଇସ୍ରାଏଲ ପର୍ଯ୍ୟଟକ ଆସିଥାନ୍ତି। ଏପରିକି ଘରଭଡ଼ା ନେଇ ଏଠାରେ ଦୀର୍ଘ ଦିନ ଧରି ରହିଥାନ୍ତି। ଗାଁଟିର ନାଁ ଧର୍ମକୋଟ। ଏହା ଧର୍ମଶାଳାଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମକୋଟକୁ ଭାରତର ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମକୋଟର ରେସ୍ତୋରାଁଗୁଡ଼ିକରେ ଭାରତୀୟ ଓ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଭାଷାରେ ଲେଖାଯାଇଥିବା ସାଇନ୍‌ବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସୈନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ବିଶେଷକରି ଅକ୍ଟୋବର ମାସରେ ରୋଷ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ଭୀଷଣ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଫଟୋପ୍ରେମୀ ତଥା ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମକୋଟରେ ବିଦେଶୀ ପର୍ଯ୍ୟଟକମାନେ ଗଳିକନ୍ଦିରେ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇନ୍‌ଷ୍ଟାଗ୍ରାମ୍ ଟ୍ରାଭେଲର୍ ମହମ୍ମଦ ଅମାନ୍ ଧର୍ମକୋଟ୍‌ର ଭିଡିଓ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି।



## ସୁବର୍ଣ୍ଣ

# ଫସଲ ଅମଳ ଯନ୍ତ୍ରପାତି



**ଫସଲର ଅମଳପରବର୍ତ୍ତୀ ସମୟଟି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଫସଲ କାଟିବାରେ ଅଧିକ ଶ୍ରମ ଦରକାର ପଡ଼େ। ଏଥିପାଇଁ ଖର୍ଚ୍ଚ ବଢ଼େ। ଅଧିକ ସମୟ ଲାଗେ। ପରିଶ୍ରମ ମଧ୍ୟ ଅଧିକ ହୁଏ। ତେବେ ପାଗ ଖରାପ ଥିଲେ, ଫସଲ ଅମଳ କାର୍ଯ୍ୟ କରିହୁଏ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯନ୍ତ୍ର ବ୍ୟବହାର କରି ପାରିବେ।**

ଅମଳ ଯନ୍ତ୍ର ମଧ୍ୟରେ ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ର, ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ର ଆଦି ରହିଛି। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଦିନର (୮ଘଣ୍ଟା)ରେ ଏକ ହେକ୍ଟର ଜମିରୁ ଅମଳ ହୋଇପାରୁଥିବାବେଳେ ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ରରେ ଏକ ଘଣ୍ଟାରେ ଏକ ହେକ୍ଟର ଜମିରୁ ଧାନ କଟା ହୋଇପାରିବ। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଏକର ଧାନ କଟା ପାଇଁ ମାତ୍ର ୩୦୦ରୁ ୪୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତରେ କାଟିଲେ ଏକ ଏକରରେ ୧୨ଜଣ ଲୋକ ଦରକାର ପଡ଼େ।

ସେହିପରି କମ୍ବାଇନ୍ ହାର୍ଭେଷ୍ଟର ଏକ ଆଧୁନିକ କୃଷି ଯନ୍ତ୍ର। ଏହା ଧାନ, ମାଣ୍ଡିଆ, ଗହମ ଆଦି ଫସଲ କାଟିଥାଏ। କାଟିବା ସହ ଏକାସାଥିରେ ଗଛରୁ ଶସ୍ୟକୁ ଅଲଗା କରି ସଫା କରିପାରିବ। ବଜାରରେ ବିଭିନ୍ନ ପ୍ରକାର କମ୍ବାଇନ୍ ହାର୍ଭେଷ୍ଟର ଉପଲବ୍ଧ ଅଛି। ଏଥିରେ ୨ରୁ ୬ ମିଟର ଓସାର ଯାଏଁ ଫସଲ କାଟିବାକୁ ଆରି, ଦାନାକୁ ଅଲଗା କରି ସଫା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ଧାନ ଫସଲରେ ପାଖାପାଖି ୦.୬ ହେକ୍ଟର ପ୍ରତି ଘଣ୍ଟା କାମ କରିଥାଏ। ସେହିପରି ବଜାରରେ ଟ୍ରାକ୍ଟର ଚାଳିତ କନଭେୟର ରିପର (ଟ୍ରାକ୍ଟର ଚାଳିତ ଅମଳ ଯନ୍ତ୍ର) ଉପଲବ୍ଧ ରହିଛି।

# ଚାଷୀ ମୁହଁରେ ହସ ଭରିଛି କଳିଙ୍ଗରାଜ




**ଦୃଢ଼ ଇଚ୍ଛାଶକ୍ତି ହିଁ ମଣିଷକୁ ସଫଳତା ଦେଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା, ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ। ଏହାକୁ ବ୍ରତ କରି ସେ ଜଣେ ସଫଳ ଚାଷୀ ଭାବେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**


ଜୟଦେବ ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଆଦି ଚାଷ କରୁଛନ୍ତି। ଏହା ସହିତ ସେ ଅଧିକାଂଶ ଜମିରେ ଧାନ ଚାଷ ମଧ୍ୟ କରୁଛନ୍ତି। ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଜୟଦେବ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେବା ସ୍ୱରୂପ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

କେବଳ ସେତିକି ନୁହେଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ଜୟଦେବ ପ୍ରାୟ ଦୁଇ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଇଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟଂ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୨ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ଚାଷପ୍ରଣାଳୀ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ସେ ୪ଟି ଗ୍ରାମର ଚାଷୀମାନଙ୍କୁ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟୁଛନ୍ତି। ଏହା ସହ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ମଧ୍ୟ ସମ୍ୟକ୍ ଜ୍ଞାନ ପ୍ରଦାନ କରୁଛନ୍ତି।

ଉନ୍ନତ ପ୍ୟାକେଜ୍, ଚାଷପ୍ରଣାଳୀ, ନୂତନ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ମଧ୍ୟ ଜୟଦେବ ଚାଷୀଙ୍କୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

# ଓଲକୋବି ଚାଷ

ଅକ୍ଟୋବର ମାସରେ ରବିଋତୁ ଚାଷ କାମ କରାଯାଏ। ଏହି ସମୟରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ଫୁଲ, ପନି ପରିବା ବିହନ ଲଗାଇ ଲାଭ ପାଇଥା'ନ୍ତି। ଗାଜର, ସିମଳା ଲଙ୍କା, ଲଙ୍କା, ମୂଳା, ବାଇଗଣ, ଟମାଟୋ ଆଦି ଚାଷ କରାଯାଉଥିଲେ ହେଁ, ଓଲ କବି ଚାଷରୁ ଅଧିକ ଲାଭ ମିଳେ।



ଓଲକୋବି ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସ ଉପଯୁକ୍ତ ସମୟ। ଚାଷ ପାଇଁ ନିଗିଡ଼ା, ଦୋରସା ମାଟି ଅନୁକୂଳ। ଏକର ପାଇଁ ୫୦୦ ଗ୍ରାମ୍ ବିହନ ଦରକାର। ତେବେ ମାଟିକୁ ଗୁଣ୍ଡ କରି ସେଥିରେ ଶୁଖିଲା ଖତ ପ୍ରୟୋଗ କରାଯାଏ। ମାଟିକୁ ସମତଳ କରି ପଟାଳି କରି ସେଥିରେ ବିହନ ବୁଣାଯାଏ। ଚାଷ ପୂର୍ବରୁ ମୃତ୍ତିକା ଓ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ। ମୁଖ୍ୟ ଜମିରେ ଓଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୨୫ ସେ.ମିରେ ଲଗାଯାଏ। ଆରମ୍ଭରୁ ହାଲୁକା ଜଳ ସେଚନ କରି ୧୦ରୁ ୧୨ ଦିନ ଅନ୍ତରରେ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଚାହୁଁଥିଲେ, ନିମ୍ବ ଅର୍କ ପ୍ରୟୋଗ କରି ପାରିବେ। ଜୈବିକ ଖତ କିମ୍ବା ଶୁଖିଲା ଗୋବର ଖତ ସହିତ ନିମ୍ବପିଡ଼ିଆ ମିଶାଇ ଗଛମୂଳରେ ଦେବା ଦ୍ୱାରା ଅଧିକ ଅମଳ ହୁଏ। ଗଛ ଲଗାଇବାର ୫୫ରୁ ୬୦ ଦିନ ପରେ ଓଲକୋବି ଅମଳ କରିପାରିବେ।

# କୃଷି ପାଣିପାଗ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- କୋବି ଜାତୀୟ ପନିପରିବା ତଳି ପଟାଳିରେ ତଳିଘରା-କଟା ରୋଗ ଦେଖା ଦେଇଥାଏ। ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ବିହନ ବୁଣିବା ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା କାର୍ବୋକ୍ସିନ ଏବଂ ଥିରାମ ମିଶ୍ରିତ ଫିମ୍ପିନାଶକ ବିହନରେ ମିଶାଇ ବିଶୋଧନ କରନ୍ତୁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ପ୍ରତି କେଜି ବିହନକୁ ୪ ଗ୍ରାମ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ।
- ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ।

## ଘାନାର ଫିଫା ବିଶ୍ୱକପ୍ ଯୋଗ୍ୟତା

ଆକରା, ୧୩।୧୦ (ଏଜେନ୍ସି): ଆଫ୍ରିକା ମହାଦେଶର ୫ମ ଦେଶ ଭାବେ ଘାନା ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଗତକାଲି ରାତିରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଘାନା ଦଳ ୧-୦ ଗୋଲରେ କମରୋସକୁ ପରାସ୍ତ କରିଥିଲା। ମ୍ୟାଚର ୪୭ତମ ମିନିଟ୍‌ରେ ମହମ୍ମଦ କୁଦ୍ଦୁସ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଫଳରେ ଯୋଗ୍ୟତା ପର୍ଯ୍ୟାୟରେ ଘାନା ସମସ୍ତ ୧୦ ମ୍ୟାଚ୍ ଖେଳି ୮ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ସର୍ବାଧିକ ୨୫ ପଏଣ୍ଟ ପାଇ ଗ୍ରୁପ୍-୧ ଟେବଲ ତାଲିକାର ଶୀର୍ଷରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ପୂର୍ବରୁ ଆଫ୍ରିକା ମହାଦେଶରୁ ଇଜିପ୍ଟ, ମରକ୍କୋ, ଟ୍ୟୁନିସିଆ ଓ ଆଲ୍‌ଜେରିଆ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ପାକିସ୍ତାନ କ୍ରିକେଟର୍ ୱାଜିରଙ୍କ ପରଲୋକ

ବର୍ମିଂହାମ୍, ୧୩।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ ଟେଷ୍ଟ କ୍ରିକେଟର୍ ୱାଜିର ମହମ୍ମଦଙ୍କ ପରଲୋକ ଘଟିଛି। ଇଂଲଣ୍ଡର ବର୍ମିଂହାମସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ୱାଜିର ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ପାକିସ୍ତାନର ଜୀବିତ ଥିବା ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର୍ ଭାବେ ବିବେଚିତ ହେଉଥିଲେ। ସେହିଭଳି ନେଲ୍ ହାର୍ଭେ (୯୭ ବର୍ଷ ୫ ଦିନ) ଓ ଟ୍ରେଭର ମ୍ୟାକ୍‌ମୋହନ (୯୫ ବର୍ଷ ୩୩୯ ଦିନ)ଙ୍କ ପରେ ବିଶ୍ୱରେ ଜୀବିତ ଥିବା ତୃତୀୟ ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଥିଲେ। ୱାଜିର ୧୯୫୨ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ଟି ଭାରତ ଓ ପାକିସ୍ତାନ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ମୁକାବିଲା ଥିଲା। କ୍ୟାରିୟରରେ ୨୦ଟି ଟେଷ୍ଟ ଖେଳିଥିବା ୱାଜିର ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ସହ ମୋଟ୍ ୮୦୧ ରନ କରିଥିଲେ।

## ଦ.ଆଫ୍ରିକା-ପାକିସ୍ତାନ ପ୍ରଥମ ଟେଷ୍ଟ: ମୁଥୁସ୍ୱାମୀଙ୍କୁ ୬ ୱିକେଟ

ଲାହୋର,୧୩।୧୦(ଏଜେନ୍ସି): ବାମହାତୀ ସ୍ପିନର ସେନୁରନ ମୁଥୁସ୍ୱାମୀ ୬ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ପାକିସ୍ତାନ ୩୭୮ ରନ୍ କରିଛି। ଦଳ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ ମଧ୍ୟ ୬୫ ରନ୍‌ରେ ଶେଷ ୫ଟି ୱିକେଟ ହରାଇବାରୁ ଦଳ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ପାକିସ୍ତାନ ପକ୍ଷରୁ ଇମାମ-ଉଲ-ହକ୍ ଓ ସଲମାନ ଆଘା ୯୩ ରନ୍ ଲେଖାଏଁ, ଅଧିନାୟକ ସାନ୍ ମାସୁଦ ୭୬ ଓ ମହମ୍ମଦ୍ ରିଜୱାନ ୭୫ ରନ୍ କରିଥିଲେ। ମୁଥୁସ୍ୱାମୀଙ୍କୁ ୧୧୭ ରନ୍‌ରେ ୬ଟି, ଅଫ୍ ସ୍ପିନର ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ନୋମାନ ଅଲିଙ୍କ ବୋଲିଂକୁ ମୁକାବିଲା କରି ନ ପାରି ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୧୬ ରନ୍ କରିନେଇଛି। ଟୋନି ଡି ଜୋର୍ଜି ୮୧ ରନ୍‌ରେ ଅପରାଜିତ ରହିଛନ୍ତି।

### କ୍ୟାମ୍ପବେଲ୍‌ଙ୍କ ପ୍ରଥମ, ୮ ବର୍ଷ ପରେ ହୋପ୍‌ଙ୍କ ଟେଷ୍ଟ ଶତକ


# ବିଜୟଠାରୁ ୫୮ ରନ୍ ଦୂରରେ ଭାରତ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି)

ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଭାରତ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ଟେଷ୍ଟର ଦ୍ୱିତୀୟ ଇନିଂସରେ ଜନ୍ କ୍ୟାମ୍ପବେଲ (୧୧୫) ଓ ସାଇ ହୋପ (୧୦୩)ଙ୍କ ଶତକ ବଳରେ ଫଲୋଅନ ପରେ ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସ ୩୯୦ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଭାରତଠାରୁ ୧୨୦ ରନ୍‌ର ଅଗ୍ରଣୀ ନେଇଥିଲା। ଇଣ୍ଡିଜ୍ ପ୍ରଦତ୍ତ ୧୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ (୮)ଙ୍କ ୱିକେଟ ହରାଇ ୬୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୯ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଭାରତ ଆଉ ମାତ୍ର ୫୮ ରନ୍ ଆବଶ୍ୟକ କରୁଛି। ପୂର୍ବରୁ ୫ ୱିକେଟରେ ୫୧୮ ରନ୍ କରିଥିବା ଭାରତ ଅହମ୍ମଦାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

### ଦ୍ୱିତୀୟ ଇନିଂସରେ ଲଢ଼ିଲା ଇଣ୍ଡିଜ୍

ଏହି ସିରିଜ୍‌ରେ ଖେଳାଯାଇଥିବା ୨ଟି ଟେଷ୍ଟରେ ବ୍ୟାଟିଂ କରିଥିବା ପ୍ରଥମ ୩ଟି ଇନିଂସ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଏଠାରେ ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦଳ ଲଢୁଆ ବ୍ୟାଟିଂ କରିଥିଲେ। ବିଶେଷକରି ତୃତୀୟ ଦିନ ଖେଳ ଶେଷରେ ବ୍ୟାଟିଂ କରିଥିବା ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଚତୁର୍ଥ ଦିନ ସକାଳେ ମଧ୍ୟ ଭାରତୀୟ ସ୍ପିନ୍ ଓ ପେସ୍ ବୋଲରଙ୍କୁ ସମାନ ଶୈଳୀରେ ମୁକାବିଲା କରିଥିଲେ।



ଯାହା ଫଳରେ ଭାରତର ବୋଲରଙ୍କୁ ସଫଳତା ମିଳି ନ ଥିଲା। ଟେଷ୍ଟ ଜୀବନର ପ୍ରଥମ ଶତକ ହାସଲ କରିବା ପରେ ଜନ୍ କ୍ୟାମ୍ପବେଲ ରିଭର୍ସ ସୁଇପ୍ କରିବାକୁ ଯାଇ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ୧୯୯ ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ୧୧୫ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ହୋପ୍‌ଙ୍କୁ ରୋଷ୍ଟୋନ ଚେଜ୍‌ଙ୍କ ରୂପରେ ଜଣେ ଭଲ ପାର୍ଟନର ମିଳିଥିଲା। ଏମାନେ ଚତୁର୍ଥ ୱିକେଟରୁ ୫୯ ରନ୍ ଉଠାଇଥିଲେ। ଏହି ସମୟରେ ଭାରତ ନୂଆ ବଲ୍ ନେଇଥିଲା। ମହମ୍ମଦ୍ ସିରାଜ ନୂଆ ବଲ୍‌ରେ ହୋପଙ୍କୁ ଆଉଟ କରି ତାଙ୍କ ପ୍ରତିରୋଧ ଶେଷ କରିଦେଇଥିଲେ। ୨୧୪ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ୧୨ ଚୌକା ଓ ୨ ଛକା ସହ ୧୦୩ ରନ୍‌ରେ ଆଉଟ ହୋଇଥିଲେ ହୋପ୍। ତାଙ୍କ ଆଉଟ ସହ ୱେଷ୍ଟଇଣ୍ଡିଜ୍‌ର ସାମୟିକ ବିପର୍ଯ୍ୟୟ ଘଟିଥିଲା। ଏକଦା ଦଳ ୩ ୱିକେଟରେ ୨୭୧ ରନ୍ କରିଥିଲାବେଳେ ହୋପ୍‌ଙ୍କ ଆଉଟ ପରେ ସ୍କୋର ୯ ୱିକେଟରେ ୩୧୧ ରନ୍‌ରେ ପହଞ୍ଚିଥିଲା। କିନ୍ତୁ ଶେଷ ୱିକେଟରେ ଜଷ୍ଟିନ ଗ୍ରିଭ୍‌ସ ଓ ଜେଡେନ ସିଲ୍ସ ଲଢୁଆ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ପୁଣିଥରେ ନିରାଶ କରିଥିଲେ। ଏମାନେ ୨୨ ଓଭର ବ୍ୟାଟିଂ କରି ୭୯ ରନ୍ ଉଠାଇବା ପରେ ଯୋଡି ଭାଙ୍ଗିଥିଲା। ଶେଷ ୩ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ସିଲ୍ସଙ୍କୁ ୩୨ ରନ୍‌ରେ ଆଉଟ କରି ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସଙ୍କ ୩୯୦ ରନ୍‌ରେ ଶେଷ କରିଥିଲେ। ନିମ୍ନ ଭାଗରେ କୁଳଦୀପ ଯାଦବ ୩ଟି ୱିକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ମହମ୍ମଦ୍ ସିରାଜ ୨ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟାଟରଙ୍କୁ ଆଉଟ କରିଥିଲେ।

କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କ୍ୟାମ୍ପବେଲ ହୋପ୍ ତୃତୀୟ ୱିକେଟରେ ୨୯୫ ବଲ୍ ଖେଳି ୧୭୭ ରନ୍ କରିବା ଫଳରେ ୱେଷ୍ଟଇଣ୍ଡିଜ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଟେଷ୍ଟ କ୍ରିକେଟରେ କ୍ୟାମ୍ପବେଲ ପ୍ରଥମ ଶତକ ହାସଲ କରିଛନ୍ତି। ସେହିପରି ରେଡ୍‌ବଲ୍ କ୍ରିକେଟରେ ହୋପ୍ ଦୀର୍ଘ ୮ ବର୍ଷ ପରେ ହୋପ୍ ୩ ଅଙ୍କରେ ପହଞ୍ଚିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରରେ ତୃତୀୟ ଶତକ। ଶେଷଯାଏ ଆଉଟ ହୋଇ ନ ଥିବା ଜଷ୍ଟିନ ଗ୍ରିଭ୍‌ସ ମଧ୍ୟ ୫୦ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଲଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/୧୦, ୧୧୮.୫ ଓଭର** (କ୍ୟାମ୍ପବେଲ-୧୧୫, ହୋପ୍-୧୦୩, ବୁମ୍‌ରା-୩/୪୪, କୁଲଦୀପ-୩/୧୦୪, ସିରାଜ୍-୨/୪୩)।

**ଭାରତ ଦ୍ୱିତୀୟ ଇନିଂସ: ୬୩/୧,୧୮ ଓଭର** (ଜୟସ୍ୱାଲ-୮, ରାହୁଲ-ବ୍ୟାଟିଂ-୨୫, ସାଇ ସୁଦର୍ଶନ-ବ୍ୟାଟିଂ-୩୦, ୱାରିକାନ୍-୧/୧୫)।

### ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ନିର୍ବାଚନ

## ସୁଶାନ୍ତ ସାହୁ ନୂଆ ସମ୍ପାଦକ



ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ (ଓର୍‌ଫା)ର ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରତ୍ୟେକ ପଦ ଲାଗି ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କ୍ରମାଗତ ତୃତୀୟଥର ଲାଗି ସଭାପତି ଦାୟିତ୍ୱ ସମ୍ଭାଳିବେ। ସେହିପରି ପୂର୍ବତନ ଖେଳାଳି ଭୁବନେଶ୍ୱରର ସୁଶାନ୍ତ କୁମାର ସାହୁ ନୂଆ ସମ୍ପାଦକ ହୋଇଛନ୍ତି। ଏହି ପଦରେ ଥିବା ଉପେନ୍ଦ୍ର ମହାନ୍ତି ଉପସଭାପତି ହୋଇଛନ୍ତି। ଶକ୍ତିରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ପଦ ବଜାୟ ରଖିଥିଲାବେଳେ ଦଶରଥପୁର, ଯାଜପୁରର ଭରତ କୁମାର ସାହୁ ନୂଆ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ତଥା ନିର୍ବାଚନ ଅଧିକାରୀ ରତିକାନ୍ତ ମହାପାତ୍ର ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସିଇଓ ଅଙ୍କୁଶ ଅରୋରା ଓ ଓଡ଼ିଶା ଅଲିମ୍ପିକ୍ ସଂଘର ଅଜୟ ବେହେରା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗଦେଇଥିଲେ। କ୍ରୀଡ଼ାବିଭାଗର ଓଏସ୍‌ଡି ସନାତନ ସାହୁ ପର୍ଯ୍ୟବେକ୍ଷକ ଓ ଭୁବନେଶ୍ୱର ଦୌଡ଼କୁଦ ସଂଘର ସମ୍ପାଦକ ଏସ୍‌ଆର୍ ପରିଜା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓର୍‌ଫାର ଆଜୀବନ ସଦସ୍ୟ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ଓ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିଶ୍ୱକପ୍: ଦ.ଆଫ୍ରିକାର ବ୍ୟାଟିଂ ବିପର୍ଯ୍ୟୟ

ବିଶାଖାପାଟନମ, ୧୩।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୪ତମ ମୁକାବିଲାରେ ସୋମବାର ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୬ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଶରମିନ ଅଖତର (୫୦)ଓ ଶୋରନା ଅଖତର (୫୧) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ଏନ୍. ମାଲବାଙ୍କା ୨ଟି ୱିକେଟ୍ ମିଳିଥିଲା। ଜବାବରେ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ଦକ୍ଷିଣ ଆଫ୍ରିକା ମହିଳା ଦଳ ୨୩ ଓଭରରେ ୫ ୱିକେଟ୍ ହରାଇ ୮୧ ରନ ସଂଗ୍ରହ କରିଛି। ଚଳିତ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ସେହିଭଳି ବାଂଲାଦେଶ ୩ ମ୍ୟାଚରୁ ଗୋଟିଏ ବିଜୟ ଓ ୨ଟି ପରାଜୟ ସହ ୨ ପଏଣ୍ଟ ପାଇଛି। ମଙ୍ଗଳବାର ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା- ନ୍ୟୁଜିଲାଣ୍ଡ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

### ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

## ପୁରୁଷ ସେମିରେ ଚୀନ୍-ଜାପାନ



ଭୁବନେଶ୍ୱର,୧୩।୧୦(ସମିସ): ଚୀନ୍ ଓ ଜାପାନ ମଧ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର ପୁରୁଷ ବିଭାଗ ସେମିଫାଇନାଲ ଖେଳାଯିବ। ସେହିପରି ଅନ୍ୟ ଏକ ସେମିଫାଇନାଲ ଚାଇନିଜ୍ ତାଇପେଇ ଓ ହଂକଂ ଚାଇନା ମଧ୍ୟରେ ଖେଳାଯିବ। ସୋମବାର ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଚୀନ୍ ୩-୧ରେ ଇରାନକୁ ଓ ଚାଇନିଜ୍ ତାଇପେଇ ୩-୨ରେ ଉତ୍ତର କୋରିଆକୁ ପରାସ୍ତ କରି ସେମିଫାଇନାଲ ସ୍ଥାନ ପକ୍କା କରିଥିଲେ। ଗତକାଲି ଖେଳାଯାଇଥିବା ଅନ୍ୟ ଏକ କ୍ୱାର୍ଟରରେ ଭାରତକୁ ହରାଇ ହଂକଂ ଚାଇନା ପ୍ରଥମ ଦଳ ଭାବେ ସେମିକୁ ଉନ୍ନୀତ ହୋଇଥିଲା।

ମହିଳା ବିଭାଗରେ ଦକ୍ଷିଣ କୋରିଆ ଓ ଜାପାନ ପ୍ରଥମ ଦୁଇ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆଜି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯାଉଛି। ଏହା ମଧ୍ୟରୁ ପ୍ରଥମ କ୍ୱାର୍ଟରରେ ଚୀନ୍ ୩-୦ରେ ଥାଇଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସେମିରେ ଚୀନ୍ ସହ ଦକ୍ଷିଣ କୋରିଆର ମୁକାବିଲା ହେବ। ଶେଷ କ୍ୱାର୍ଟର ଫାଇନାଲ ଭାରତ ଓ ସିଙ୍ଗାପୁର ମଧ୍ୟରେ ଖେଳାଯାଉଛି। ଏହି ମ୍ୟାଚ୍‌ର ବିଜେତା ଦଳ ସେମିରେ ଟପ୍ ସିଡ୍ ଜାପାନ ସହ ଖେଳିବ।

## ସୂର୍ଯ୍ୟବଂଶୀ ଉପ-ଅଧିନାୟକ

ପାଟନା, ୧୩।୧୦ (ଏଜେନ୍ସି): ଆଉ ଦିନକ ପରେ ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହେବ। ଏଥିଲାଗି ଶାକିବୁଲ୍ ଘାନିଙ୍କ ନେତୃତ୍ୱରେ ୧୫ ଜଣିଆ ବିହାର ଦଳ ଘୋଷଣା କରାଯାଇଛି। ସେହିଭଳି ୧୪ ବର୍ଷୀୟ ଯୁବ ବ୍ୟାଟିଂ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ଲେଟ୍ ଡିଭିଜନରେ ସ୍ଥାନ ପାଇଥିବା ବିହାର ଅକ୍ଟୋବର ୧୫ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

### ● ବିନୁ ମଙ୍କଡ଼ ଟ୍ରଫି

## ବିଦର୍ଭକୁ ହରାଇଲା ଓଡ଼ିଶା



କଟକ,୧୩।୧୦(ସମିସ): ବିନୁ ମଙ୍କଡ଼ ଟ୍ରଫିର ପ୍ରଥମ ମୁକାବିଲାରେ ପରାସ୍ତ ପରେ ଲଗାତର ଦୁଇଟି ମ୍ୟାଚ୍ ଜିତି ଓଡ଼ିଶା ଏଲିଟ ଗ୍ରୁପ-ଏ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସୋମବାର ଓଡ଼ିଶା ୭୪ ରନରେ ବିଦର୍ଭକୁ ହରାଇଛି। ହରିୟାଣାର ଗୁରୁଗ୍ରାମ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ଦଳ ସମସ୍ତ ୱିକେଟ ହରାଇ ୨୧୮ ରନ କରିଥିଲା। ଓଡ଼ିଶା ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ସର୍ବାଧିକ ୩୯, ବିଶ୍ୱଜିତ ପ୍ରଧାନ ୩୧ ରନ କରିଥିଲେ। ବିଦର୍ଭର ହିମାଂଶୁ କୱାଲେ ଏବଂ ଓମ୍ ଧୋତ୍ରେ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୧୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବିଦର୍ଭର ଇନିଂସ୍ ୧୪୪ ରନରେ ସୀମିତ ରହିଥିଲା। ସୟଦ ଟି ଅହମ୍ମଦ ଏବଂ ପିୟୂଷ ରଞ୍ଜନ ମନ୍ତ୍ରୀ ଯଥାକ୍ରମେ ୪ଟି ଓ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆସନ୍ତା ୧୫ ତାରିଖରେ ଓଡ଼ିଶା ୪ର୍ଥ ଲିଗ୍‌ରେ ଗୋଆକୁ ଭେଟିବ।

### ■ ସିନିଅର ମହିଳା ଟି-୨୦

## ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ

କଟକ,୧୩।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତର ୪ର୍ଥ ପରାଜୟର ସମ୍ମୁଖୀନ ହୋଇଛି। ଏ ପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖି ପାରି ନ ଥିବା ଓଡ଼ିଶା ଗ୍ରୁପ-ସି ପଏଣ୍ଟ ଟେବଲର ୮ମ ସ୍ଥାନରେ ରହିଥିବାବେଳେ କ୍ୱାର୍ଟର ଆଶା କ୍ଷୀଣ ହେବାରେ ଲାଗିଛି। ଆଜି ଗ୍ୱାଲିୟରରେ ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତନ୍ମୟୀ ବେହେରାଙ୍କ ୪୪, ମାଧୁରୀ ମେହଟାଙ୍କ ୨୬ ରନ ସହାୟତାରେ ଦଳ ୮ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ୬ ୱିକେଟ ହରାଇ ଅନ୍ତିମ ବଲରେ ଆନ୍ଧ୍ର ବିଜୟୀ ହୋଇଥିଲା। ଅଧିନାୟିକା ମେଘନା ୫୬ ଓ ଅନୁଷା ୨୧ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି କେ ପ୍ରସାଦ ୨ଟି ୱିକେଟ ହାସଲ କରିଥିଲେ।

### ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ସ୍ୱର୍ଣ୍ଣ ସହ ପ୍ରତୀକଙ୍କ ବିଶ୍ୱ ଯୋଗ୍ୟତା

ଭୁବନେଶ୍ୱର, ୧୩।୧୦ (ସମିସ)




ଘରୋଇ ଓଡ଼ିଶାର ଯୁବ ଧାବକ ପ୍ରତୀକ ମହାରଣା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାର ୪ର୍ଥ ଦିବସରେ ସୋମବାର ପ୍ରତୀକ ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସରେ ଏହି ସଫଳତା ପାଇଥିଲେ। ପ୍ରତୀକ ପୋଡିୟମର ଶୀର୍ଷରେ ରହିବା ସହ ଆଗାମୀ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ (୨୦ ବର୍ଷରୁ କମ୍)କୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ପ୍ରତୀକଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଉଲ୍ଲେଖଯୋଗ୍ୟ, ୨ୟ ଦିବସରେ ଆଲୋକିକା ସ୍ୱାଇଁ ମହିଳା ୧୮ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ଗତକାଲି ଓଡ଼ିଶାର କୁନି ରାଜଗୋଣ୍ଡା ରୌପ୍ୟ ପଦକ ବିଜୟୀ ହୋଇଥିଲେ। କୁନି ବାଳିକା ୧୪ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ କୁନି ଏହି ସଫଳତା ପାଇଥିଲେ।

### ସଟ୍‌ପୁଟ୍‌ରେ ଓମକାରଙ୍କୁ କାଂସ୍ୟ




ସେହିଭଳି ଆଉ ଜଣେ ଓଡ଼ିଆ ଆଥ୍‌ଲେଟ୍ ମଧ୍ୟ ସୋମବାର ପଦକ ସଫଳତା ପାଇଛନ୍ତି। ସେ ହେଲେ ଓମ୍‌କାର ପ୍ରସାଦ ନନ୍ଦ। ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୮.୨୪ ମିଟର ଫିଙ୍ଗି ୩ୟ ସ୍ଥାନରେ ରହିଥିଲେ। ଏଥିରେ ତେଲଙ୍ଗାନାର ସାଇକ୍ରିଷ୍ଣା (୧୮.୪୨ମି) ଓ ଉତ୍ତରପ୍ରଦେଶର ଅନୁଜ କୁମାର (୧୮.୩୧ମି) ଯଥାକ୍ରମେ ପୋଡିୟମର ପ୍ରଥମ ଓ ୨ୟ ସ୍ଥାନରେ ରହିଥିଲେ। ମଙ୍ଗଳବାର ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିସାରିଛି।

## ଓଡ଼ିଶା ସିନିଅର ଗେଟ୍‌ବଲ ଚାମ୍ପିଅନ




ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ୧୮ତମ ଜାତୀୟ ସିନିଅର ଗେଟ୍‌ବଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମଧ୍ୟପ୍ରଦେଶ ଓ ବିହାରକୁ କାଂସ୍ୟ ପଦକ ମିଳିଛି। ଡବଲ ଇଭେଣ୍ଟରେ ଶିବରାମ ସ୍ୱାଇଁ ଓ ମହମ୍ମଦ୍ ଅମନ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ଡବଲ୍ସ ଇଭେଣ୍ଟ ଖେଳାଯାଇଥିଲା। ଏଥିରେ ମହାରାଷ୍ଟ୍ର ଯୋଡିକୁ ସ୍ୱର୍ଣ୍ଣ ଏବଂ ଓଡ଼ିଶାର ନମ୍ରତା କର୍ଣ୍ଣାଲ ଓ ତମନ୍ନା ରାୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଗେଟ୍‌ବଲ ଫେଡେରେସନର ସମ୍ପାଦକ ପରଭିନ ମାମେଣ୍ଟକର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ଲାଗି ଓଡ଼ିଶା ଗେଟ୍‌ବଲ ସଂଘ ସମ୍ପାଦକ ମହମ୍ମଦ୍ ଆଜମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS